

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୧ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 21 OCTOBER 2022
Vol.No. 33 ■ No. 273 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଇସ୍ତଫା ଦେଲେ ବ୍ରିଟେନ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ

ଲଣ୍ଡନ,୨୦/୧୦ : ବ୍ରିଟେନର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଲିଜ୍ ଟ୍ରସ। ସେ ମାତ୍ର ୪୫ ଦିନ ତଳେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ହେଲେ ଦେଶର ଆର୍ଥିକ ସଙ୍କଟ ଉଗ୍ର ରୂପ ଧାରଣ କରିଥିବାରୁ ଟ୍ରସ୍‌ଙ୍କ ଉପରେ ଚାପ ବଢ଼ିଥିଲା। ଏହି ଚାପକୁ ସହ୍ୟ ନ କରିପାରି ଆଜି ସେ ପ୍ରଧାନମନ୍ତ୍ରୀ ପଦ ଛାଡ଼ି ଦେଇଛନ୍ତି। ଟ୍ରସ୍ ଇସ୍ତଫା ଦେଇଥିବାରୁ ତାଙ୍କ ବିରୋଧରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ପାଇଁ ଲଢ଼େଇ କରି ହାରିଥିବା ଭାରତୀୟ ବଂଶୋଦ୍ଭବ ଋଷି ସୁନାକ ବ୍ରିଟେନର ଶାସନ ଭାରି ସମ୍ଭାଳିବା ସମ୍ଭାବନା ସୃଷ୍ଟି ହୋଇଛି। ଟ୍ରସ୍ କହିଛନ୍ତି, "ଯେଉଁ କାରଣ ପାଇଁ ମୋତେ ଶାସନ କରିବାକୁ କ୍ଷମତା ମିଳିଥିଲା, ମୁଁ ସେ କାମ କରିବାରେ ଅକ୍ଷମ ହୋଇଛି। ଏକଥା ମୁଁ ରାଜାଙ୍କ ସହ ମଧ୍ୟ କଥା ହୋଇଛି। ମୋ



ନିଷ୍ପତ୍ତି ସମ୍ପର୍କରେ ତାଙ୍କୁ ଜଣାଇ ଦେଇଛି। ଏବେ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ନିଯୁକ୍ତ ହେବା ଯାଏ ମୁଁ ଏହି ପଦରେ ରହିବି।" ଟ୍ରସ ଦେଶର ଅର୍ଥନୀତିକୁ ସୁଧାରିବା ପ୍ରତିଶ୍ରୁତି ଦେଇ କଞ୍ଜରଭେଟିଭ ପ୍ରାର୍ଥୀର ସମର୍ଥନ ହାସଲ କରିଥିଲେ ଓ ପ୍ରଧାନମନ୍ତ୍ରୀ ମଧ୍ୟ ହୋଇଥିଲେ। ଟ୍ରସ୍ ଆଜି ଇସ୍ତଫା ଦେବା ପୂର୍ବରୁ ଗତକାଲି ତାଙ୍କ କ୍ୟାବିନେଟରୁ ହମନ୍ତ୍ରୀ ତଥା ଭାରତୀୟ ବଂଶୋଦ୍ଭବ ସୁଏଲା ବ୍ରାବରମନ ଇସ୍ତଫା ଦେଇଥିଲେ। ବ୍ରିଟେନରେ ବର୍ତ୍ତମାନ ରାଜନୀତିକ ଓ ଅର୍ଥନୀତିକ ସଙ୍କଟ ଦେଖାଯାଇଛି। ବିବାଦ ଯୋଗୁ ମାତ୍ର କିଛି ମାସ ତଳେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେଇଥିବା ଟ୍ରସଙ୍କ ଚୌକି ଟଳମଳ ହୋଇଥିଲା। ଏସବୁ ଭିତରେ ହିଁ ସୁଏଲା ଗୃହମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସପ୍ତାହକ ମଧ୍ୟରେ ଲିଜ୍ ଟ୍ରସଙ୍କ କ୍ୟାବିନେଟରୁ ଦ୍ୱିତୀୟ ସଦସ୍ୟ ଭାବେ ସୁଏଲା ବାହାରି ଯାଇଥିଲେ। ଅକ୍ଟୋବର ୧୪ରେ ଟ୍ରସ୍‌ଙ୍କ କ୍ୟାବିନେଟରେ ଅର୍ଥମନ୍ତ୍ରୀ ଥିବା କଓ୍ୱାସି କଓ୍ୱାରଟେଙ୍ଗଙ୍କୁ ପଦ ଛାଡ଼ିବାକୁ କୁହାଯାଇଥିଲା। ତାଙ୍କ ସ୍ଥାନରେ ବ୍ରିଟେନର ଅର୍ଥମନ୍ତ୍ରୀ ଭାବେ ଜେର୍ମୀ ହଣ୍ଟଙ୍କୁ ଦାୟିତ୍ୱ ଦିଆଯାଇଥିଲା। କରୋନା ଯୋଗୁ ଦେଶର ଅର୍ଥନୀତିକ ସ୍ଥିତି ବିଗିଡ଼ି ଯାଇଛି। ଏହାକୁ ସୁଧାରିବାର ପ୍ରତିଶ୍ରୁତି ଦେଇ ଟ୍ରସ ପ୍ରଧାନମନ୍ତ୍ରୀ ଗାଦିରେ ବସିଥିଲେ। ହେଲେ ସେ ଏ ଦିଗରେ କୌଣସି ପ୍ରକାରର ପଦକ୍ଷେପ ନେବାକୁ ସକ୍ଷମ ହୋଇନାହାନ୍ତି। ଏଥିପାଇଁ ତାଙ୍କ ଦଳ ସହ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧିବା ଆରମ୍ଭ ହୋଇଥିଲା। ଏଥିପାଇଁ ଟ୍ରସ ମଧ୍ୟ ଇସ୍ତଫା ଦେଇଥିବା କୁହାଯାଉଛି।

## ଓଡିଶା ଛୁଇଁବନି ସମ୍ଭାବିତ ବାତ୍ୟା

### ୨୪, ୨୫ ଉପକୂଳ ଓଡିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୦/୧୦(ନି.ପ୍ର): ଗତକାଲିର ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି (ଗୁରୁବାର) ଉତର-ଆଣ୍ଡାମାନ ସାଗର ତତ-ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ପାର୍ଶ୍ୱବର୍ତୀ ଦକ୍ଷିଣପୂର୍ବ ସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ରହିଛି । ଲଘୁଚାପ କ୍ଷେତ୍ର ପ୍ରଭାବରେ ବାତ୍ୟା ସୃଷ୍ଟି ହେବା ସ୍ପଷ୍ଟ ହୋଇଛି। ଯାହାର ନାଁ ରଖାଯାଇଛି ସିତ୍ରାଙ୍ଗ। ହେଲେ ଓଡ଼ିଶା ଉପରେ ଏହି ବାତ୍ୟାର ସେପରି କିଛି ପ୍ରଭାବ ପଡ଼ିବ ନାହିଁ। ଏହା ଓଡ଼ିଶା ଉପକୂଳ ସ୍ପର୍ଶ କରିବାର ସମ୍ଭାବନା ନାହିଁ। ଓଡ଼ିଶା ଉପକୂଳ ପାଖାପାଖି ଗତି କରି ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳ ଆଡ଼କୁ ମୁହାଁଇବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ମହାନିର୍ଦ୍ଦେଶକ



ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ଆଇଏମ୍‌ଡି ଡିଜି କହିଛନ୍ତି, ଉତର ଆଣ୍ଡାମାନ ସାଗର ଓ ନିକଟବର୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଧୀରେ ଧୀରେ ପଶ୍ଚିମ-ଉତର ପଶ୍ଚିମ ଦିଗରେ ଗତି କରି ୨୨ ତାରିଖ ବେଳକୁ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ନିକଟସ୍ଥ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ଏହି ଅବପାତ ସୃଷ୍ଟି ହେବ। ତାହା ପଶ୍ଚିମ-ଉତର ପଶ୍ଚିମ ଦିଗରେ ଗତି ଜାରି ରଖିବ। ଏହା ୨୩ ତାରିଖ ବେଳକୁ ଗଭୀର ଅବପାତରେ ପରିଣତ ହେବ। ୨୪ ତାରିଖରେ ଏହା ଦିଗ ପରିବର୍ତ୍ତନ ▶▶ପୃଷ୍ଠା ୭

## ୨ ଦିନରେ ଓଡିଶାରୁ ଫେରିଯିବ ମୌସୁମୀ

ଭୁବନେଶ୍ୱର, ୨୦/୧୦(ନି.ପ୍ର): ରାଜ୍ୟରୁ ମୌସୁମୀ ଅପସାରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ରାଜ୍ୟର ଅନେକ ଅଂଚଳରୁ ଆଜି ମୌସୁମୀ ଅପସାରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଗାମୀ ୨ଦିନ ମଧ୍ୟରେ ମୌସୁମୀ ବାୟୁ ଓଡିଶା ଛାଡିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାରିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଜି ଉତର ସମ୍ପୂର୍ଣ୍ଣ ଓଡିଶା ସହ ଦକ୍ଷିଣ ଓଡ଼ିଶାର ନୟାଗଡ, ବୌଦ୍ଧ, ସୋନପୁର, ବଲାଙ୍ଗୀର ରୁ ମୌସୁମୀ ସମ୍ପୂର୍ଣ୍ଣ ଅପସାରଣ ହୋଇଥିବା ବେଳେ ପୁରୀ, ଖୋର୍ଦ୍ଧା, କନ୍ଧମାଳ, କଳାହାଣ୍ଡି ଏବଂ ନୂଆପଡା ରୁ ଆଂଶିକ ଭାବେ ଅପସାରଣ ହୋଇଛି । ଆଗାମୀ ୨ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଓଡିଶାରୁ ଅପସାରଣ ପାଇଁ ପାଗ ଅନୁକୂଳ ରହିଛି।

## ଆଜି କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର, ୨୦/୧୦(ନି.ପ୍ର): ଆସନ୍ତାକାଲି (ଶୁକ୍ରବାର) ସଂଧ୍ୟା ୬ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିପାରେ।

## ୧୪.୭୦ କୋଟି ଟଙ୍କାର ୯ ଟି ପ୍ରକଳ୍ପର ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦/୧୦(ନି.ପ୍ର): ଆସନ୍ତାକାଲି (ଶୁକ୍ରବାର) ସଂଧ୍ୟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୧୪.୭୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୯ ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏଥି ସହିତ ମୁଖ୍ୟମନ୍ତ୍ରୀ ୩୩.୬୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୯ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିବେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଲୋଗୋ ଉନ୍ମୋଚନ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପର୍ଯ୍ୟାଲୋଚନା ନିମନ୍ତେ ପରିଷଦ ଦ୍ୱାରା ପ୍ରସ୍ତୁତ ଏକ ମନିଟରିଂ ଆପ୍ଲିକେସନ୍ ର ମଧ୍ୟ ଶୁଭାରମ୍ଭ କରିବେ । ବରଗଡ଼ ଜିଲ୍ଲାର



ପଦ୍ମପୁରସ୍ଥିତ ଆଂଚଳିକ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷ, ବଲାଙ୍ଗିର ଜିଲ୍ଲାର ସଦର ମହକୁମାଠାରେ ଏକ କଲ୍ୟାଣ ମଣ୍ଡପ ଓ ଟିଟିଲାଗଡ଼ ବାଳକ ଉଚ୍ଚ ବିଦ୍ୟାଳୟର ଏକାଡେମିକ୍ ବ୍ଲକ୍, ବୌଦ୍ଧ ଜିଲ୍ଲା ସଂଗ୍ରହାଳୟର ସଂପ୍ରସାରଣ, ଦେବଗଡ଼ ଜିଲ୍ଲାର ସାଂସ୍କୃତିକ ପ୍ରେକ୍ଷାଳୟ ତଥା କ୍ରୀଡ଼ା କକ୍ଷ, ଝାରସୁଗୁଡ଼ା ଜିଲ୍ଲାର ମରାକୁଟାଠାରେ କହ୍ନେଇନାଳ ଉପରେ ପୋଲ, କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଟାଉନ୍ ହଲ ଓ ଜୁନାଗଡ଼ ଏନ୍‌ଏସିଠାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଷ୍ଟାଡିୟମ୍ ଓ ନୂଆପଡ଼ା ଜିଲ୍ଲାର କୋମନାଠାରେ ମାଣ୍ଡିଆ ଆଦି ଶସ୍ୟର ▶▶ପୃଷ୍ଠା ୭

## ନଭେମ୍ବର ୪ରେ ଓଡିଶା ଆସିବେ ମୋହନ ଭାଗବତ

ଭୁବନେଶ୍ୱର, ୨୦/୧୦(ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ.ମୋହନ ଭାଗବତ ଆସନ୍ତା ନଭେମ୍ବର ୪ ତାରିଖରେ ୪ ଦିନିଆ ଓଡିଶା ଗସ୍ତରେ ଆସିବେ। ଡ.ମୋହନ ଭାଗବତ ନଭେମ୍ବର ୪ ତାରିଖ ଦିନ ସଂଧ୍ୟା ୬ ଘଟିକାରେ ଭୁବନେଶ୍ୱରରେ ପହଁଚିବେ ଏବଂ ୭ ତାରିଖ ଅପରାହ୍ନ ୨ ଘଟିକା ସମୟରେ ପ୍ରତ୍ୟାବର୍ତନ କରିବେ ବୋଲି ସଂଘର ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ରବିନାରାୟଣ ପଣ୍ଡା ପ୍ରକାଶ କରିଛନ୍ତି । ଶ୍ରୀ ପଣ୍ଡା କହିଛନ୍ତି ଯେ, ଡ. ଭାଗବତ ତାଙ୍କ ପ୍ରବାସ ସମୟରେ ନଭେମ୍ବର ୫ ଓ ୬ ତରାଖ ଦିନ କଟକ, ଗତିରାଉତପାଟଣାର କେଶବଧାମରେ ଅନୁଷ୍ଠିତ ହେବାକୁ ଥିବା ସଂଘର ଅଖିଳ ଭାରତୀୟ ବ୍ୟବସ୍ଥା ବୈଠକରେ ଯୋଗଦେଇ ମାର୍ଗଦର୍ଶନ କରିବେ । ଏହି ବୈଠକରେ ସାଧାରଣତଃ ସାଂଗଠନିକ ବିଷୟ ଉପରେ ଧ୍ୟାନ ଦିଆଯିବ। ସାରା ଭାରତରୁ ୨୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତା ଯୋଗଦେବେ। ସରସଂଘଚାଳକଙ୍କ ଏହି ପ୍ରବାସ ସମୟରେ କୌଣସି ସାଧାରଣ ସଭା ଅନୁଷ୍ଠିତ ହେବ ନାହିଁ ।

## ଉଗ୍ର ରୂପ ଧାରଣ କରୁଛି ଋଷ-ୟୁକ୍ରେନ ଯୁଦ୍ଧ

ନୂଆଦିଲ୍ଲୀ, ୨୦/୧୦ : ପୁଣି ଉଗ୍ର ରୂପ ଧାରଣ କରିଛି ଋଷ-ୟୁକ୍ରେନ ଯୁଦ୍ଧ । ଋଷ ସେନା ଉପରେ ଭାରି ପଡୁଛନ୍ତି ୟୁକ୍ରେନ ସେନା । ଫଳରେ ଋଷ ୟୁକ୍ରେନର ସହର ଉପରେ ମିଶାଇଲ ଆକ୍ରମଣ ଜୋରଦାର କରିଛି । ୟୁକ୍ରେନରେ ଥିବା ୩୦ ପ୍ରତିଶତରୁ ଅଧିକ ବିଦ୍ୟୁତ୍ କେନ୍ଦ୍ର ଉପରେ ଋଷ ମିଶାଇଲ ମାଡ କରିଛି । ୟୁକ୍ରେନର ବିଦ୍ୟୁତ କେନ୍ଦ୍ର ଉପରେ ପ୍ରାୟ ଋଷ ସେନା ପ୍ରାୟ ୩୦୦ ରୁ ଅଧିକ ମିଶାଇଲ ମାଡ କରିଛି । ଫଳରେ ୟୁକ୍ରେନରେ ପ୍ରଥମ ଥର ପାଇଁ ବିଦ୍ୟୁତ୍ ସଙ୍କଟ ଦେଖାଦେଇଛି । ହେଲେ ଖେରସେନ ଅଂଚଳର କିଛି ଅଂଚଳରେ ୟୁକ୍ରେନ ସେନା ଋଷ ସେନାକୁ ବିତାଡିତ କରିବାରେ ସକ୍ଷମ ହୋଇଛି । ଋଷର ସ୍ୱତନ୍ତ୍ର ସାମରିକ ଅପରେସନର ନୂଆ କମାଣ୍ଡର ସେର୍ଗି ସୁରୋଭିକିନ କହିଛନ୍ତି, ଖେରସେନରେ ପରିସ୍ଥିତି



ଅତ୍ୟନ୍ତ ଜଟିଳ ରହିଛି । ୟୁକ୍ରେନ ସେନା ଭିତିଭୂମି ଏବଂ ସାଧାରଣ ଜନବସତିକୁ ଟାର୍ଗେଟ କରି ଆକ୍ରମଣ କରୁଛି । ତେଣୁ ୟୁକ୍ରେନର ପ୍ରମୁଖ ସହର ଗୁଡିକରୁ ଜନସାଧାରଣଙ୍କୁ ଖାଲି କରିବାକୁ ଋଷ ଘୋଷଣା କରିଛି । ଉପରେ ଦେଶର ସେନା ଏବେ ସାଧାରଣ ଲୋକଙ୍କୁ ଆକ୍ରମଣ କରିବାକୁ ପଛାଉନଥିବାରୁ ତୁରନ୍ତ ୟୁକ୍ରେନ ଛାଡିବାକୁ ଭାରତ ସମେତ ଅନ୍ୟ ଦେଶମାନେ ସେମାନଙ୍କ ନାଗରିକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ଭାରତୀୟ ନାଗରିକ ଏବେ ୟୁକ୍ରେନ ନଯିବାକୁ ଭାରତ ପକ୍ଷରୁ କୁହାଯାଇଛି । ୟୁକ୍ରେନରେ ଥିବା ଛାତ୍ର ଏବଂ ଭାରତୀୟମାନଙ୍କୁ ତରନ୍ତ ଯେକୌଣସି ଉପାୟରେ ୟୁକ୍ରେନ ଛାଡିବାକୁ ୟୁକ୍ରେନରେ ଥିବା ଭାରତୀୟ ଦୂତାବସ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି ।

## ଲ୍ୟାବରେ ତିଆରି ହେଲା କରୋନାର ମାରାତ୍ମକ ଷ୍ଟ୍ରେନ

ବୋଷ୍ଟନ,୨୦/୧୦: ଦେଶବ୍ୟାପୀ ପ୍ରାଣଘାତୀ କରୋନା ଭାଇରସକୁ ନେଇ ଆତଙ୍କ ଦୂର ହୋଇ ନଥିବା ବେଳେ ଏବେ ସାମ୍ନାକୁ ଆସିଛି ସାଂଘାତିକ ତଥ୍ୟ। ଆମେରିକାର ବୋଷ୍ଟନ ୟୁନିଭର୍ସିଟିର ଲାବୋରାଟୋରୀରେ ବୈଜ୍ଞାନିକମାନେ ତିଆରି କରିଛନ୍ତି କରୋନାର ମାରାତ୍ମକ ଷ୍ଟ୍ରେନ। ଲ୍ୟାବ ପକ୍ଷରୁ କୃତ୍ରିମ ଉପାୟରେ ଏମିତି ଏକ କୋଭିଡ୍-୧୯ ଭାଇରସ୍ ତିଆରି କରାଯାଇଛି, ଯାହା କରୋନାର ସବୁ ପ୍ରଜାତି ତଥା ଭାରିଆଣ୍ଟଠାରୁ ବି ଅଧିକ



ଘାତକ। ଏହାର ମୃତ୍ୟୁହାର ୮୦ ପ୍ରତିଶତ ବୋଲି କୁହାଯାଉଛି। ଏହି ତଥ୍ୟ ସାମ୍ନାକୁ ଆସିବା ପରେ ପୂରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଛି। ଲୋକମାନେ ଏହାକୁ ନେଇ ଚିନ୍ତାରେ ଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ପୂର୍ବରୁ ଚାଇନାର ▶▶ପୃଷ୍ଠା ୭

## ବର୍ଷାରେ ବେହାଲ ହେଲା ସିଲିକନ ସିଟି ବେଙ୍ଗାଲୁରୁ



ନୂଆଦିଲ୍ଲୀ, ୨୦/୧୦ : ଅସରାଏ ବର୍ଷାରେ ବେହାଲ ହୋଇପଡିଛି ସିଲିକନ ସିଟି ବେଙ୍ଗାଲୁର । ବୁଧବାର ରାତି ତମାମ ବେଙ୍ଗାଲୁର ସମେତ କର୍ଣ୍ଣାଟକର ଅନେକ ସ୍ଥାନରେ ବର୍ଷା ହୋଇଛି । ଲଗାଣବର୍ଷା ଯୋଗୁଁ ସହର ଭିତରେ କୃତ୍ରିମ ବନ୍ୟା ଦେଖାଦେଇଛି । କେଉଁଠି ଯାନବାହନ ବୁଡି ରହିଛି ତ ପୁଣି କେଉଁଠି ଘର ଭିତରେ ପଶିଛି ବର୍ଷା ପାଣି । ସ୍ଥିତି ଏଭଳି ହୋଇଛି କି ରାସ୍ତାରେ ଯାଉଥିବା ବାଇକ ଆରୋହୀ ବର୍ଷା ପାଣିରେ ଖସିପଡିବା ଯୋଗୁଁ ଆହତ ମଧ୍ୟ ହୋଇଛନ୍ତି । ବେଙ୍ଗାଲୁରବାସୀ ରାସ୍ତା ଉପରେ ଅଂଟା ଉଚ୍ଚ ପାଣିରେ ବୁଡି ଗୋଟେ ସ୍ଥାନରୁ ଆଉ ଗୋଟେ ସ୍ଥାନକୁ ଯାତାୟତ କରୁଥିବା ଯୋଗୁଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ସେପଟେ ପ୍ରବଳ ପବନ ଯୋଗୁଁ କିଛି ସ୍ଥାନରେ ବିଶାଳ ଗଛ ଭାଙ୍ଗିବା ଯୋଗୁଁ ଯାନବାହନ କ୍ଷୟକ୍ଷତି ହୋଇଛି ।

## ୨୨ରେ ରୋଜଗାର ମେଳା ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୦/୧୦(ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୨ ଅକ୍ଟୋବର ଦିନ ୧୧ ଟା ସମୟରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରୋଜଗାର ମେଳା ମାଧ୍ୟମରେ ୧୦ ଲକ୍ଷ କର୍ମଚାରୀଙ୍କ ପାଇଁ ନିଯୁକ୍ତି ଅଭିଯାନ ଆରମ୍ଭ କରିବେ । ଏହି ସମାରୋହରେ ୭୫,୦୦୦ ନୂତନ ନିଯୁକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମଧ୍ୟ ଏହି ନିଯୁକ୍ତ ଲୋକଙ୍କୁ ସମ୍ବୋଧିତ କରିବେ । ଯୁବକମାନଙ୍କ ପାଇଁ ଚାକିରି ସୁଯୋଗ ଯୋଗାଇବା ଏବଂ ନାଗରିକଙ୍କ କଲ୍ୟାଣ ସୁନିଶ୍ଚିତ



କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ପ୍ରତିବଦ୍ଧତା ପୂରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ । ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ମନ୍ତ୍ରଣାଳୟ ଏବଂ ବିଭାଗ ଏହି ଲକ୍ଷ୍ୟ ନେଇ ଅନୁମୋଦିତ ଖାଲିଥିବା ପଦବୀ ପଦବୀ ପୂରଣ ପାଇଁ କାର୍ଯ୍ୟ କରୁଛନ୍ତି । ଏହି ନୂତନ ନିଯୁକ୍ତିରେ ଦେଶର ବିଭିନ୍ନ ସ୍ଥାନରୁ ମନୋନୀତ ହୋଇଥିବା ଭାରତ ସରକାରଙ୍କ ୩୮ ଟି ମନ୍ତ୍ରଣାଳୟ / ବିଭାଗରେ ଯୋଗଦେବେ । ନିଯୁକ୍ତ ବ୍ୟକ୍ତିମାନେ ବିଭିନ୍ନ ସ୍ତରରେ ସରକାରରେ ଯୋଗଦେବେ। ଗ୍ରୁପ୍ - ଏ, ଗ୍ରୁପ୍ - ବି (ଗେଜେଟେଡ୍), ଗ୍ରୁପ୍ - ବି (ଅଣ-ଗେଜେଟେଡ୍) ଏବଂ ଗ୍ରୁପ୍ - ସି ଇତ୍ୟାଦି । ଯେଉଁ ପଦବୀରେ ନିଯୁକ୍ତି ଦିଆଯାଉଛି ସେଥିରେ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ କର୍ମଚାରୀ, ସବ୍ ଇନ୍ସପେକ୍ଟର, କନଷ୍ଟେବଲ୍, ଏଲଡିସି, ଷ୍ଟେନୋ, ପିଏ, ଆୟକର କର୍ମଚାରୀ, ଟ୍ୟାକ୍ସ ଇନ୍ସପେକ୍ଟର, ଏମଟିଏସ, ଅନ୍ତର୍ଭୁକ୍ତ । ଏହି ନିଯୁକ୍ତି ମନ୍ତ୍ରଣାଳୟ ଏବଂ ବିଭାଗ ଦ୍ୱାରା ନିଜସ୍ୱ ନିୟୋଜନ ପ୍ରଣାଳୀ କିମ୍ବା ୟୁପିଏସସି, ଏସଏସସି, ରରେଳବାଇ ନିଯୁକ୍ତି ବୋର୍ଡ ଭଳି ନିଯୁକ୍ତି ଏଜେନ୍ସି ମାଧ୍ୟମରେ ମିସନ୍ ମୋଡ୍ ରେ ନିଯୁକ୍ତି ପ୍ରଣାଳୀ କରାଯାଉଛି । ଶୀଘ୍ର ନିଯୁକ୍ତି ପାଇଁ, ଚୟନ ପ୍ରକ୍ରିୟାଗୁଡ଼ିକୁ ସରଳୀକୃତ କରାଯାଇଛି ଏବଂ ଟେକ୍ ସକ୍ଷମ ମଧ୍ୟ କରାଯାଇଛି । ପୂର୍ବ ତଟ ରେଳପଥ ପରିସୀମା ରେଳବାଇର ବିଭିନ୍ନ ପଦପଦବୀରେ ୪୯୩ ଯୁବକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବ, ଯେଉଁଥିରେ ୨୧୮ ଆସିଷ୍ଟାଂଟ ଲୋକୋ ପାଇଲଟ୍ (ଏଏଲପି); ୮୮ କମ୍ପାସନେଟ ଗ୍ରାଉଣ୍ଡ ନିଯୁକ୍ତି ▶▶ପୃଷ୍ଠା ୭

## ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତି: ୭ ଜିଲ୍ଲା ଉପରେ ନଜର ରଖାଯାଇଛି : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୦/୧୦(ନି.ପ୍ର): ସମ୍ଭାବ୍ୟ ବାତ୍ୟାକୁ ନେଇ ସଜାଗ ରହିବାକୁ ରାଜ୍ୟ ସରକାର ୩୦ଟି ଜିଲ୍ଲାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଜିଲ୍ଲାପାଳ ଏହି ସମୟରେ ଉପସ୍ଥିତ ରହିବେ। ଜିଲ୍ଲାଗୁଡ଼ିକରେ ଔଷଧ, ପିଇବା ପାଣି ଓ ଡ଼ଙ୍ଗା ଆବଶ୍ୟକ ମୁତାବକ ପ୍ରସ୍ତୁତ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ, କଲେଜ, ସ୍କୁଲ ଓ କଲ୍ୟାଣ ମଣ୍ଡପକୁ ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। ୭ଟି ଜିଲ୍ଲା ଉପରେ ନଜର ରଖାଯାଇଛି। ମାତ୍ର ସମସ୍ତ ଜିଲ୍ଲାପାଳମାନଙ୍କୁ ସଜାଗ ରହିବା ପାଇଁ କୁହାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି। ସେ କହିଛନ୍ତି ଯେ ସମ୍ଭାବ୍ୟ ବାତ୍ୟାର ସମ୍ପର୍କରେ ଆଜି ଚିତ୍ର ସ୍ପଷ୍ଟ ହେବା ପରେ ଆଗାମୀ ପଦକ୍ଷେପ ନିଆଯିବ। ସରକାର ବାତ୍ୟାକୁ ମୁକାବିଲା ଲାଗି ପ୍ରସ୍ତୁତ ଥିବା ସେ କହିଛନ୍ତି।

# ହାତୀ ଆକ୍ରମଣରେ ମହିଳା ମୃତ : ଜଣେ ଗୁରୁତର

ସୁନ୍ଦରଗଡ଼ ,୨୦/୧୦ (ନି.ପ୍ର): ଆଜି ଭୋରରୁ ସୁନ୍ଦରଗଡ଼ ବନଖଣ୍ଡ ଉଜ୍ଜ୍ୱଳପୁର ବନାଞ୍ଚଳ ଅନ୍ତର୍ଗତ ସାନପତ୍ରାପାଲି ସେକ୍ସନ କୁଲବାରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ଶୋଚନୀୟ ମୃତ୍ୟୁ ହୋଇଛି । ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତା ହେଲେ କୁଲବା ଗାଁର ଦେବାନନ୍ଦ ସାହୁଙ୍କ ପତ୍ନୀ ରେଣୁକା ସାହୁ (୪୫) । ଆହତ ହେଲେ ପାଖ ଗାଁ ଠିନଠିନପଡାର ବିନୋଦ ଲୁହରା । ଭୋରରୁ ରେଣୁକା ବାହାରକୁ ଯାଇଥିବା ବେଳେ ଦନ୍ତା ହାବୁଡ଼ରେ ପଡିଥିଲେ । ହାତୀ ତାଙ୍କୁ ଶୁଣ୍ଢରେ ଉଠାଇ କଚାଡି ଦେବା ସହ ଦଳି ଦେଇଥିଲା । ଘଟଣାସ୍ଥଳରେ ରେଣୁକା ଆଖି ବୁଜି ଦେଇଥିଲେ । ପରେ ପରେ ସେ ବାଟ ଦେଇ ଯାଉଥିବା ବିନୋଦ ଲୁହରାଙ୍କୁ ମଧ୍ୟ ହାତୀ ଆକ୍ରମଣ କରିଥିଲା । କିନ୍ତୁ ସେ ବର୍ତ୍ତି ଯାଇଥିଲେ । ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପଠାଇଛନ୍ତି । ଖବର ପାଇ ବନବିଭାଗ ଓ କିଞ୍ଜିରକେଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ସୂଚନାଯୋଗ୍ୟ, ୬ ଦିନ ତଳେ ଗତ ୧୪ ତାରିଖରେ ସେହି କୁଲବା ଗାଁର କ୍ଲାରା ସୋରେଙ୍ଗ ନାମ୍ନି ଜଣେ ବୃଦ୍ଧାଙ୍କୁ ଦନ୍ତା କଚାଡ଼ି ମାରି ଦେଇଥିଲା । ହାତୀକୁ ନେଇ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି । ବନ ବିଭାଗ ତୁରନ୍ତ ହାତୀକୁ ଘଉଡ଼ାଇବାକୁ ଦାବି ହେଉଛି ।

# ବଲାଙ୍ଗୀରରେ ତେଜିଲା ଆନ୍ଦୋଳନ: ହାଇକୋର୍ଟ ବେଞ୍ଚ ପୁନଃସ୍ଥାପନ ଦାବିରେ ବନ୍ଦ ଡାକରା




ବଲାଙ୍ଗୀର ,୨୦/୧୦ (ନି.ପ୍ର): ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପୁନଃସ୍ଥାପନ ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି । ଏଥିଲାଗି ଆଜି ବଲାଙ୍ଗୀରରେ ସମସ୍ତ ସରକାରୀ ଓ ବେସରକାରୀ ଅଫିସକୁ ବନ୍ଦ କରାଯାଇଛି । ଏପରିକି ବ୍ୟାଙ୍କ ଓ ଡାକଘର ସମେତ ବିଭିନ୍ନ ପ୍ରତିଷ୍ଠାନ ବନ୍ଦ ରହିଛି । ତେବେ ଆଜି ଦୋକାନ ବଜାର ଖୋଲା ରହିଛି । ଏଠାରେ ଯାନବାହାନ ଚଳାଚଳ ସ୍ୱାଭାବିକ ରହିଛି । ସ୍କୁଲ କଲେଜକୁ ବନ୍ଦରୁ ମଧ ବାଦ୍ ଦିଆଯାଇଛି । ଆଜି ସକାଳେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଭିନ୍ନ ସ୍ଥାନରେ ପିକେଟିଂ କରାଯାଇଥିଲା । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧାରଣା ଦିଆଯାଇଛି । ଏହି ଆନ୍ଦୋଳନକୁ ବିଭିନ୍ନ ସଂଗଠନର ମଧ ସମର୍ଥନ ମିଳିଛି ।

ଉଲ୍ଲେଖଯୋଗ୍ୟ ଯେ, ଗତ ୧୯୫୯ ମସିହାରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ମୂଳଦୂଆ ପଡ଼ିଥିଲା । ହେଲେ, ହାଇକୋର୍ଟ ବେଞ୍ଚ୍ ସ୍ଥାପନକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧରେ ରାଜନୈତିକ ଖେଳ ଚାଲିଛି । ୨୦୦୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ସ୍ଥାପନ ସଂପର୍କରେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ପତ୍ର ଦେଇଥିଲେ । ହାଇକୋର୍ଟ ମୁଖ୍ୟ ବିଚାରପତି କିନ୍ତୁ ଏନେଇ ମନା କରିବାପରେ ୧୧ ମାର୍ଚ୍ଚ ୨୦୦୮ରେ ସରକାରଙ୍କ ପାଲ୍ କମିସନ ଗଠନ କରିଥିଲେ । ଗତ ୨୮ ସେପଟ୍ଟେମ୍ବର ୨୦୧୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟରେ ସ୍ଥାୟୀ ବେଞ୍ଚ ସ୍ଥାପନ ସକାଶେ ତତ୍କାଳୀନ କେନ୍ଦ୍ରର ୟୁପିଏ ସରକାରଙ୍କୁ ଚିଠି ଲେଖିଥିଲେ । ୟୁପିଏ ସରକାର ସମୟରେ ତତ୍କାଳୀନ କେନ୍ଦ୍ର ଆଇନ ମନ୍ତ୍ରୀ ପୁଣି ଓଡ଼ିଶା ସରକାରଙ୍କୁ ପତ୍ର ଲେଖି ହାଇକୋର୍ଟର ସ୍ଥାପନ ପାଇଁ ଭିତ୍ତିଭୂମି ସଂପର୍କରେ ବିସ୍ତୃତ ତଥ୍ୟ ମାଗିଥିଲେ । ଇତିମଧରେ ଏଭଳି ଅନେକ ଥର କେନ୍ଦ୍ର ଓ ରାଜ୍ୟ ମଧରେ ଚିଠି ଦିଆନିଆ ହେଲାଣି ।

# ଅପରାଧ ରାସ୍ତାରେ ନାବାଳକ: ଗଞ୍ଜାମରେ ୪ ବର୍ଷରେ ୨୦୦ ନାବାଳକ ବିଭିନ୍ନ ସଙ୍ଗିନ୍ ମାମଲାରେ ଲିପ୍ତ



ବ୍ରହ୍ମପୁର : ଗଞ୍ଜାମ ଜିଲ୍ଲାରେ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ତାଲିକା ବହୁ ଲମ୍ବା । ଏବେ ଅଧିକାଂଶ ପେସାଦାର ଅପରାଧୀ ଜେଲ୍‌ରେ ସଜା କାଟୁଥିବା ବେଳେ ଆଉ କିଛି ପୁଲିସ ଏନ୍‌କାଉଂଟରରେ ଜଖମ୍ ହୋଇ ଅପରାଧ ରାସ୍ତା ଛାଡ଼ି ଦେଇଛନ୍ତି । ବର୍ତ୍ତମାନ ନୂଆ ଅପରାଧୀ ମୁଣ୍ଡ ଟେକୁଛନ୍ତି । ସେହି ଅପରାଧୀ ଗ୍ୟାଙ୍ଗ୍‌ରେ ନାବାଳକ ପାଦ ଥାପିବା ବଡ଼ ଚିନ୍ତାର ବିଷୟ ହୋଇଛି । ଗଞ୍ଜାମ ପୁଲିସ ଜିଲ୍ଲାରେ ଗତ ୪ ବର୍ଷ ମଧରେ ଏଭଳି ବିଭିନ୍ନ ଜଘନ୍ୟ ଅପରାଧ ମାମଲାରେ ମୋଟ ୨୦୦ଜଣ ନାବାଳକଙ୍କ ସମ୍ପୃକ୍ତି ଉଦ୍‌ବେଗର ବିଷୟ ହୋଇଛି । ଏହି ନାବାଳକମାନେ ବିଭିନ୍ନ ସଙ୍ଗିନ୍ ମାମଲାରେ ଲିପ୍ତ ରହିଛନ୍ତି । ଏଣୁ ସେହି ନାବାଳକଙ୍କୁ ଆବଶ୍ୟକ କାଉନ୍‌ସେଲିଂର ଆବଶ୍ୟକତା ରହିଥିବା ବିଶେଷଜ୍ଞମାନେ କହିଛନ୍ତି । ଗଞ୍ଜାମ ଜିଲ୍ଲାକୁ ଦୁଇଟି ପୁଲିସ ଜିଲ୍ଲାରେ ବିଭକ୍ତ କରାଯାଇଛି । ଗୋଟିଏ ହେଲା ଗଞ୍ଜାମ ପୁଲିସ ଜିଲ୍ଲା ଓ ଦ୍ୱିତୀୟଟି ହେଲା ବ୍ରହ୍ମପୁର ପୁଲିସ ଜିଲ୍ଲା । ଗଞ୍ଜାମ ପୁଲିସ ଜିଲ୍ଲାରେ ୨ଟି ବିଦ୍ୟୁତ୍ ଥାନା, ଗୋଟିଏ ସାମୁଦ୍ରିକ ଥାନାକୁ ନେଇ ମୋଟ ୨୫ଟି ଥାନା ରହିଛି । ସେହିପରି ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଗୋଟିଏ ସାମୁଦ୍ରିକ ଥାନା, ଗୋଟିଏ ବିଦ୍ୟୁତ ଥାନା, ଟ୍ରାଫିକ୍ ଥାନା, ମହିଳା ଥାନା, ସାଇବର ଥାନାକୁ ମିଶାଇ ମୋଟ ୧୫ଟି ଥାନା ରହିଛି । ଗଞ୍ଜାମ ପୁଲିସ ଜିଲ୍ଲାରେ ଗତ ୪ବର୍ଷରେ ୨୦୦ଜଣ ନାବାଳକ ବିଭିନ୍ନ ଅପରାଧ ମାମଲାରେ ସମ୍ପୃକ୍ତ ରହିଥିବା ଚିହ୍ନଟ କରାଯାଇଛି । ଗଞ୍ଜାମ ପୁଲିସ ଜିଲ୍ଲାରେ ବିଭିନ୍ନ ଅପରାଧ ମାମଲାରେ ଗତ ୨୦୧୮ରେ ମୋଟ ୩୭ଜଣ ନାବାଳକଙ୍କ ସମ୍ପୃକ୍ତି ରହିଥିଲା । ୨୦୧୯ରେ ଏହି ସଂଖ୍ୟା ବୃଦ୍ଧି ପାଇ ୪୩ରେ ପହଞ୍ଚିଥିଲା । ୨୦୨୦ରେ ଏହି ସଂଖ୍ୟା କମି ୨୨ ଥିଲା । ହେଲେ, ଗତ ୨୦୨୧ରେ ସର୍ବାଧିକ ୯୮ଜଣ ନାବାଳକ ବିଭିନ୍ନ ଜଘନ୍ୟ ଅପରାଧ ମାମଲାରେ ଜଡ଼ିତ ରହିଥିବା ରେକର୍ଡ଼ କହୁଛି । ସେହି ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ଼ରେ ହାଜର କରି ବାଳ ସୁଧାର ଗୃହକୁ ପଠାଯାଇଛି । ବାଳ ଅପରାଧୀଙ୍କ ପାଇଁ ବ୍ରହ୍ମପୁରରେ ରହିଛି ବାଳ ସୁଧାର ଗୃହ । ସେହି ଗୃହରେ ରହିବା ସମୟରେ ନାବାଳକଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ କରା ଯାଇଥାଏ । ଏଥିପାଇଁ ସେଠାରେ ସ୍ୱତନ୍ତ୍ର କାଉନ୍‌ସେଲର ରହିଛନ୍ତି ।

ନାବାଳକମାନେ କେଉଁ ପରିସ୍ଥିତିରେ ପଡ଼ି ଅପରାଧ ଘଟାଉଛନ୍ତି, ତାହା ବୁଝିବା ପରେ ସେମାନଙ୍କୁ ଭଲ ରାସ୍ତାକୁ ଆଣିବା ପାଇଁ ଉଦ୍ୟମ କରା ଯାଇଥାଏ । କିନ୍ତୁ, ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି, ନାବାଳକମାନେ ବାଳ ସୁଧାର ଗୃହରୁ ଆସି ଫେରିଲା ପରେ ପୁଣିଥରେ ଅପରାଧ ଦୁନିଆରେ ସକ୍ରିୟ ରହୁଛନ୍ତି । ଏପରିକି ବାଳ ସୁଧାର ଗୃହରେ ଥିବା ସମୟରେ କର୍ମଚାରୀଙ୍କୁ ଆକ୍ରମଣ କରି ଚମ୍ପଟ ମାରିବା ଘଟଣା ମଧ ବିଗତଦିନରେ ଅନେକଥର ଘଟିଛି । ଗତ କିଛିଦିନ ତଳେ ବଡ଼ବଜାର ଥାନା ଅନ୍ତର୍ଗତ ପ୍ରେମନଗର ରାସ୍ତାରେ ଜଣେ ନାବାଳକ ଜଣେ ବ୍ୟକ୍ତିଙ୍କୁ ପଥର ମାଡ଼ କରି ହତ୍ୟା କରିଥିଲେ । ନାବାଳକ ଜଣକ ପୂର୍ବରୁ ଚୋରି ମାମଲାରେ ସମ୍ପୃକ୍ତ ରହି ପୁଲିସ ହାତରେ ଧରାପଡ଼ିଥିଲେ । ଏହାପରେ ସେ ପୁଣିଥରେ ହତ୍ୟା ଭଳି ଅପରାଧ ମାମଲାରେ ଜଡ଼ିତ ହୋଇଗଲେ ।

# ରାସ୍ତା ପାଇଁ କୋଟିକୋଟି ବରବାଦ: ଅଳ୍ପଦିନରେ ନଷ୍ଟ ହେଉଛି, ପୁଣି ତିଆରି ହେଉଛି



କୋଇଡା ,୨୦/୧୦ (ନି.ପ୍ର): ଖଣି ରାଜଧାନୀ କୁହାଯାଉଥିବା କୋଇଡା ଅଞ୍ଚଳରେ ରାସ୍ତା ପାଇଁ କୋଟିକୋଟି ଟଙ୍କା ବରବାଦ ହେଉଥିବା ଦେଖିବାକୁ ମିଳୁଛି । ଅଳ୍ପଦିନ ମଧରେ କୋଟିକୋଟି ଟଙ୍କାର ରାସ୍ତା ନଷ୍ଟ ହେଉଛି, ପୁଣି କୋଟିକୋଟି ଟଙ୍କାରେ ତିଆରି ହେଉଛି । ଏଥିପାଇଁ ଡିଏମ୍‌ଏଫ୍ ପାଣ୍ଠିକୁ ମନଇଚ୍ଛା ଖର୍ଚ୍ଚ କରାଯାଉଛି । ଫଳରେ, ଏହି ରାସ୍ତା ସାଧାରଣ ଲୋକଙ୍କ ଗମନାଗମନ ପାଇଁ ନା ଖଣି ଓ ଖଣି ମାଲିକଙ୍କ ପାଇଁ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି । ସୂଚନା ଅନୁସାରେ, ଲୋକଙ୍କ ଗମନାଗମନ ପାଇଁ ତିଆରି ହୋଇଥିବା ଏ ଅଞ୍ଚଳର ରାସ୍ତାଗୁଡ଼ିକରେ ଖଣିଜବାହୀ ଭାରୀ ଟ୍ରକ୍ ଅବାଧରେ ଯା'ଆସ କରୁଛନ୍ତି । ଖଣି ଓ ଶିଳ୍ପ ଲବିର ଚାପରେ ସେଥିପାଇଁ ପ୍ରଶାସନ ମଧ ଅନୁମତି ଦେଉଛି । ଫଳରେ କୋଟି କୋଟି ଟଙ୍କା ବ୍ୟୟରେ ତିଆରି ହୋଇଥିବା ବ୍ଲକ୍ ଅଭ୍ୟନ୍ତରର ଛୋଟ ବଡ଼ ରାସ୍ତାସବୁ ମଧ ଅଳ୍ପ ଦିନ ଭିତରେ ନଷ୍ଟଭ୍ରଷ୍ଟ ହୋଇ ଯାଉଛି । ଏହାକୁ ନେଇ ପ୍ରଶାସନ କିନ୍ତୁ ଆଦୌ ଚିନ୍ତିତ ନୁହେଁ । କାରଣ ସୁନ୍ଦରଗଡ଼ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ରେ କୋଟି କୋଟି ଟଙ୍କା ମହଜୁଦ ଅଛି, ଯାହାକୁ ରାସ୍ତାର ପୁନଃନିର୍ମାଣରେ ପୁଣି ଖର୍ଚ୍ଚ କରାଯାଉଛି । କୋଇଡ଼ା ବ୍ଲକ୍ ସଦରମହକୁମାରୁ କଳମଙ୍ଗ, ତେହେରାଇରୁ କଳମଙ୍ଗ , ମିଥିର୍ଡାରୁ କଦଳିଆ, କଦଳିଆରୁ ମଣ୍ଡକୋଡା ଆଦି ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ କୋଟି କୋଟି ଟଙ୍କା ବ୍ୟୟରେ ତିଆରି କରାଯାଇଥିବା ତଥା ଥରକୁଥର ନଷ୍ଟ ହୋଇ ତିଆରି କରାଯାଉଥିବା ରାସ୍ତାଗୁଡ଼ିକ ଗୋଟିଏ ଗୋଟିଏ ଏହାର ଉଦାହରଣ । ୧୨ କୋଟି ବ୍ୟୟରେ କୋଇଡାରୁ କଳମଙ୍ଗ ରାସ୍ତାର ନିର୍ମାଣ କରାଯାଇଥିଲା । କିନ୍ତୁ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ତିଆରି ହୋଇଥିବା ଏହି ରାସ୍ତାରେ ଖଣିଜ ପରିବହନ ପାଇଁ ଅଳ୍ପଦିନ ଭିତରେ ଅନୁମତି ଦିଆଗଲା । ତେଣୁ, ଅଳ୍ପ କାଳ ଭିତରେ ସେ ରାସ୍ତାର ଚିହ୍ନବର୍ଣ୍ଣ ରହିଲା ନାହିଁ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଯେଉଁ ରାସ୍ତାର କ୍ଷମତା ବାଇକ୍ , ଛୋଟଗାଡ଼ି ଓ ଲୋକଙ୍କ ଗମନାଗମନ ପାଇଁ ତିଆରି କରା ଯାଇଥିଲା, ସେଥିରେ ୪୦ ଟନ୍‌ର ବଡ଼ବଡ଼ ଟ୍ରକ୍ ଚାଲିଲା, ଫଳରେ ରାସ୍ତା ମାସକ ମଧରେ ନଷ୍ଟହୋଇ ଛୋଟପିଲା ବୁଡ଼ିଲା ଭଳି ଖାଲ ତିଆରି ହୋଇଗଲା ।

ସେହିପରି, ତେହେରେଇ ଛକଠାରୁ କଳମଙ୍ଗ ଛକ ଯାଏଁ ୯.୫ କୋଟି ଜିଲ୍ଲା ଖଣିଜ ପାଣ୍ଠି ଅର୍ଥରେ ରାସ୍ତା ନିର୍ମାଣ କରାଯାଇଥିଲା । ହେଲେ, ୨-୩ ବର୍ଷ ଭିତରେ ତା'ର ଅବସ୍ଥା ଏମିତି ଯେ ଏବେ ମାଲଦା ପଞ୍ଚାୟତର ବହୁ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଏଥିପାଇଁ ଡିଏମ୍‌ଏଫ୍ ପାଣ୍ଠିରୁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ ହେଉଥିବା ଅଭିଯୋଗ ହେଉଛି ।

## ରେଳ ପ୍ରକଳ୍ପ ଜମି ଅଧିଗ୍ରହଣ ନେଇ ଗ୍ରାମସଭା

ଜୟପୁର ,୨୦/୧୦ (ନି.ପ୍ର): ଜୟପୁର -ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ନେଇ ଜୟପୁର ତହସିଲର ହରଡାପୁଟ ଠାରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଗ୍ରାମସଭାରେ ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ବା, ରେଳ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ହରାଡପୁଟ ଦେଇ ରେଳ ଲାଇନ ଯିବ । ସେଥି ପାାଇଁ ପାଖାପାଖି ୪୮ ଏକର ଜମି ଅଧିଗ୍ରହଣ ହେବ । ଗ୍ରାମ ସଭାରେ ଗ୍ରାମବାସୀ ମାନେ ଜମି ବଦଳରେ ଜମି ନଚେତ ଜମି ହରାକୁ ଚାକିରି ଦାବି କରିଥିଲେ । ଏନେଇ ଜିଲାପାଳଙ୍କୁ ଗ୍ରାମବାସୀଙ୍କ ତରଫରୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ଉକ୍ତଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଆଜି ଅନୁଷ୍ଠିତ ହୋଇଥିବା ଗ୍ରାମସଭା ବେନିୟମ ଭାବେ ଅନୁଷ୍ଠିତ ହୋଇଛି । ଏଥିରେ ଗ୍ରାମବାସୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇ ନାହିଁ । ତେଣୁ ପୁଣି ଥରେ ଗ୍ରାମସଭା କରାଯାଉ ବୋଲି ପିୟୁସ ରାମ ପଟ୍ଟନାୟକ, କୁରମ ସନ୍ତୋଷ, ଡମ୍ବୁରୁଧର ଭତ୍ରା ପ୍ରମୁଖ ଦାବି କରିଛନ୍ତି ।

# ସ୍ଥାନୀୟ ସମ୍ବଳର ଉଚିତ୍ ବିନିଯୋଗ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ

କେନ୍ଦୁଝର ,୨୦/୧୦ (ନି.ପ୍ର): ମିଳିତ ଜାତିସଂଘ ଦ୍ୱାରା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ ର ସଫଳ ରୂପାୟନ ଲାଗି ସରକାର ବିଶେଷ ପଦକ୍ଷେପ ନେଉଛନ୍ତି । ଏ ନେଇ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଅଧିକାରୀ ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କର୍ମଶାଳା କେନ୍ଦୁଝରସ୍ଥ ସଂପ୍ରସାରଣ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ହୋଇଛି । ଏହି ଦୁଇ ଦିନିଆ କର୍ମଶାଳା କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଥିଲା । ଜନସାଧାରଣଙ୍କ ପାଇଁ ଦୀର୍ଘସ୍ଥାୟୀ ଆର୍ଥିକ, ସାମାଜିକ ଓ ପରିବେଶ ବିକାଶକୁ ସୁନିଶ୍ଚିତ କରିବା ଲାଗି ମିଳିତ ଜାତିସଂଘ ପକ୍ଷରୁ ୨୦୧୫ ମସିହାରେ ୧୭ ଟି ପ୍ରମୁଖ ଲକ୍ଷ୍ୟକୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଭାବେ ଚିହ୍ନଟ କରାଯାଇଛି । ସେହି ଲକ୍ଷ୍ୟ ଗୁଡିକୁ ୨୦୩୦ ସୁଦ୍ଧା ହାସଲ କରିବା ଲାଗି ରାଜ୍ୟ ସରକାର ଆବଶ୍ୟକ ଖସଡ଼ା ଓ ପଦକ୍ଷେପ ନେଇଛନ୍ତି । ରାଜ୍ୟ ସରକାରଙ୍କର ବିଭିନ୍ନ ଜନ କଲ୍ୟାଣମୂଳକ ଯୋଜନାକୁ ତୃଣମୂଳ ସ୍ତରରେ ଲୋକମାନଙ୍କ ପାଖରେ ପହଂଚାଇବା ସହ ସେଗୁଡିକର ସଫଳ ରୂପାୟନ ଦିଗରେ ବିଶେଷ ଧ୍ୟାନ ଦେବାକୁ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସି ମାଧ୍ୟମରେ ଯୋଜନା ଓ ସଂଯୋଜନ ବିଭାଗର ଯୁଗ୍ମ ଶାସନ ସଚିବ ମନୀଷ ଅଗ୍ରୱାଲା ଯୋଗଦେଇ କହିଲେ ଯେ, ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ପ୍ରଥମେ ସ୍ଥାନୀୟ ଅଂଚଳର ବିଭିନ୍ନ ସମସ୍ୟାର ଚିହ୍ନଟ କରି ଏହାର ଆଶୁ ସମାଧାନ କରିବାକୁ ପଡିବ । ସେହିପରି ସ୍ଥାନୀୟ ସମ୍ବଳର ଉଚିତ ଉପଯୋଗ ହୋଇପାରିଲେ ଏହା ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିବ ବୋଲି ସେ ନିଜର ବକ୍ତବ୍ୟ ରଖିଥିଲେ । ଏହା ସହ ଉନ୍ନୟନ କମିଶନର ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ତାଙ୍କ ଭିଡିଓ ବାର୍ତ୍ତା ମାଧ୍ୟମରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାର ୨୨ ଟି ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ , ସରପଂଚ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପାଇଁ ମିଳିତ ଜାତିସଂଘ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ପ୍ରମୁଖ ୧୭ ଟି ଲକ୍ଷ୍ୟ କିପରି ହାସଲ ହୋଇପାରିବ ସେ ବିଷୟରେ ଅଧିକାରୀ ମାନଙ୍କୁ ବିଶେଷ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଯୋଜନା ସଂଯୋଜନ ବିଭାଗର ସାମର୍ଥ୍ୟ ବୃଦ୍ଧି ବିଶେଷଜ୍ଞ ଏସରୋଜ କୁମାର ଦାଶ ପରିଚାଳନା କରିଥିଲେ । ଏହି କର୍ମଶାଳାରେ ସି.ୱାଇ.ଏସ.ଡି. ମେଂଟର ଓ ସହ ପ୍ରତିଷ୍ଠାତା ଡ. ଜଗଦାନନ୍ଦ, ରାଜ୍ୟ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପ୍ରକୋଷ୍ଠର ସହକାରୀ ନିର୍ଦ୍ଦେଶିକା ଅଳକା ଜେନା, ସାମକ୍ଷେତ୍ର ବିଶେଷଜ୍ଞ ଡ. ରମେଶ ଚେଲୋନ, ସମ୍ବଳ ବ୍ୟକ୍ତି ଭାନୁ ପ୍ରସାଦ ପାଣିଗ୍ରାହୀ , ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରା, ପ୍ରମୁଖ ତାଲିମଦାତା ଭାବେ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାଷିରାମ ମୁର୍ମୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ପୃଷ୍ଟି ଯୋଗ ଦେଇଥିଲେ ।

# ୨ରେ ଅଁଳା ନବମୀ: ସାକ୍ଷୀଗୋପାଳ ମନ୍ଦିରରେ ପ୍ରସ୍ତୁତି ବୈଠକ



ସାକ୍ଷୀଗୋପାଳ ,୨୦/୧୦ (ନି.ପ୍ର): ଆସନ୍ତା ନଭେମ୍ବର ୨ ପବିତ୍ର କାର୍ତ୍ତିକ ମାସ ଶୁକ୍ଲପକ୍ଷ ନବମୀ ତିଥି ପବିତ୍ର ଅଁଳା ନବମୀ ଅବସରରେ ପ୍ରସିଦ୍ଧ ବୈଷ୍ଣବ କ୍ଷେତ୍ର ସାକ୍ଷୀଗୋପାଳ ମନ୍ଦିରରେ ଠାକୁରାଣୀ ଶ୍ରୀଶ୍ରୀ ରାଧାରାଣୀଙ୍କର ପାଦ ଦର୍ଶନ ହେବ । ଏହା ସହିତ ଶ୍ରୀଶ୍ରୀ ଗୋପାଳଜିଉ ଓ ଠାକୁରାଣୀ ଶ୍ରୀଶ୍ରୀ ରାଧାରାଣୀଙ୍କର ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହେବ । ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ଥିବାରୁ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସେହିପରି ୪ ତାରିଖ ପବିତ୍ର ବଡ଼ ଏକାଦଶୀ ଅବସରରେ ଠାକୁର ଶ୍ରୀଶ୍ରୀ ଗୋପାଳଜିଉ ଓ ଠାକୁରାଣୀ ଶ୍ରୀଶ୍ରୀ ରାଧାରାଣୀଙ୍କର ଲକ୍ଷ୍ମୀନାରାୟଣ ବେଶ ଓ ମନ୍ଦିରରେ ପ୍ରସିଦ୍ଧ ଚୁଡ଼ାଘସା ଭୋଗ ହେବ । ବୁଧବାର ଅପରାହ୍ଣରେ ସାକ୍ଷୀଗୋପାଳ ମନ୍ଦିର ପାନ୍ଥଶାଳା ପରିସରରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସଭାପତିତ୍ୱରେ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୁଇ ବର୍ଷର ବ୍ୟବଧାନ ପରେ ପ୍ରଶାସନ ତରଫରୁ ନିର୍ମିତ ବ୍ୟାରିକେଡ୍ ମଧ୍ୟରେ ଧାଡ଼ିରେ ଯାଇ ଭକ୍ତମାନେ ଦର୍ଶନ ଓ ପୂଜାର୍ଚ୍ଚନା କରିପାରିବେ ।

# ଓକିଲ ସଂଘ ନିର୍ବାଚନ ଭୋଟର ଲିଷ୍ଟରେ ଲାଗିବ ଫଟୋ: ଓକିଲ ସଂଘର ସ୍ୱାଗତ

ଜୟପୁର ,୨୦/୧୦ (ନି.ପ୍ର): ଆସନ୍ତା ମାର୍ଚ୍ଚ ମାସରେ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହେବ । ଏନେଇ ବାର କାଉନସିଲ ଓଡିଶା ତରଫରୁ ପ୍ରତ୍ୟେକ ଭୋଟର ଲିଷ୍ଟରେ ଫଟୋ ଲାଗିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲ୍ଲା ଓକିଲ ସଂଘ ଜୟପୁରର ୫୧୩ ଜଣ ସଦସ୍ୟଙ୍କ ନାମ ପ୍ରସ୍ତୁତ ହୋଇଥିବା ବେଳେ ଏଥି ମଧ୍ୟରୁ ୧୬ ଜଣ ମୃତ୍ୟୁ ବରଣ କରିଛନ୍ତି । ସେ ମାନଙ୍କ ନାମକୁ ବାଦ ଦିଆଯାଇ ନୂତନ ଭାବେ ୫୨ ଜଣଙ୍କ ନାମ ତାଲିକା ରେ ଅନ୍ତର୍ଭୁକ୍ତ କରିବାକୁ ଓକିଲ ସଂଘର ତରଫରୁ ସୁଚନା ଦିଆଯାଇଛି । ବାର କାଉନସିଲ ଓଡିଶା ତରଫରୁ ନିଆଯାଇଥିବା ପଦକ୍ଷେପକୁ ସ୍ୱାଗତ କରିଛନ୍ତ ଓକିଲ ସଂଘ ।

# ଗଣ ହୃଦୟର ମୁକୁଟ ବିହୀନ ସମ୍ରାଟ : ଗଣକବି ବୈଷ୍ଣବ ପାଣି

## ରାଜୀବ କୁମାର ଷଡ଼ଙ୍ଗୀ



ଉତ୍କଳୀୟ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଯାତ୍ରା ସାହିତ୍ୟର ପରମ୍ପରା ଖୁବ୍ ପ୍ରାଚୀନ। ଓଡିଆ ଯାତ୍ରା ସାହିତ୍ୟର ଅନନ୍ୟ ବିଭବ ଗୀତିନାଟ୍ୟ। "କାବ୍ୟେଷୁ ନାଟକଂ ରମ୍ୟଂ" ଗୁଣରେ ଗୀତିନାଟ୍ୟ ମଧ୍ୟ ଉତ୍କୃଷ୍ଟ ଓ ଗଣ ଆଦୃତ। ପ୍ରଜ୍ଞା ଓ ଲୋକସଂସ୍କୃତିର ସମନ୍ୱୟରେ ତଥା ଲୀଳାର ଧର୍ମଭାବ ଓ ସଙ୍ଗୀତର ଲାଳିତ୍ୟରେ ଉତ୍କଳୀୟ ଗୀତିନାଟ୍ୟ ରସାଣିତ। ଓଡିଆ ଗୀତିନାଟ୍ୟର ଜନକ ଥିଲେ ଗଣକବି ବୈଷ୍ଣବ ପାଣି। କଟକ ଜିଲ୍ଲାର ମାହାଙ୍ଗାର ପୂଣ୍ୟତୋୟା ବିରୂପାନଦୀ କୂଳସ୍ଥ କୋଠପଦା ଗ୍ରାମର ସାଧାରଣ ପରିବାରରେ ୧୮୮୨ ମସିହା ଆଶ୍ୱିନ ମାସ କୁମାରପୂର୍ଣ୍ଣିମା ଦିନ ସେ ଜନ୍ମଗ୍ରହଣ କରିଥିଲେ। ପିଲାଟି ଦିନରୁ ଅଭାବ ଅନାଟନ ଭିତରେ ତାଙ୍କୁ ଆଗକୁ ବଢିବାକୁ ପଡିଥିଲା। ସଂସାରରେ ବଞ୍ଚିବା ପାଇଁ କଠିନ ଜଞ୍ଜାଳ ଭିତରେ ସେ ଗତି କରିଥିଲେ। ଉଚ୍ଚଶିକ୍ଷା ହାସଲ କରିବା ତାଙ୍କ ପାଇଁ ସ୍ୱପ୍ନ ଥିଲା। ଦରିଦ୍ରତାର କଷାଘାତ ଭିତରେ ତାଙ୍କ ଜୀବନର ଗତିପଥ ବଦଳିଯାଇଥିଲା। ତେଲ ଲୁଣର ସଂସାର ଚଳାଇବା ପାଇଁ ତାଙ୍କୁ ପ୍ରଥମେ କୋଠପଦା ମାଇନର ସ୍କୁଲର ଛାତ୍ରାବାସରେ ପୂଝାରୀ ଚାକିରୀ ସହ କୋଠପଦା ରଘୁନାଥଜୀଉ ମଠରେ ଗୋଚାରଣନ ନୁରଭାଙ୍ଗ ସେକସନ୍ ଅଫିସରେ ପେଟ୍ରୋଲ ଚାକିର କରିବାକୁ ପଡିଥିଲା। ବାଳକ ଅବସ୍ଥାରେ ପରିବାରର ଭରଣ ପୋଷଣ ଦାୟିତ୍ୱ ସେ ନିଜ କାନ୍ଧରେ ନେଇ ଆଗକୁ ଆଗକୁ ଚାଲିବାର ଚେଷ୍ଟା ଜାରି ରଖିଲେ। ସେହି ସମୟରେ ସେ କୋଠପଦା ମହନ୍ତଙ୍କ ନାଟ୍ୟଦଳରେ ଯୋଗଦାନ କରିଥିଲେ। ସେହିଠାରୁ ହିଁ ତାଙ୍କ କାବ୍ୟିକ ପ୍ରତିଭାର ଉନ୍ମେଷ ଘଟିଥିଲା। ନିଜ ଭିତରେ ଥିବା ପ୍ରତିଭା କେବେ ଲୁଚି ରହିପାରିବ ନାହିଁ। ତାହା ଆପେ ଆପେ ପ୍ରକାଶ ପାଇବ। ସେଥିପାଇଁ ଲୋଡା ଏକ ଅଦୃଶ୍ୟଶକ୍ତିର ଆର୍ଶିବାଦ। ସେ ୧୯୦୩ ମସିହାରେ ମାତ୍ର ୨୧ ବର୍ଷ ବୟସରେ ମାହାଙ୍ଗା ଥାନା ନିକଟସ୍ଥ କଅଁରପୁରର ଶ୍ରୀ ଶ୍ରୀ ବିନୋଦ ବିହାରୀ ଠାକୁରଙ୍କ ପାଖରେ ଅଧିଆ ପଡି ବର ଲାଭ କଲାପରେ - ମାଳିହତା ଗ୍ରାମର ଶେଷଭାଗରେ ଥିବା ଏକ ଶ୍ମଶାନର କଦମ୍ବଗଛ ମୂଳରେ ବସି ଲେଖନୀ ଚାଳନା ଆରମ୍ଭ କଲେ :-

"ବିଂଶବାହୁ ଦେଖି ବଂଶ ନିଧନ କାରଣ,
ମନ୍ତ୍ରୀଙ୍କୁ ଚାହିଁ ରାଜା କରଇ କାରୁଣ୍ୟ,
ମନ୍ତ୍ରୀ ମୋର ସ୍ୱର୍ଣ୍ଣଲଙ୍କା ହେଲା ଛାରଖାର,
କାହୁଁ ଆସି ରଘୁପତି ବିହିଲା ବିପତ୍ତି
କିପରି ମରିବେ ବନରେ ବେନି ଜତି
ନରହୋଇ ନାଶିଲା ମୋ କୁମ୍ଭକର୍ଣ୍ଣଭାଇ।"

ଏହା ଥିଲା ତାଙ୍କର ପ୍ରଥମ ଲେଖା 'ମେଘନାଦ ବଧ'। ଏହା ଲେଖା ହୋଇ ମ ସ୍ଥ ହେବା ପରେ ଗୀତିନାଟ୍ୟକାରଙ୍କ ପ୍ରଶଂସା ଶତମୁଖରେ ପ୍ରଶଂସିତ ହେଲା। ତାଙ୍କର ଅମ୍ଲାନ ସୃଜନଶୀଳ ପ୍ରତିଭାର ପରିଚୟ ଧୀରେ ଧୀରେ ଚାରିଆଡେ ବ୍ୟାପିବାକୁ ଲାଗିଲା। ଉଚ୍ଚଶିକ୍ଷା ହାସଲ ନକରି ମଧ୍ୟ ଐଶ୍ୱରିକ ପ୍ରତିଭା ବଳରେ ତାଙ୍କର ଲେଖନୀ ପଲ୍ଲୀର ଗଣଜୀବନକୁ ଗଭୀର ଭାବରେ ପ୍ରଭାବିତ କଲା। କେବଳ ସେତିକି ନୁହେଁ ତାଙ୍କର ପ୍ରତିଭା ଗାଁ ଗଣ୍ଡା ଛାଡି ସହରୀ ଲୋକ ଏବଂ ଉଚ୍ଚଶିକ୍ଷିତ ବୁଦ୍ଧିଜୀବିଙ୍କୁ ମଧ୍ୟ ଆକୃଷ୍ଟ କରିପାରିଥିଲା। ଗଣକବି ବୈଷ୍ଣବ ପାଣିଙ୍କର ବିପୁଳ ସୃଷ୍ଟି ସମ୍ଭାରକୁ ଯଦି ଅବଲୋକନ କରାଯାଏ ତାହାଲେ ଦେଖିବାକୁ ମିଳେ, ବହୁ ପରିଚିତ ପୌରାଣିକ ,ଐତିହାସିକ ଏବଂ ସାମାଜିକ ଚରିତ୍ରକୁ ନିଜର କଳ୍ପନା ଓ ସ୍ୱଲେଖନୀରେ ଶାଣିତ କରିଛନ୍ତି। ଗୋଟିଏ ପରେ ଗୋଟିଏ ଗୀତିନାଟ୍ୟ, ଫାର୍ଶ ଗଣକବି ବୈଷ୍ଣବ ପାଣି ଲେଖିଯାଇଛନ୍ତି। ରଙ୍ଗସଭା, ଦାନବୀର, ରାବଣବଧ, ବ୍ରଜଲୀଳା, ପ୍ରହ୍ଲାଦ ଚରିତ୍ର, ଦକ୍ଷଯଜ୍ଞ, ମଥୁରା ଯାତ୍ରା, ଅମ୍ବୁଜମଣି, ଶ୍ରୀୟାଚଣ୍ଡାଳୁଣୀ, ଯଯାତି କେଶରୀ, ଦାନବୀର ହରିଶ୍ଚନ୍ଦ୍ର, ପର୍ଶୁରାମ ମାତୃହତ୍ୟା ଓ ଗୋବିନ୍ଦ ବିଦ୍ୟାଧର ପରି ଅନେକ ଗୀତିନାଟ୍ୟ ଲେଖା ସହ ଯାତ୍ରାଦଳର ଓସ୍ତାଦି ଏବଂ ଅଭିନୟ ମଧ୍ୟ ଆରମ୍ଭ ହେଲା। ଆନନ୍ଦପୁର ଯାତ୍ରାଦଳ,ଉମରଯାତ୍ରାଦଳ,ଅଢମ ମହିଷପୁର ଯାତ୍ରାଦଳ, ନୂରତାଙ୍ଗ, ଭେଡା ଏବଂ କଲ୍ୟାଣପୁର ଠାରେ ଯାତ୍ରାଦଳମାନ ଗଠନ ସହ ନିର୍ଦ୍ଦେଶନ ଦାୟିତ୍ୱ ଗ୍ରହଣ କରି ବହ କ୍ଷାତି ଅର୍ଜନ କରିଥିଲେ। ମଫସଲରୁ ସହର-ଜମିଦାରମାନଙ୍କ ମନ୍ଦିର ବେଢାରୁ -ଗଡଜାତ ରାଜାମାନଙ୍କ ରାଜବାଟୀ ଏବଂ କଟକରୁ କଲିକତା ପର୍ଯ୍ୟନ୍ତ ଗଣକବି ବୈଷ୍ଣବ ପାଣିଙ୍କର ଯାତ୍ରାଦଳ ଅଭିନୟ କରିଚାଲିଲା, ସବୁଠାରେ ପ୍ରଶଂସା - ସବୁଥିରେ ଯଶଲାଭ।

ଓଡିଆ ଗୀତିନାଟ୍ୟକୁ ଏବଂ ରଙ୍ଗମଞ୍ଚକୁ ସମୃଦ୍ଧ ଓ ଲୋକପ୍ରିୟ କରିବାରେ ଗଣକବି ବୈଷ୍ଣବ ପାଣିଙ୍କ ଭୂମିକା ଅତ୍ୟନ୍ତ ଉଲ୍ଲେଖନୀୟ। ଗଣକବି ବୈଷ୍ଣବ ପାଣି ପ୍ରଥମକରି ଓଡିଆ ଗୀତିନାଟ୍ୟରେ ଭିନ୍ନ ଭିନ୍ନ ଭୂମିକା ପାଇଁ ସ୍ୱତନ୍ତ୍ର ଭାବରେ ପାତ୍ରପାତ୍ରୀ ପ୍ରବର୍ତ୍ତନ କଲେ। ପାତ୍ରପାତ୍ରୀ ମାନଙ୍କ ପାଇଁ ବିଭିନ୍ନ ଛନ୍ଦରେ ସ୍ୱତନ୍ତ୍ର ସଙ୍ଗୀତ ରଚନା କରିବା ସହ ଚରିତ୍ରମାନଙ୍କ ମୁହଁରେ ପ୍ରଥମ କରି ସଂଳାପ ଦେଲେ। ତାଙ୍କ ସଙ୍ଗୀତ ଗୁଡିକରେ ଭାବକୁ ନେଇ ସ୍ୱର ଏବଂ ଲାଳିତ୍ୟପୂର୍ଣ୍ଣ ଭାଷାର ସଂଯୋଜନା ହୋଇଥିବାରୁ ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇ ପାରିଥିଲ। ସେତେବେଳେ ମୁକ୍ତ ରଙ୍ଗମ ମାନଙ୍କରେ ଆଜିପରି ବିଦ୍ୟୁତଆଲୋକର ମାୟାମ ନଥିଲା - ସାମାନ୍ୟ ବାଦ୍ୟଯନ୍ତ୍ରକୁ ସମ୍ବଳ କରି ବିଶାଳ ଦର୍ଶକଙ୍କୁ ଆକୃଷ୍ଟ କରିବାକୁ ହେଲେ ସେମାନଙ୍କ ରସପିପାସୁ ମନକୁ ବୁଝିବାକୁ ହେବ। ସାଧାରଣ ମଣିଷ ମନ ରସ କଦମ୍ବରେ ସଙ୍ଗୀତ ଓ ସଂଳାପ ମାଧ୍ୟମରେ ଶିହରଣ ସୃଷ୍ଟି କରିବାକୁ ହେବ। ଏବେ ଆଧୁନିକ ଓ ଅତ୍ୟାଧୁନିକ ନାଟକରେ ମଞ୍ଚକୌଶଳ ବହୁଳ ପରିମାଣରେ ବଢିଚାଲିଛି। ଦର୍ଶକର ଚାହିଦାକୁ କେହି ବିଚାରକୁ ନେଉ ନାହାନ୍ତି। କିନ୍ତୁ ବୈଷ୍ଣବ ପାଣି ତାଙ୍କ ଗୀତିନାଟ୍ୟରେ ଦର୍ଶକର ଚାହିଦାକୁ ବେଶୀ ଗୁରୁତ୍ୱ ଦେଉଥିଲେ। ଦକ୍ଷତା ଓ ସଫଳତାର ସହ ବୈଷ୍ଣବ ପାଣି ତାହା କରିପାରିଥିଲେ। ବାସ୍ତବିକ ଗତାନୁଗତିକ ଓଡିଆ ଯାତ୍ରା ସାହତ୍ୟର ମୋଡକୁ ସେ ବଦଳାଇ ଦେଇଥିଲେ। ସେଇଥି ପାଇଁ ସେ ଓଡିଶାର କେବଳ ଗଣକବି ନୁହନ୍ତି ସେ ମଞ୍ଚନାଟକ ଓ ଗୀତିନାଟ୍ୟର ପ୍ରବୃଦ୍ଧପୁରୁଷ।

ଯାତ୍ରା ଏବଂ ଗଣନାଟ୍ୟରେ ହାସ୍ୟରସ ପରିବେଷଣ କରିବା ଏକ ଉଲ୍ଲେଖନୀୟ କଳା। ଏଥିପାଇଁ ସେ ବହୁତ ସୁଆଙ୍ଗ ଓ ଫାର୍ଶ ରଚନା କରିଥିଲେ। ଦର୍ଶକ ମାନଙ୍କୁ ସାରା ରାତି କେବଳ ଅଭିନୟ ମାଧ୍ୟମରେ ବାନ୍ଧିରଖିବା କଷ୍ଟକର ତେଣୁ ନାଟକରେ ସୁଯୋଗ ଦେଖି ହାସ୍ୟରସର ପରିବେଷଣ କରାଯାଉଥିଲା। ବେଷ୍ଣବ ପାଣି କେବଳ ନିରୁତା ହାସ୍ୟରସ ପରିବେଷଣ କରୁନଥିଲେ ସେଥିରେ ସାମଜିକ ପରିସ୍ଥିତକୁ ଲକ୍ଷ୍ୟକରି ଅର୍ନ୍ତନିହିତ ବାର୍ତ୍ତା ମଧ୍ୟ ଦେଉଥିଲେ। ଏହା ବ୍ୟତୀତ ସେ ଥିଲେ ନିର୍ଭିକ ଓ ସ୍ୱାଧିନଚେତା । ସମାଜରେ ଘଟୁଥିବା ଘଟଣାବଳୀକୁ ମଞ୍ଚ ଉପରେ ତୀର୍ଯ୍ୟକ ଭାବରେ ପରିବେଷଣ କରିବାରେ ସେ ଥିଲେ ଓସ୍ତାଦ। ଆଶୁକବି ବୈଷ୍ଣବ ପାଣି ସଙ୍ଗୀତ ବାଧମରେ ହାସ୍ୟରସ ପରିବେଷଣ କରିବାରେ ଶୀର୍ଷସ୍ଥାନ ଅଧିକାର କରିଥିଲେ। ହାସ୍ୟରସ ସହିତ ଶାଣିତ କଟୁକ୍ତି ଓ ସଂସ୍କାରମୁଖୀ ବାର୍ତ୍ତାର ସେ ଥିଲେ ପ୍ରମୁଖ ପ୍ରବର୍ତ୍ତକ :-

"ଛି ଛି ମଦ ପିଇବି ନାହିଁ, କଳାପାଣି ପରି ଦିଶେ
ସେହି କଳାପାଣି ପେଟରେ ପଡିଲେ, ଚଉଦ ଭୁବନ ଦିଶେ।"

ଗଣକବି ବୈଷ୍ଣବ ପାଣି ସ୍ୱପ୍ନ ବିଳାସୀ କବି କେବଳ ନଥିଲେ। ମାଟି ମନସ୍କ କବିଥିଲେ । ସେ ଚାରିପଟେ ଘଟୁଥିବା ଘଟଣାମାନ ତାଙ୍କୁ ପ୍ରଭାବିତ କରୁଥିଲା। ସେଥିପାଇଁ ତାଙ୍କର ରଚନାରେ ମାଟିର ବାସ୍ନା ମହକିତ ହେଉଥିଲା। ସେ ସେତେବେଳର ସମସାମୟିକ ସମାଜ ଓ ବାସ୍ତବତାକୁ ଲେଖନୀ ମୁନରେ ରୂପାୟିତ କରିଛନ୍ତି :-

"ଓଡିଶାକୁ ସାରିଦେଲା ବନ୍ଦୋବସ୍ତ
ଗୋଚର, ଅନାବାଦି ହୋଇଲା ଜମାବନ୍ଦି
ପଡିଆଦଣ୍ଡା ତାଡି କଲେ କ୍ଷେତ
ମରିଲେ ଗୋରୁପଲ୍ଲ ହୋଇଣ କଲବଲ
କାହୁଁ ପାଇବେ ଘାସ, ସବୁ ହେଲା ଫସଲ।"

ଗଣକବି ବୈଷ୍ଣବପାଣି ପ୍ରଖ୍ୟାତ ଆଶୁକବି ଥିଲେ। ଅଧିକାଂଶ ସଙ୍ଗୀତ ବରାଦ ହେବାମାତେ ସେ ହଠାତ ରଚନା କରୁଥିଲେ ଏବଂ ରଙ୍ଗମ ରେ ପରିବେଷଣ କରୁଥିଲେ। ସାଧାରଣଲୋକଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କାର, ବାଲ୍ୟବିବାହ, ନାରୀଶିକ୍ଷା ଇତ୍ୟାଦି ସଂପର୍କରେ ବହୁ ଉପାଦେୟ କବିତା ସେ ରଚନା କରିଛନ୍ତି।

ବୈଷ୍ଣବ ପାଣି ଯଥାର୍ଥରେ ଗଣକବି ଥିଲେ। ଗଣ ହୃଦୟର ରସ ପିପାସା ସହିତ ସେ ଆତ୍ମିକ ଭାବରେ ଯୋଡି ହୋଇଯାଇଥିଲେ। ଯେଉଁ ଜୀବନର ରୂପ ଗଣଜୀବନରେ ପ୍ରତିଫଳିତ ହୋଇପାରେ - ତାହା ହିଁ ଗଣ ସାହିତ୍ୟ। ସରଳ ଲଳିତ ବୋଧଗମ୍ୟ ଭାଷାରେ ସମୟପୋଯାଗୀ ଶିକ୍ଷାପ୍ରଦ ଘଟଣା ମାନଙ୍କୁ ନେଇ ସମାଜର ବିଭିନ୍ନ ରୁଚି ଅନୁସାରେଯେଉଁ ମର୍ମସ୍ପର୍ଶୀ ଗଣନାଟ୍ୟର ସ୍ୱର ଝଙ୍କୃତ ହୋଇ ଉଠିଲା ତାହା ହିଁ ଏହି ଅସାଧାରଣ ବ୍ୟକ୍ତିତ୍ୱର ପରିଚୟ। ତାଙ୍କ ଲେଖନୀ ସେଥିପାଇଁ ଶିକ୍ଷିତ ଆତ୍ମାଭିମାନୀ ଓଡିଆ ଠାରେ ସୀମିତ ହୋଇ ରହିଯାଇନଥିଲା। ଆବାଳ ବୃଦ୍ଧବନିତା "ବିଲେ ବୋଲେ ଚଷା, ଅନ୍ତଃପୁରେ ଯୋଷା" ପରି ତାଙ୍କ ସାହିତ୍ୟ ବିଦଗ୍ଧ ପଣ୍ଡିତ ଠାରୁ ଅକ୍ଷର ବିବର୍ଜିତ ସାଧାରଣ ଜନତା ପର୍ଯ୍ୟନ୍ତ ଥିଲା ବିସ୍ତୃତ। ତାଙ୍କ ସାହିତ୍ୟ ଉପେନ୍ଦ୍ର-ଅଭିମନ୍ୟୁ - କବିସୂର୍ଯ୍ୟଙ୍କ ପରି ଦରବାରୀ ମଞ୍ଚରୁ ଓହ୍ଲାଇଯାଇ ପୁରପଲ୍ଲୀରେ ବ୍ୟାପିଯାଇଥିଲା।

ଗଣକବି ବୈଷ୍ଣବ ପାଣି ସାହିତ୍ୟ ସର୍ଜନା ଭିତରେ ରହି ଦେଶ ଓ ଜାତି ପାଇଁ ମଧ୍ୟ ତାଙ୍କ ସଂଗ୍ରାମ ଜାରି ରଖିଥିଲେ। ୧୯୩୪ ମସିହାରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓଡିଶା ଆସିବା ସମୟରେ ବୈରୀ ରେଲ ଷ୍ଟେସନରୁ ଓହ୍ଲାଇ ଛତିଆ, ଚମ୍ପାପୁର, ଭେଡା ଓ ଲେଖନପୁର ଠାରେ ସାଧାରଣସଭା କରିବା ସହ ରାତ୍ରି ଯାପନ କରିଥିଲେ। ଗଣକବି କେବଳ ଗାନ୍ଧିଜୀଙ୍କର ଦର୍ଶନ ଲାଭ କରିଥିଲେ ତାହା ନୁହେଁ ବରଂ ସେ ବହୁ ଭାବରେ ତାଙ୍କ ବାଣୀରେ ପ୍ରଭାବିତ ହୋଇଥିଲେ। ମାତୃଭୂମି ଓ ମାତୃଭାଷା ପାଇଁ ବୈଷ୍ଣବ ପାଣିଙ୍କ ହୃଦୟରେ ମମତାର ସ୍ରୋତ ପ୍ରବାହିତ ହୋଇଥିଲା। ଜନ୍ମଭୂମିର ପରାଧୀନତା ପାଇଁ ତାଙ୍କ ପ୍ରାଣରେ ଅବ୍ୟକ୍ତ ବେଦନା ସୃଷ୍ଟି ହୋଇଥିଲା। ଗଣକବି ବିଷ୍ଣବ ପାଣି ଜାତୀୟ ଚେତନାରେ ପ୍ରଭାବିତ ହୋଇ ଗାଇଥିଲେ :-

"ଭାରତ ବୀରେ ବିରତ ନୁହଁ, ତୁରିତେ ଭିଡ ଅଣ୍ଟା
ଚିରତ ନୁହଁ କାହାର ଏ ଦେହ, ବଜାଅ ବିଜୟ ଘଣ୍ଟା।
ବର୍ଜନ କର ପ୍ରାଣ ମମତା, ଅର୍ଜନ କର ଯଶ
ଅହିଂସାର ଏ ଗର୍ଜନ ଗୁଣ, କମ୍ପାଏ ଦଶ ଦିଶ।"

ଦେଶ ଓ ଜାତିର ପ୍ରୀତି ତାଙ୍କର ଲେଖନୀକୁ କରିଥିଲା ତିବ୍ର ଓ ତୀକ୍ଷଣ। ସେତେବେଳର ଗୋରା ଇଂରେଜ ଶାସକ ବିରଦ୍ଧରେ ସେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ଜାତୀୟତା ବୋଧକ ଭାବନାର ପ୍ରମାଣ ପ୍ରତ୍ୟାକଟି ରଚନାରେ ପରିଲିକ୍ଷିତ ହୁଏ। ଯେପରି ସେ ଇଂରେଜ ସରକାରକୁ ସମାଲୋଚନା କରି ଲେଖିଥିଲେ :-

"ପୋଡି ଯାଉରେ ଇଂରେଜ ଅମଳ
ହରି ନେଇଗଲା ଦେଶୁ ଟଙ୍କା ସୁନା,
ଦେହରୁ ହରିଲା ଆମରି ବଳ।"

ଏହା ବ୍ୟତୀତ ଦେଶପ୍ରେମୀ ବୈଷ୍ଣବ ପାଣିଙ୍କ ଲେଖାରେ ଅସହଯୋଗ



ଆନ୍ଦୋଳନ,ଲବଣ ସତ୍ୟାଗ୍ରହ, ଭାରତଛାଡ ଆନ୍ଦୋଳନ ତଥା ସ୍ୱାଧିନତା ସଂଗ୍ରାମର ବାର୍ତ୍ତା ସ୍ୱଷ୍ଟ ଭାବରେ ପ୍ରତ୍ୟୟମାନ ହୁଏ। ଭାରତମାତାର ଶୋକ, ଗାନ୍ଧୀ ଭାଗବତ, ମୂଳିଆ ପୁଅ ପରି ଖଣ୍ଡ କାବ୍ୟ ଗୁଡିକରେ ତାଙ୍କର ଜାତୀୟତାର ବାଣୀ ସହଜରେ ଅନୁଭବ କରିହୁଏ।

ନଦୀ, ନାରୀ ଓ ନିଳାଦ୍ରୀବିହାରି ଗଣକବି ବୈଷ୍ଣବ ପାଣିଙ୍କୁ ଆତ୍ମବିଭୋର କରିଥିଲେ। କବିଙ୍କର ସମସ୍ତ ଗୀତିନାଟ୍ୟ, ସଙ୍ଗୀତ ଓ ଭଜନରେ ଏହି ଭାବ ପ୍ରତିଫଳିତ ଓ ପ୍ରସ୍ଫୁଟିତ। ଦୁଃଖ ଓ ଦାରିଦ୍ର୍ୟତା ଭିତରେ ମଧ୍ୟ ସେ ବାଣୀସେବା କରିବାଟା କେବେ ଭୁଲିନାହାନ୍ତି। ନିଷ୍ପାପର ଓ ନିଷ୍ଛଳ ସାଧକ ଭାବରେ ତାଙ୍କର ସାଧନା ସେ ଅବ୍ୟାହତ ରଖିଥିଲେ। ତାଙ୍କର ଅଭିମାନକୁ ପ୍ରକଟ କରି ସେ ଲେଖିଛନ୍ତି-

"ଶତ ଶତ ଗ୍ରନ୍ଥ ତୋହରି ଉତ୍କଳ ଭାଷାରେ କରି ତିଆରି
ଅଭାବ ଅଭାବ ସଦା ଭାବି ଭାବି ଜୀବନଯାଏ ବାହାରି।
ମହାପ୍ରଭୁ ହେ-
ବିରୂପା କୂଳରେ ବସି ବସି ଆସି ବିରୂପ ହେଲିଣି ମୁହିଁ
ଦାନା କନା ଛାଡି ସକଳ ଦେଇଛ ନଦେଖନ୍ତି ଏହା କେହି।
...............................
ପାଣିର ଗୁହାରୀ ପାଣିରେ ଭାସୁଛି ବାଣୀ ସେବା କରି କରି
ପାଶୋରି ନଦିଅ କିଶୋରୀ-ବଲ୍ଲଭ ଜୟ ନିଳାଦ୍ରୀ କେଶରୀ।"

ସେହିପରି ଗଣକବି ବୈଷ୍ଣବ ପାଣି ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ। ସେ ତାଙ୍କ ଦୁଃଖ ସାଧାରଣରେ ପ୍ରକାଶ କରୁନଥିଲେ। ଯାହା ତାଙ୍କ ହୃଦୟକୁ ଆନ୍ଦୋଳିତ କରୁଥିଲା, ତାହା ତାଙ୍କ ଲେଖନୀରେ ସ୍ୱଷ୍ଟ ଉଚ୍ଚାରିତ ହେଉଥିଲା। ସେ ତାଙ୍କ ଅପ୍ରକାଶିତ ଭାବନାକୁ ପ୍ରକାଶ କରିବାକୁ ଯାଇ ସେ ଲେଖିଛନ୍ତି-

"ମହାନଦୀ କନ୍ୟା ସୁନ୍ଦରୀ ବିରୂପା
ତୋ ନୀରୁ ମୋ ନୀର ନୟନୁ ଅଧିକା।"

ଜଗନ୍ନାଥ ଜଣାଣ, ଶ୍ରୀ ନୀଳାଚଳ ଭଜନ ଓ ଭଗବତ ଭଜନ ମାଳା ରଚନା ପରି ପ୍ରଭୁଙ୍କ ଉଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ରୋଗ ଶଯ୍ୟାରେ ପଡି ଯନ୍ତ୍ରଣା ଜର୍ଜରିତ କଣ୍ଠରେ କବି ତାଙ୍କ ଦୁଃଖକୁ ନୈବେଦ୍ୟ କରିବାକୁ ଯାଇ ଗାଇଛନ୍ତି :-

"ଛାଡ ମାଡଖିଆ ବୁଦ୍ଧିରେ ବଡ ଦେଉଳେ ବଡ ଗୋସାଇଁ,
ଯେ ମାଇଲା ମାଡ ସେ ହୋଇଲା ବଡ-ବାଡ ହେଲ ତାକୁ ତୁହି
ମାଡ ଦେଲା ଗୋପେ ଗଉଡୁଣୀ ରାଧା ତା ଗୋଡ ଧଇଲୁ ଯାଇଁ,
ମାଡୁଆ ମୋହନ, ମାଡ ବିନୁ ଆନ ଗତି ତୋ କପାଳେ ନାହିଁ
ବଇଷ୍ଣବ ଭକ୍ତି କଡିଆ ଧରିଛିକରେ ଲଗାଇବା ପାଇଁ।"

ଗଣକବିଙ୍କର ଭାଷା ଏବଂ ସ୍ୱର ଓଡିଆ ସଙ୍ଗୀତରେ ଅପୂର୍ବ ମାୟା ସୃଷ୍ଟି କରିଛି। ଯମକ ଓ ଅନୁପ୍ରାସ ଏହାକ ଅଧିକେ ବର୍ଣ୍ଣାଢ୍ୟ କରିଛି। ତାଙ୍କର ଅସଂଖ୍ୟ ସଙ୍ଗୀତ, ଭଜନ, ଜଣାଣ ଏବଂ ଗୀତିନାଟ୍ୟ ଗୁଡିକରେ କବିତ୍ୱ ଓ ବିଧଗ୍ଧତା ଭକ୍ତି ଓ ଜାତୀୟତାର ସମନ୍ୱୟରେ ସାରସ୍ୱତ କୁଞ୍ଜକୁ ଅପୂର୍ବ ମୂର୍ଚ୍ଛନାରେ ମୁଖରିତ କରିଛି। ତାଙ୍କର ଅଜସ୍ର ସୃଷ୍ଟି ତାଙ୍କୁ କାଳଜୟୀ କରି ରଖିବ।

"ଯାହା କରିଗଲେ ତୋତେ ଭାବିବ ଦୁନିଁଆ ତାହା ଯାଇଥା କରି
ମରିଯିବୁ ଯେବେ କାନ୍ଦିବେ ସରବେ ନୟନୁ ବୁନ୍ଦାଏ ବାରି।
କେହି ନକହନ୍ତୁ ଘରବୁଡା ବୋଲି ମିଛରେ ପଛରେ ଧାଇଁ
ଆସିଅଛୁ ଖାଲି ଯିବୁ ଚାଲି ଖାଲି ନଯିବୁରେ କିଛି ଧରି।"

+ ରାମକୃଷ୍ଣପୁର, ରାମେଶ୍ୱର, କଟକ-୭୫୪୨୦୧
ଭ୍ରାମ୍ୟଭାଷ-୯୪୩୯୭୩୫୩୧୧

# ମାରାତ୍ମକ ନିଃସଙ୍ଗତା

ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାଯାଇଛି ଯେ ହୃଦରୋଗୀମାନଙ୍କ କ୍ଷେତ୍ରରେ ନିଃସଙ୍ଗତା ଘାତକ ହୋଇପାରେ । ଡେନମାର୍କର କୋପେନହେଗନ ବିଶ୍ୱବିଦ୍ୟାଳୟ ହସପିଟାଲରେ ଜଣେ ପିଏଚଡି ଛାତ୍ର ଏନିଓ୍ୱନଗାର୍ଡ କ୍ରିଷ୍ଟେନସେନଙ୍କ ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାଯାଇଛି, ନିଃସଙ୍ଗତା କାରଣରୁ ଲୋକଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ସମସ୍ୟା ଏବଂ ରୋଗ ବଢୁଛି । ବିଶେଷକରି ଏହା ହୃଦଯନ୍ତ୍ର ସଂକ୍ରାନ୍ତ ଅସୁସ୍ଥତା ସୃଷ୍ଟି କରୁଛି । ତେବେ ଏକାକୀ ରହିବା ଅପେକ୍ଷା ନିଃସଙ୍ଗତା ଅନୁଭବ କରୁଥିବା ବ୍ୟକ୍ତିଙ୍କ ସ୍ଥିତି ବେଶୀ କ୍ଷତିକାରକ । ଏକା ରହୁଥିବା ମଣିଙ୍କେ ଅପେକ୍ଷା ଏମାନେ ଶୀଘ୍ର ମୃତ୍ୟୁବରଣ କରିଥାନ୍ତି । ଏମାନଙ୍କର ଚିନ୍ତା ଏବଂ ଅବସାଦରେ ଆକ୍ରାନ୍ତ ହେବା ତିନିଗୁଣ ଅଧିକ ଦେଖାଯାଇଥାଏ । ଯାହା ଜୀବନର ଗୁଣାତ୍ମକ ମାନ ହ୍ରାସ କରିଚାଲେ ।



## ଅବସାଦର ମୁଖ୍ୟ କାରଣ:

ଏକୁଟିଆ ମଣିଷ ବେଶୀ ଚିନ୍ତା କରନ୍ତି । ବୃଥାରେ ଅଧିକ ଚିନ୍ତା କରିବା ଦ୍ୱାରା ଅବସାଦର ସ୍ଥିତି ସୃଷ୍ଟି ହୁଏ, ଯାହା ହୃଦଯନ୍ତ୍ର ପାଇଁ ବିପଜ୍ଜନକ । ଆଜିକାଲି ସହରଗୁଡ଼ିକ ସହିତ କେତେକ ଗ୍ରାମରେ ମଧ୍ୟ ଆଧୁନିକ ଜୀବନଶୈଳୀ ତଥା ପରିବର୍ତ୍ତିତ ମୂଲ୍ୟବୋଧ ଯୋଗୁ ଅଧିକାଂଶ ଲୋକ ଏକାକୀ ରହିବାକୁ ବାଧ ହେଉଛନ୍ତି । ଲୋକେ ସୋସିଆଲ ମିଡିଆରେ ଯେତେ ସକ୍ରିୟ ରହୁଛନ୍ତି, ପ୍ରକୃତ ଜୀବନରେ ସେତିକି ନିଃସଙ୍ଗ । ଏହା ମସ୍ତିଷ୍କ ଉପରେ ଖୁବ ନକରାତ୍ମକ ପ୍ରଭାବ ପକାଇଥାଏ ।



## କ'ଣ କରିବେ:

ନିୟମିତ ଯୋଗ, ବ୍ୟାୟାମ ତଥା ଧ୍ୟାନ କରିବା ଦ୍ୱାରା ମାନସିକ ଉଦବେଗରୁ ମୁକ୍ତି ମିଳିପାରିବ । ଷ୍ଟ୍ରେସ ବା ଚିନ୍ତାରୁ ମୁକ୍ତି ପାଇବା ଲାଗି ପର୍ଯ୍ୟାପ୍ତ ସମୟ ଶୋଇବାକୁ ହୋଇଥାଏ । ଏହା ଅଭାବରେ ରକ୍ତ ଶର୍କରା, ରକ୍ତଚାପ ବଢ଼ି ଏକାଧିକ ରୋଗ ସୃଷ୍ଟିକରେ। ପାଣି ପିଇବା ଦ୍ୱାରା ଟେନସନ୍ କମେ । ତେଣୁ ଉଦବେଗ ବଢ଼ିଲେ ପ୍ରଚୁର ପାଣିପିଅନ୍ତୁ । ମନକୁ ଖୁସି ରଖିବାର ଚେଷ୍ଟା କରନ୍ତୁ । କାମ ଯେତେ କଲେ ମଧ ତା ଭିତରେ ମନ ଖୁସି କରିବା ଲାଗି ଗୀତ ଶୁଣନ୍ତୁ, ଫିଲ୍ମ ଦେଖିବାକୁ ଯାଆନ୍ତୁ, ଖେଳନ୍ତୁ, ବନ୍ଧୁ ପରିବାରବର୍ଗଙ୍କ ସହ କିମ୍ବା କୌଣସି ବିଶେଷ ବନ୍ଧୁଙ୍କ ସହିତ ଗପସପ କରନ୍ତୁ ନଚେତ ବୁଲିବାକୁ ବି ଯାଇପାରନ୍ତି । ବହୁବାର ଲୋକେ ନିଃସଙ୍ଗତା ପାଇଁ ନିଜକୁ ଦାୟୀ କରନ୍ତି । ସେମାନେ ଧରିନିଅନ୍ତି ଯେ ଅନ୍ୟମାନଙ୍କ ପାଖରେ ତାଙ୍କର କୌଣସି ମୂଲ୍ୟ ନାହିଁ । କିନ୍ତୁ ପରିସ୍ଥିତି ପାଇଁ ନିଜକୁ ବା ଅନ୍ୟକୁ ଦୋଷୀ କରିବା ବଦଳରେ ଏହାକୁ ସାମନା କରିବା ଜରୁରୀ।

## ଏକାପଣ ଖରାପ ନୁହେଁ:



ଏକଲା ବା ନିଃସଙ୍ଗ ହୋଇ ରହିବାର କେବଳ ନକରାତ୍ମକ ପ୍ରଭାବ ନାହିଁ । ଏହାର ସକାରାତ୍ମକ ଦିଗକୁ ଦୃଷ୍ଟି ଦେଇପାରନ୍ତି । ଏହା ସମ୍ପର୍କରେ ଉପୁଜିଥିବା ସମସ୍ୟାକୁ ଠାବ କରି ସମାଧାନ କରିବାର ଇଚ୍ଛା ସୃଷ୍ଟି କରାଏ ତଥା ଉପାୟ ଖୋଜିବାରେ ସାହାଯ୍ୟ କରେ । ନିଜକୁ ଆବିଷ୍କାର କରିବାର ସୁଯୋଗ ଦିଏ । ଫଳରେ ଭବିଷ୍ୟତର ଯୋଜନା ସଫଳ ସହଜ ହୋଇପାରେ ।

# ବୈଚିତ୍ର୍ୟ ଭରା ବାରଣ୍ଡା

ବାରଣ୍ଡା ବିନା ଘର ଅସମ୍ପୂର୍ଣ୍ଣ ଲାଗେ । ପ୍ରେମ ଭରା ରୋମାଣ୍ଟିକ ମୁହୂର୍ତ୍ତ ହେଉ କି ଅବସାଦ କିମ୍ବା ଏକୁଟିଆ ରହିବା ପାଇଁ ବାରଣ୍ଡା ଖୁବ ଭଲ ସ୍ଥାନ । ଜାଣନ୍ତୁ ବାରଣ୍ଡା ସଜାଇବାର କିଛି ବିଶେଷ ଉଦାହରଣ ।



୧ ଦ୍ୱିତୀୟ ମହଲା ସହ ଲାଗିଥିବା ବାରଣ୍ଡାରେ ପହଞ୍ଚିବା ପାଇଁ ଦୁଇ ତିନିଟି ଶିଡ଼ି ଓହ୍ଲାଇବାକୁ ପଷଡ଼ । ତେବେ ଏହାର ଆକୃତି ଦେଖିଲା ଭଳି । ସାଙ୍ଗମାନଙ୍କ ସହିତ ଚା' ଓ ଖୁସିଗପ ପାଇଁ ଏଇ ବାରଣ୍ଡା ବିଲକୁଲ ଫିଟ୍ ।

୨ ଟିକେ ନିରୋଳାରେ ରହିବାକୁ ଇଚ୍ଛା ହେଉଛି ? ବାରଣ୍ଡାରେ ବସି ସହରର ଦୃଶ୍ୟ ଦେଖି ଏକାକୀତ୍ୱକୁ ଉପଭୋଗ କରନ୍ତୁ ।

୩ ଖୁବ ଛୋଟ ବାରଣ୍ଡା । କାନ୍ଥରେ ଉଜ୍ଜ୍ୱଳ ହଳଦିଆ ରଙ୍ଗ ତଥା ପ୍ରକୃତିର ହାଲକା ସ୍ପର୍ଶ ଅବସାଦ ଦୂରେଇ ମନକୁ ସତେଜ କରିବ ।

୪ ଅର୍ଦ୍ଧ ଚନ୍ଦ୍ରାକାର ବାରଣ୍ଡା ଚାରିପଟେ ଗଛର ମେଳା ! ସକାଳୁ ବାମ୍ଫଉଠା ଚା' କପଟିଏ ହାତରେ ଧରି ବସିଲେ ଦିନସାରା ସତେଜ ଲାଗିବ ।

୫- ଲିଭିଂ ରୁମକୁ ଲାଗି ରହିଛି ଏଇ ଛୋଟ ବାରଣ୍ଡା । ରୁମ ଓ ବାରଣ୍ଡା ମଝିରେ ରହିଛି ସ୍ଲାଇଡିଂ ଡୋର । କାଠର ପାର୍ଟିଶନ, ପାରମ୍ପରିକ ଚେୟାର ଓ ସବୁଜିମାରେ ଭରା ବାରଣ୍ଡା ଆପଣଙ୍କ ଜୀବନର ଆବେଗମୟ କ୍ଷଣକୁ ଉଜ୍ଜୀବିତ କରିବ ।

୬- ଲିଭିଂ ରୁମର ଏକ୍ସଟେନ୍‌ଶନ୍ ଭାବରେ ତିଆରି ହୋଇଛି ଏଇ ବାରଣ୍ଡା । କାଚର ସ୍ଲାଇଡିଂ ଡୋର ହେଲା ବିଭାଜିକା । ଘରେ ବସି ସାଙ୍ଗ ସାଥୀମାନଙ୍କ ସହିତ ଖୁସିଗପ ହେବା ସାଙ୍ଗକୁ ସହରର ଦୃଶ୍ୟକୁ ଉପଭୋଗ କରିବାର ଏକ ନିଆରା ବ୍ୟବସ୍ଥା ।

୭- ବାରଣ୍ଡାରେ ନୂଆ ମାତ୍ରା ଆଣିଛି ଏକ ଦୋଳି । ଏକୁଟିଆ କିମ୍ବା ଦୁହେଁ ମିଶି ଅବସର ସମୟ ବିତାଇବା ପାଇଁ ଏହାଠାରୁ ଉପାୟ ଆଉ କ'ଣ ହୋଇପାରେ !



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ନିଦାନ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଡରାଇଲାଣି ସି-ତ୍ରଙ୍ଗ୍...

ଜଳବାୟୁ ଓ ଦୁଇଦିନ ଧରି ପାଣିପାଗର ଗତି ବିଚିତ୍ର । କେତେବେଳେ ଲଘୁଚାପ ଓ ପୂର୍ଣ୍ଣବଳୟର ଗତି କେଉଁ ପ୍ରକାର ତାହାର ଟେର ମିଳୁନାହିଁ । ବିଶ୍ୱ ତାପନ ନେଇ ଯେଉଁ ଭୟଙ୍କର ସ୍ଥିତି ଉତ୍ପନ୍ନ ହେଉଛି, ତାହା ସମ୍ପର୍କରେ ପୂର୍ବାନୁମାନ ମଧ ବେଳେବେଳେ ଠିକ୍ ହେଉନାହିଁ । ଏହାର ତଟକା ପ୍ରମାଣ ମିଳିସାରିଛି । ପୂର୍ବଥର ଗୁଡ଼ିକରେ ପାଣିପାଗ ବିଭାଗର ସୂଚନା ପ୍ରାୟତଃ ଠିକ୍ ରହୁଥିଲା । ସପ୍ତାହକ ପୂର୍ବରୁ ମତ୍ସ୍ୟଜୀବୀମାନଙ୍କୁ ଉରାଳ ସମୁଦ୍ର ଭିତରକୁ ନଯିବାକୁ ସତର୍କ କରି ଦିଆଯାଉଥିଲା । ଏହା ଭିତରେ ଭାରତୀୟ ପାଣିପାଗ ବିଭାଗ ଗୋଟିଏ କଥା କହୁଥିବା ବେଳେ ବାତ୍ୟା ସମ୍ପର୍କିତ ଅନ୍ୟ ସୂଚନା ଆଉ ପ୍ରକାରେ କହିବା ସମସ୍ତଙ୍କୁ ଦୂରେ ପକାଇଥିଲା । ସମ୍ଭାବ୍ୟ ବାତ୍ୟାର ଗତି ନେଇ ନୂଆ ନୂଆ ତଥ୍ୟ ମିଳୁଥିବା ଭିତରେ ଏବେ କୁହାଗଲାଣି ସର୍ବଶେଷ ସୂଚନା ମୁତାବକ ଆଣ୍ଡାମାନ ସାଗରରେ ଘୂର୍ଣ୍ଣବଳୟ କ୍ରମଶଃ ଦାନା ବାନ୍ଧିଲାଣି ବୋଲି କୁହାଗଲାଣି । ୨୨ ତାରିଖରୁ ସକ୍ରିୟ ରହିଥିବା ଘୂର୍ଣ୍ଣବଳୟ ଅଧିକ ଘନୀଭୂତ ହେବ ଏବଂ ଦୁଇଟି ପ୍ରକାର ମଡେଲର ପୂର୍ବ ଆକଳନ ସମାନ ପ୍ରକାର ବାସ୍ତବ ହେବାକୁ ଯାଉଛି । ଉତ୍ତର-ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣବଳୟ ଅଧିକ ତୀବ୍ର ଓ ଭୟଙ୍କର ରୂପ ଧାରଣ କରିବାର ସମ୍ଭାବନା ଦୃଷ୍ଟିରୁ ସମ୍ଭାବ୍ୟ ବିପଦ ନେଇ ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରାଯାଉଛି । ସକ୍ରିୟ ପୂର୍ଣ୍ଣବଳୟ ଭୟଙ୍କର ରୂପ ଧାରଣ କରିବା ଓ ଓଡ଼ିଶା, ପଶ୍ଚିମବଙ୍ଗ ଓ ଆନ୍ଧ୍ର ଉପକୂଳରେ ଅଧିକ ସକ୍ରିୟ ରହିବ । ଏହି ବାତ୍ୟାକୁ ସି-ତ୍ରୁଙ୍ଗ ଭାବେ ନାମକରଣ କରାଯାଇଛି । ଏହି ନାମକରଣ କରିଛି ଥାଇଲ୍ୟାଣ୍ଡ । ଦୁଇ ଦୁଇଟି ମଡେଲର ପୂର୍ବାନୁମାନରେ ତାଳମେଳ ରହୁନଥିବା ଭିତରେ ବାସ୍ତବ ସ୍ଥିତିର ସମ୍ଭାବନାକୁ ଦେଖି ଥାଇଲ୍ୟାଣ୍ଡ ସି-ତ୍ରଙ୍ଗ ରୂପେ ନାମିତ କରିଥିବା ଜଣାଯାଉଛି । ଅନେକ ଏହାକୁ ସି-ତରଙ୍ଗ ଭାବେ ଗ୍ରହଣ କରୁଥିବାର ଦେଖାଯାଉଛି । ବାଲେଶ୍ୱର କିମ୍ବା କେନ୍ଦ୍ରାପଡ଼ା ଉପକୂଳରେ ଏହାର ଲ୍ୟାଣ୍ଡଫଲ୍ ସମ୍ଭାବନା ଥିବାରୁ କେହି କେହି କହୁଥିଲେ ହେଁ ପ୍ରକୃତରେ ତାହା କେଉଁଠି ସ୍ଥଳଭାଗ ଛୁଇଁବ କୁହାଯାଇପାରୁ ନାହିଁ । ମାତ୍ର ଏତିକି କୁହାଯାଉଛି କି, ୨୪ ରାତି କିମ୍ବା ୨୫ରେ ତାହା ଉପକୂଳ ଛୁଇଁବାର ଯଥେଷ୍ଟ ସମ୍ଭାବନା ରହିଛି । କେଉଁ ଦିଗରେ ତାହା ଗତି କରିବ ଓ ଲ୍ୟାଣ୍ଡଫଲ୍ ନେଇ ଅଲଗା ଅଲଗା ଆକଳନ କରାଯାଉଛି । ଏତିକି କୁହାଯାଇପାରିଛି ଯେ, ଶହେ କିଲୋମିଟର ବେଗରେ ପବନ ବୋହିବ ଏବଂ ଦୁଇଦିନ ପ୍ରବଳରୁ ଅଧିକ ପ୍ରବଳ ବର୍ଷା ହେବ । ସୁନାମି, ଫନି, ଫାଇଲିନ୍, ହୁଡହୁଡ, ତିତିଲି ଭଳି ଭୟାବହ ଅଭିଜ୍ଞତା ଓଡ଼ିଶାକୁ ମିଳିଛି । ତାହାର ଆଧାରରେ ସରକାରୀ ପ୍ରସ୍ତୁତି ଚଳାଯାଉଥିବା ଦେଖାଯାଉଛି । ସମୁଦ୍ର ଭିତରକୁ ଧୀବରମାନଙ୍କୁ ସବୁଥର ଭଳି ବାରଣ କରାଯାଇଛି । ବାତ୍ୟାପ୍ରବଣ ଅଞ୍ଚଳର ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଚାଲିଯିବାକୁ କୁହାଯାଉଛି । ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ କରି ରଖାଯାଉଛି । ଦୀପାବଳି ଓ ଦଶହରା ଭଳି ପାର୍ବଣ ପଡୁଥିବା ଅକ୍ଟୋବର ମାସରେ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଆସୁଥିବାରୁ ଆମ ସମସ୍ତଙ୍କୁ ସେଥିପାଇଁ ସତର୍କ କରି ଦିଆଯାଉଛି । ତାହାରି ଭିତରେ ବର୍ଷାଜନିତ ବନ୍ୟା ଲାଗି ସାବଧାନ ରହିବାକୁ କୁହାଯାଉଛି । ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପ୍ରଶାସକମାନଙ୍କୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ ସକାଶେ ପରାମର୍ଶ ଦିଆଯାଇଛି । ପରବର୍ତ୍ତୀ ଛତିଶ ଘଣ୍ଟା ଉପକୂଳିଆମାନଙ୍କ ସକାଶେ ଗୁରୁତ୍ୱପୂର୍ଣ୍ଣ କୁହାଯାଉଛି । ତାହାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବନ୍ୟା ପାଇଁ ଦୁର୍ବଳ ବନ୍ଧବାଡ଼ ଓ ଘାଇ-ଘଳିଆ ମରାମତି ପାଇଁ ସବୁପ୍ରକାର ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି । ଘୂର୍ଣ୍ଣବଳୟ ଓ ଲଘୁଚାପ ପାଇଁ ଓଡ଼ିଶାବାସୀ ସବୁ ସମୟରେ ପ୍ରସ୍ତୁତ ପରିପ୍ରେକ୍ଷୀରେ ଅଭିଜ୍ଞତାକୁ ଆଧାର କରି କେବଳ ଉପକୂଳ ନୁହେଁ, ଆଭ୍ୟନ୍ତରୀଣ ଓଡ଼ିଶା ବାସିନ୍ଦାଙ୍କୁ ସତର୍କ ରହିବାକୁ କୁହାଯାଉଛି । କେତେବେଳେ ତୋଫାନ କେଉଁ ଦିଗରେ ଗତି କରିବ, ତାହାର ତୀବ୍ରତା କେତେହେବ, ସେ ନେଇ ସୂଚନା ନଥିବାରୁ ଆଗରୁ କ'ଣ କରିହେବ, ଅନୁମାନ ବା ଅନ୍ଦାଜ ଲଗାଇବା ସମ୍ଭବ ହେଉନାହିଁ । ତେବେ ଉତ୍ତରଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ସି-ତ୍ରୁଙ୍ଗର ପ୍ରବଳତା ପାଇଁ ଅଯଥା ଆତଙ୍କରେ ନରହି ସମ୍ଭାବ୍ୟ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ । ସତର୍କତା ଅବଲମ୍ବନ ସହ ପାଣିପାଗର ଆଗୁଆ ଚେତାବନୀକୁ ମାନିଲେ ଏ ବିପଦ ସୁଦ୍ଧା ସହଜରେ ଟଳିଯିବ ଏବଂ ରାଜ୍ୟବାସୀଙ୍କ ଧନଜୀବନ ସୁରକ୍ଷିତ ହୋଇପାରିବ ।

# ଆସ ଓହ୍ଲାଇ ଦେବା ବୋଝ



**ରାଜୀବ ଗୋପାଳ ସ୍ୱାଇଁ**

ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ କିଛି ଜିନିଷର ସ୍ଥାନ ପରିବର୍ତ୍ତନ ବେଳେ ମୁଣ୍ଡ, ପିଠି ବା କାନ୍ଧ ଉପରେ ତାର ଓଜନକୁ ଶରୀର ଧାରଣ କରେ, ଆମେ ତାକୁ ବୋଝ କହୁ । ସମୟ ସହିତ ନିର୍ଦ୍ଦିଷ୍ଟ ଦୂରତା ଅତିକ୍ରମ କରିଗଲେ, ଉକ୍ତ ବୋଝ ତଳକୁ ଓହ୍ଲାଇ ଯାଏ ଓ ହାଲୁକା ଅନୁଭବ କରେ ମଣିଷ । ମୁଣ୍ଡ କି କାନ୍ଧରେ ବୋଝ ଥିବା ଯାଏଁ ଶରୀର ପାଇଁ ତାହା ଥାଏ ପୀଡା ପ୍ରଦାନକାରୀ । ଶରୀରର ଦକ୍ଷତା ଠାରୁ ଅଧିକ ଓଜନ ଉଠାଇବା ସମ୍ଭବ ହୋଇ ନଥାଏ । ଏଭଳି କଲେ ଆମେ ଆମ ଶରୀରକୁ ହାନୀ ପହଂଚାଇ ଥାନ୍ତି ।

ହୁଏତ ଆମେ ସମସ୍ତେ, ମେଳା କି ଯାତ୍ରା ବେଳେ ସାନପିଲାଙ୍କୁ ପିଠି, କାଖ କି କାନ୍ଧ ଉପରେ ନିଶ୍ଚୟ ଧରିଥିବା । ଯାତ୍ରା ବୁଲା ଶେଷ ହେଲେ ସେ ବୋଝ ବି ଓହ୍ଲାଇ ଯାଏ । ସାମୟୀକ ଭାବରେ କାନ୍ଧ କି ବାହୁରେ ଦରଜ ହୋଇ ଥାଏ ସତ ହେଲେ ତାହା କିଛି ଦିନ ବ୍ୟବଧାନରେ ଚାଲିଯାଇ ଏକ ସୁନ୍ଦର ସ୍ମୃତି ରୂପେ ଉଦ୍ଭାଷିତ ରହିଯାନ୍ତି ।

ସ୍ଥୁଳ ବୋଝଟିଏ ଥିଲେ ତାକୁ ତ ଓହ୍ଲାଇ ଦେଇହୁଏ, କିନ୍ତୁ ଏମିତି କିଛି ବୋଝ, ସ୍ଥୁଳ ବୋଝ ପରି ନହୋଇ ବି ମୁଣ୍ଡକୁ ଭାରି ଭାରି ଲାଗିଥାନ୍ତି । ସେତେବେଳେ ମୁଣ୍ଡ ବଥାଏ, ବୁଲାଏ। ହୃଦୟ ଭିତରେ ଦରଜ ବଢି ବଢି ଯାଏ । ଆଖିରୁ ରାତି ରାତି ନିଦ ଉଡିଯାଇ ମଣିଷକୁ କ୍ଲାନ୍ତ ଓ ଅବଶ କରିଦିଏ । ସେ ବୋଝ ଆଖି ଆଗକୁ ଦିଶେ ନାହିଁ । ତାର ଓଜନର ପରିମାଣ କିମ୍ବା ତାର ଦୈର୍ଘ୍ୟ, ପ୍ରସ୍ଥ ଇତ୍ୟାଦି ମାପି ହୁଏ ନାହିଁ । ଅଥଚ ଜୀବନ ଜୀଇଁବା ପାଇଁ ଏମିତି ଶହ ଶହ, ହଜାର ହଜାର ଛୋଟ ବଡ ଅଗଣିତ ଅଦୃଶ୍ୟ ବୋଝ କୁ ମୁଣ୍ଡାଇବାକୁ ହୁଏ । ମୁଣ୍ଡାଇ ନପାରିଲେ ଚାରିପାଖର ସନ୍ତୁଳନ ବିଗିଡେ, ନିଜକୁ ସଜାଡିବା ହୁଏ କଷ୍ଟକର ।

ସଚେତନ ମଣିଷଟିଏ ଏପରି ବୋଝ ବୋହିବା ଏକ ସାଧାରଣ କଥା । କିନ୍ତୁ ସେହି ବୋଝକୁ ସହଜ ଓ ସାବଲୀଳ ଭାବରେ ଓହ୍ଲାଇ ପାରିବା ହେଉଛି ପାରିବା ପଣିଆ । ଅନେକ ସ୍ଥଳେ ସଭ୍ୟ ଶିକ୍ଷିତ ତଥା ସଚେତନ ମଣିଷ ଏଭଳି ବୋଝର ଓଜନକୁ ସମ୍ଭାଳି ନପାରି ଆତ୍ମହତ୍ୟା କରୁଛନ୍ତି । ସଂପ୍ରତି ଏହା ଏକ ଚିନ୍ତା ଜନକ ବିଷୟ ପାଲଟିଛି ।

ଅତୀତରେ ନାହିଁ ନାହିଁର ପ୍ରାଚୁର୍ଯ୍ୟ ଓ ଅଭାବର ଅନ୍ଧ ଗଳି ଭିତରେ ଥିବା ଅଦୃଶ୍ୟ ବୋଝଟି ହଠାତ୍ ଆଧୁନିକତାର ଉଗ୍ର ଉଜ୍ଜ୍ୱଳ ଆଲୋକରେ ତାର ସ୍ୱରୂପକୁ ପରିବର୍ତ୍ତନ କରି ନୂଆ ରୂପ ଧାରଣ କରିଛି । ଏପରିକି ସଭିଙ୍କ ଅଲକ୍ଷରେ ପିଲାଟିଏ ଜନ୍ମ ନେଉ ନେଉ ସେହି ବୋଝ ତଳେ ଚାପି ହୋଇ ବଢି ଚାଲେ । ସମାଜରେ କାୟା ବିସ୍ତାର କରିଥିବା ବିଭିନ୍ନ ପ୍ରତିଯୋଗିତା ଭିତରେ ନିଜକୁ ପ୍ରମାଣିତ କରିବା କିମ୍ବା ନିଜେ ତିଷ୍ଠି ରହିବା ପାଇଁ ସେ, ସ୍ୱତଃ ସେହି ଅଦୃଶ୍ୟ ବୋଝକୁ ମୁଣ୍ଡାଇବାକୁ ବାଧ୍ୟ ହୁଏ । ନିଜ ପରିଚିତ କିମ୍ବା ପଡୋଶୀ ଅଥବା ଯେଉଁ ସମାଜରେ ଆମେ ରହନ୍ତି ତାକୁ ଦେଖି ପତ୍ୟେକ ସ୍ତରରେ ସମାନତା ହାସଲ କରିବାର ଆଗ୍ରହ ଟିକକ ଅନେକ ନୂଆ ନୂଆ ଆର୍ଥିକ, ମାନସିକ ବୋଝକୁ ସ୍ୱତଃ ସୃଷ୍ଟି କରିଥାଏ । ଯେମିତି କି ପଡୋଶୀର ସୁନ୍ଦର ଘର ଦେଖି ଆମେ ନୂଆ ଓ ତା ଠୁଁ ଭଲ ଘରଟିଏ କରିବା କୁ ଚେଷ୍ଟା କରିଥାନ୍ତି । ବନ୍ଧୁ ବାନ୍ଧବରେ କି ସାଙ୍ଗ ସାଥୀରେ ନୂଆ ଗାଡି ଖଣ୍ଡିଏ ଦେଖିଲେ ନିଜେ ନିଜ ଉପରେ ଚାପ ବଢେଇ, ନୂଆ ଗାଡି ଖଣ୍ଡିଏ କରିବାର ମୋହ ସୃଷ୍ଟି କରାନ୍ତି । ସେଥିପାଇଁ କରଜ ହେଉ ଅବା ବ୍ୟାଙ୍କରୁ ହାଉସିଂ କିମ୍ବା ଭେହିକିଲ୍ ଲୋନ୍ କରିବାକୁ ପଛଘୁଂଚା ଦେଇନଥାନ୍ତି । ଆଉ ଏଥିପାଇଁ ପ୍ରତିମାସରେ ଇ.ଏମ୍.ଆଇ ରୂପରେ ସୃଷ୍ଟି ହୋଇଥିବା ବୋଝକୁ ମୁଣ୍ଡ ଉପରେ ଲଦି ପ୍ରତିଦିନ ଚାଲିବାକୁ ପଛାଇ ନଥାନ୍ତି । ଦେଖା ଯାଉଛି ଯେ, ଏହି ଅଦୃଶ୍ୟ ଦୌଡଟି କେବଳ ଆଉ କେବଳ ବୈଷୟିକ ବିକାଶ, ବିଳାଶ ଓ ଗଣମାଧ୍ୟମରେ ତାର ବହୁଳ ପ୍ରସାର ଦ୍ୱାରା ସବୁବେଳେ ଦ୍ରୁତ ଗତିରେ ଅଭିବୃଦ୍ଧି ଘଟି ଚାଲୁଛି ।

କେବଳ ସେତିକି ନୁହେଁ ଏବେ ବୈଷୟିକ ଶିକ୍ଷା, ପେଷାଦାର ଜୀବନ ସବୁଠି ଅସୁରକ୍ଷା ଓ ପ୍ରତିପାଦରେ ପ୍ରତିଯୋଗିତାର ଜୀବନ । ପ୍ରତି ମୁହୂର୍ତ୍ତରେ ତଳ ପାହାଚକୁ ଓହ୍ଲାଇ ଯିବାର ଡର ଖାଇ ଗୋଡାଉଥାଏ । ଏ ସବୁ ବୋଝ ନୁହେଁ ତ ଆଉ କଣ ? ଜନସଂଖ୍ୟାର ବୃଦ୍ଧି ସହିତ ସରକାରୀ ଚାକିରୀରେ ପ୍ରତିଯୋଗିତା ବଢିଛି । ଗୋଟିଏ ଗୋଟିଏ ପଦ ପାଇଁ ଲକ୍ଷ ଲକ୍ଷ ଆବେଦନକାରୀ । ପାଠ ପଢାବେଳେ ଗୋଟିଏ ଗୋଟିଏ ସିଟ୍ ପାଇଁ ଅସଂଖ୍ୟ ଇଚ୍ଛୁକ ପ୍ରାର୍ଥୀ । ସେ କ୍ଷେତ୍ରରେ ଉତ୍ତମ ଶିକ୍ଷା, ସରକାରୀ ଚାକିରୀରେ ସୁଯୋଗ ନପାଇ ଅସୁରକ୍ଷାର ବଳୟ ଭିତରକୁ ଠେଲି ହୋଇଯାଉଛି ସାଧାରଣ ଯୁବକ । ସେତେବେଳେ ଅଦୃଶ୍ୟ ବୋଝଟିଏ ମୁଣ୍ଡ ଉପରେ ରହିବା ସ୍ୱାଭାବିକ ନିଶ୍ଚୟ।

ବେସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷା ପାଇଁ ଆର୍ଥିକ ବୋଝ ଉଠାଇ ଯୁବକଟିଏ ଯେତେବେଳେ ବେସରକାରୀ ସଂସ୍ଥା ମାନଙ୍କରେ ଚାକିରୀ କରୁଛି ସେତେବେଳେ ତାକୁ ପ୍ରତି ପାଦରେ ପ୍ରତିଦ୍ୱନ୍ଦିତାର ସମ୍ମୁଖୀନ ହେବାକୁ ପଡୁଛି। ସେହି ପରିସ୍ଥିରେ ରହି ନିଜର ଜୀବନ ଗଢିବାକୁ ଏକରକମ ବାଧ୍ୟ ହେଉଛି ସେ, ଏହା କଣ ବୋଝ ନୁହେଁ?

ଏପରି ବୋଝ ବହନକରି ସଂସାରରେ ଗତି କଲାବେଳେ ଅଣନିଶ୍ୱାସୀ ହୋଇ ପଡୁଛି ମଣିଷ । ସେହି ବୋଝ ତଳେ ମଣିଷ ଜନ୍ମର ସାର୍ଥକତା ବିଲୀନ ହୋଇ ପଡୁଛି । ସେ କ୍ରମଶଃ ପ୍ରକୃତି, ଜୀବଜନ୍ତୁ ଓ ମାନବିକତା ଠୁଁ ଦୂରକୁ ପଳାୟନ କରିବାରେ ଲାଗିଛି । ପାର୍ଥିବ ଜଗତରେ ମୁଣ୍ଡ ଉଠାଇ ଚାଲିବାକୁ ଅନେକ ପ୍ରକାରର ଅନାବଶ୍ୟକ ବୋଝ ବୋହୁଛି ମଣିଷ । ସେ ଏଥିପାଇଁ ପାଲଟୁଛି ଅସହାୟ ବାଧ୍ୟ । ସେଇଥିରେ ହିଁ ବାନ୍ଧି ହୋଇ ପଡୁଛି ତା ଜୀବନ ।

ତେବେ ବଦଳୁଥିବା ସମୟ ସହିତ ଆସୁଥିବା ପ୍ରତିଯୋଗିତା ଓ ଏହି ବୋଝରୁ ମୁକ୍ତି ପାଇଁ ସବୁ ପ୍ରକାରର ମାର୍ଗ ମଣିଷକୁ ହିଁ ଖୋଜିବାକୁ ପଡିବ । ଆଉ ପାର୍ଥିବ ଲୋଭ ଆସକ୍ତି କୁ ପଛରେ ପକାଇ ତାର ଜନ୍ମର ମୌଳିକ ଅଭିପ୍ରେତକୁ ବୁଝି ଏହାକୁ ସଫଳ କରିବାକୁ ହେବ । ଆଉ ଏଥିପାଇଁ ମଣିଷକୁ ବାସ୍ତବବାଦୀ, ଲୋଭମୁକ୍ତ, ଈର୍ଷାହୀନ ଓ ମିଳିଥିବା ସମସ୍ତ ପାର୍ଥିବ, ଅପାର୍ଥିବ କଥାକୁ ନେଇ ସନ୍ତୁଷ୍ଟ ହେବାକୁ ପଡିବ । ତେଣୁ ଏ ଲେଖା ମାଧ୍ୟମରେ ଏ ଲେଖକର ଆହ୍ୱାନ ଆସ ଓହ୍ଲାଇ ଦେବା ବୋଝ ।

ମୋ: ୭୬୮୪୯୮୯୫୫୭

# ଐତିହାସିକ କୀ ିରାଜିର ବିକାଶ ନା ବିନାଶ ?



**ବିଷ୍ଣୁ ପ୍ରସାଦ ଦାସ**

ହଜାର ହଜାର ବର୍ଷର ପୁରାତନ ଧର୍ମମସ୍ଥଳୀକୁ ଭାଙ୍ଗି ଆଧୁନିକତାର ରୂପ ଦେବା ଆଉ ଭକ୍ତଙ୍କ ଭାବାବେଗ ସହିତ କଳେ ବଳେ କୌଶଳେ ସାଲିସ କରିବା ଏକପ୍ରକାର ବିକୃତ ମାନସିକତା ବା ଚକ୍ରାନ୍ତ ଓ ଶ୍ରୀ ଜଗନ୍ନାଥ ଧାମ ପୁରୀ କୁ ନେଇ ଏବେ ସବୁଠାରେ ଚର୍ଚ୍ଚା, ଦଳ ଦଳ ଭିତରେ ବଳ କଷାକଷି ଚରମ ସୀମାରେ ପହଂଚିଲାଣି ଶେଷରେ ମାନ୍ୟବର ଗଜପତି ମହାରାଜ ଓ ପରମପୂଜ୍ୟ ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟ ମହୋଦୟଙ୍କ ଭିତରେ ଆଲୋଚନା ମଧ ସରିଲାଣି ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ତଥା ପରମ ଭକ୍ତ ଗଜପତି ମହାରାଜ ଏବଂ ହିନ୍ଦୁଧର୍ମମଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀ ଜଗତଗୁରୁ ଶଙ୍କରାଚାର୍ଯ୍ୟ ମହୋଦୟଙ୍କ ଆଲୋଚନାକୁ ପାଥେୟ କରି ପ୍ରକଳ୍ପ କାର୍ଯ୍ୟ କରାଯିବ ବା ସ୍ଥଗିତ ରହିବ ତା' ଉପରେ ସରକାର ନିର୍ଣ୍ଣୟ ନେବେ କିନ୍ତୁ ଏହି ବିଷୟ ଏବେ ଅଦାଲତରେ ବିଚାରାଧୀନ ଥିବାରୁ କାହା କଥା ରହିବ? ପୁରୀ ଏକ ଧାର୍ମିକ ସ୍ଥଳୀ ଏଠାରେ ମଦ, ମାଂସ, ନାରୀ ତଥା ପର୍ଯ୍ୟଟନର ପ୍ରସାର ପାଇଁ ଜଗଦ୍ଗୁରୁଙ୍କ ବିରୋଧ ଯୁକ୍ତିଯୁକ୍ତ, ଏହା ଠିକ କଥା ଏଥିରେ ରାଜନୀତିର ଗନ୍ଧ କି ବାସ୍ନା ନାହିଁ କେବଳ ଧାର୍ମିକ ଭାବନା, ଚିନ୍ତାଧାରା ବ୍ୟତୀତ ଆଉ କିଛି ନୁହେଁ ଓ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ, ପୁରାତତ୍ତ୍ୱ ବିଭାଗ, ଭୂତାତ୍ୱିକ ସର୍ବେକ୍ଷଣ ବିଭାଗ, ଯାନ୍ତ୍ରିକ ବିଭାଗର ବିଶିଷ୍ଟ ବୈଜ୍ଞାନିକମାନଙ୍କୁ ନେଇ ସର୍ବେକ୍ଷଣ କରାଯାଇ ଉପଯୁକ୍ତ ପଦକ୍ଷପ ନେବା ଉଚିତ, ରାତା ରାତି ନିଜ ଦଳର ସ୍ୱାର୍ଥ ପାଇଁ ହଜାର ହଜାର ବର୍ଷର ପୁରାତନ କୀର୍ତ୍ତିରାଜି ଉପରେ କୌଣସି ଚାପର ବଶବର୍ତ୍ତୀ ହୋଇ କିଛି ସଂସ୍ଥାର ମୁଖ୍ୟ ବା ଅଧିକୃତ ଅଧିକାରୀଙ୍କ କାର୍ଯ୍ୟକଳାପ ନିହାତି ପିଲାଳିଆମୀ କହିଲେ ଭୁଲ ହେବନାହିଁ ଓ ଚାକିରୀ ଭୟ ବା ଅତ୍ୟଧିକ ଖୋସାମଦିଆ ବ୍ୟକ୍ତିତ୍ୱଙ୍କ କାର୍ଯ୍ୟକଳାପ ଆଜି ଆମ ପାଇଁ ଏକ ଚିନ୍ତାର ବିଷୟ ଓ କିଛି ବିଶିଷ୍ଟ ରାଜନୈତିକ ବ୍ୟକ୍ତି ପୁରୀ ଶ୍ରୀମନ୍ଦିର ପ୍ରକଳ୍ପକୁ ବିରୋଧ କରୁଛନ୍ତି ଓ ତାଙ୍କର ଦୃଢ଼ ଯୁକ୍ତି ସର୍ବସାଧାରଣରେ ଉପସ୍ଥାପନ କରୁଛନ୍ତି, ଆଉ କିଛି ବିଶିଷ୍ଟ ରାଜନୈତିକ ବ୍ୟକ୍ତି ଶାସକଙ୍କ ବଳରେ ବଳିୟାନ ହୋଇ ପାରୁପର୍ଯ୍ୟନ୍ତ ନିଜ ଜିଦରେ ଅଟଳ ରହିଛନ୍ତି ଏହା ଏକପ୍ରକାର ପ୍ରତିଯୋଗିତା ନା' ଅନ୍ତରରୁ ଶ୍ରୀମନ୍ଦିର ସୁରକ୍ଷା ପାଇଁ ଚେଷ୍ଟା ? ନା' ଶ୍ରୀମନ୍ଦିର ସୌନ୍ଦର୍ଯ୍ୟ କରଣ ପାଇଁ ଆନ୍ତରିକତା ? କିଏ ଠିକ କହୁଛନ୍ତି ଆଉ କିଏ ଭୁଲ କହୁଛନ୍ତି ତା' ତ' ଅଦାଲତରେ ବିଚାରାଧୀନ ଅଛି ଓ ଟିକେ ମନେ ପକାନ୍ତୁତ, ଏଇ କିଛି ମାସ ଆଗରୁ ଯେତେବେଳେ ପୁରୀରେ ଆନ୍ତର୍ଜାତିକ ବିମାନ ବନ୍ଦର ପ୍ରତିଷ୍ଠା ହେବ ନିଷ୍ପତ୍ତି ନିଆଗଲା ସେତେବେଳେ ତ' ଏପରି ଷଣ୍ଢ ଲଢେଇ ଲାଗିନଥିଲା, ଦୁଇପକ୍ଷ ବେଶ ଆପୋଷରେ ବିମାନ ବନ୍ଦର ପାଇଁ ସହମତି ଦେଖାଇଥିଲେ ଓ ପୁରୀରେ ଦରକାର ନ'ଥାଇ ବି ବିମାନ ବନ୍ଦର ପ୍ରକଳ୍ପ ହେଉଛି ଏହା କ'ଣ ଶ୍ରୀମନ୍ଦିର ପାଇଁ ବିପଦ ଆଣିବ ନାହିଁ ? ଏତେ ସୁରକ୍ଷା ଭିତରେ ଆମେରିକାର ନିୟୁୟର୍କ ସହରରର ଟୁଇନ ଟାୱାରକୁ ଆତଙ୍କବାଦୀ ମାନେ ବିମାନ ଦ୍ୱାରା ନିମିଷକେ ଧୂଳିସାତ କରିଦେଲେ ତେବେ ଆମେରିକା ଠାରୁ କ'ଣ ଆମ ସୁରକ୍ଷା ବେଶୀ ଟାଣ ? ମକ ଡ୍ରିଲ ବେଳେ ଆତଙ୍କବାଦୀ ବେଶରେ ତଟରକ୍ଷୀ ବାହିନୀର ଯବାନ ମନ୍ଦିର ଭିତରକୁ ପ୍ରବେଶ କରିପାରିଥିଲେ ତେଣୁ ଆମ ସୁରକ୍ଷା କେତେ ସକ୍ରିୟ ତା' ଆମେ ଜାଣୁ ଓ ଯଦି ରାଜନୈତିକ ଉଦେଶ୍ୟରେ ବିମାନ ବନ୍ଦର ହେଉଥାଏ ତେବେ ଏହା ଭୁଲ ନିଷ୍ପତ୍ତି, ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟ ବି ସେତେବେଳେ ଏହି ବିମାନ ବନ୍ଦର ପ୍ରକଳ୍ପ ଉପରେ ବିରୋଧ କରିଥିଲେ ଓ ଭାରତର ବିଭିନ୍ନ ସହର ଠାରୁ ବିମାନ ବନ୍ଦରର ଦୂରତ୍ୱ ଦେଖନ୍ତୁ ଆଉ ଭୁବନେଶ୍ୱରରୁ ପୁରୀର ଦୂରତ୍ୱ ଦେଖନ୍ତୁ- ୬୦ କିଲୋମିଟର ଓ ପର୍ଯ୍ୟଟକ ବା ତୀର୍ଥଯାତ୍ରୀ ଯଦି ଭୁବନେଶ୍ୱର ବିମାନ ବନ୍ଦରରେ ଓଲ୍ହାଇବେ ତେବେ ତାଙ୍କୁ ପୁରୀ ଆସିବା ପାଇଁ ବସ ବା କାର ଯୋଗେ ଏକଘଣ୍ଟାରୁ ଦେଢ଼ ଘଣ୍ଟା ଲାଗିବ ଓ ବେଙ୍ଗାଲୁରୁ ବିମାନ ବନ୍ଦର ସହର ଠାରୁ ପ୍ରାୟ ୫୦ ରୁ ୬୦ କିଲୋମିଟର ଦୂରତାରେ ଅବସ୍ଥିତ , ସମାଶାବାଦ ବିମାନବନ୍ଦରରୁ ସିକନ୍ଦରାବାଦ ପ୍ରାୟ ୩୦ କିଲୋମିଟର ଅନେକ ଜାଗାରେ ସୁରକ୍ଷା ଦୃଷ୍ଟିରୁ ଆହୁରି ଦୂରରେ ବି ବିମାନ ବନ୍ଦର ଅବସ୍ଥିତ, କିନ୍ତୁ ଆମ ଶ୍ରୀମନ୍ଦିରର ସୁରକ୍ଷା କଥା ନ' ଭାବି ଏକ ଅନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ ଜମି ଚିହ୍ନଟ କରି ସାରିଲୁଣି ଓ ବର୍ଷକୁ କେତେ ବିମାନ ଅବତରଣ କରିବ? କେତେ ଯାତ୍ରୀ ଆସିବେ? ଆଉ ସରକାର କେତେ ଟଙ୍କା ଏଠି ଖର୍ଚ୍ଚ କରିବେ ? ବଡ଼ ବଡ଼ ଚାଟାର୍ଡ ବିମାନ ଓହ୍ଲାଇବାକୁ ଅତିକମରେ ୩.୫ ରୁ ୪ କି:ମି: ଲମ୍ବର ରନୱେ ଦରକାର ତା'ସହିତ ଅନେକ କିଛି ବିଷୟ ପ୍ରତି ଧ୍ୟାନ ଦେବା କଥା ଓ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି ପୁରୀର ଶାନ୍ତ ବାତାବରଣକୁ ପ୍ରଦୂଷିତ କରିବାର ଉଦେଶ୍ୟ କ'ଣ? ତା' ପରିବର୍ତ୍ତେ ଭୁବନେଶ୍ୱର ବିମାନ ବନ୍ଦରରୁ ପୁରୀ ଶ୍ରୀକ୍ଷେତ୍ରକୁ ଯଦି ସ୍ୱୟଂ ଚାଳିତ ମେଟ୍ରୋ ରେଳ ସଂଯୋଗୀ କରଣ ହୋଇପାରିବ ତେବେ ଦ୍ରୁତ ସେବା ଦ୍ୱାରା ଯାତ୍ରୀମାନେ ୪୫ ମିନିଟ ରୁ ୧ ଘଣ୍ଟା ସମୟ ମଧ୍ୟରେ ଶ୍ରୀ କ୍ଷେତ୍ରରେ ପହଞ୍ଚିଯିବେ ଓ ପ୍ରଦୂଷଣ ରହିତ ଆରାମଦାୟକ ସେବା ସହିତ ସମୟ ବଂଚିବ ଓ ଅଯଥା ପ୍ରକଳ୍ପ ଖର୍ଚ୍ଚ ବି ବଞ୍ଚିଯିବ ଓ ସ୍ୱର୍ଣ୍ଣିମ ତ୍ରିଭୁଜ ଭୁବନେଶ୍ୱର -ପୁରୀ -କୋଣାର୍କ - ଭୁବନେଶ୍ୱରକୁ ମଧ ଯୋଡା ଯାଇପାରେ ଓ ଦଳ, ବଳ, ଧର୍ମ, ନିର୍ବିଶେଷରେ ସମସ୍ତେ ଚାହିଁଲେ ଏହା ସମ୍ଭବ ହୋଇ ପାରିବ ଓ ବିଶ୍ୱ ମାନଚିତ୍ରରେ ଏହା ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇପାରିବ ଓ ଭୁବନେଶ୍ୱରରୁ ପୁରୀ - ୬୦ କି:ମି , ପୁରୀରୁ କୋଣାର୍କ --୩୬ କି:ମି , କୋଣାର୍କରୁ ଭୁବନେଶ୍ୱର -୬୦ କି:ମି, ସ୍ୱର୍ଣ୍ଣିମ ତ୍ରିକୋଣର ତିନି ବାହୁକୁ ଯୋଡ଼ିଲେ ପ୍ରାୟ ୧୬୦ କି:ମି ରୁ ୨୦୦ କି:ମି ମେଟ୍ରୋ ରେଳ ଧାରଣା କ'ଣ ସରକାର ଚାହିଁଲେ ବିଛା ଯାଇ ପାରିବ ନାହିଁ ? ସେଥି ମଧ୍ୟରୁ ଭୁବନେଶ୍ୱରରୁ ପୁରୀ ରେଳ ସଂଯୋଗ ତ' ଅଛି ଓ ଶ୍ରୀକ୍ଷେତ୍ର ପୁରୀର ସର୍ବାଙ୍ଗୀନ ଉନ୍ନତି ତଥା ସୌନ୍ଦର୍ଯ୍ୟକରଣ ପାଇଁ ଅନେକ କିଛି କରିବାକୁ ବାକି ଅଛି ଓ ଜଗଦ୍ଗୁରୁ ସଙ୍କରଚାର୍ଯ୍ୟ ମହୋଦୟଙ୍କ ଉପଦେଶକୁ ପାଥେୟ କରି ଶ୍ରୀକ୍ଷେତ୍ର ପୁରୀକୁ କେବଳ ଧର୍ମମସ୍ଥଳୀର ମାନ୍ୟତା ଦେବା ଶ୍ରେୟସ୍କର ଓ ପର୍ଯ୍ୟଟନର ଉନ୍ନତି ତଥା ଆକର୍ଷଣୀୟ ବେଳାଭୂମିର ଭରପୁର ଆନନ୍ଦ, ଜଳକ୍ରୀଡା, ପଞ୍ଚତାରକା ହୋଟେଲ, ବାର, ନାଇଟ କ୍ଲବ ଇତ୍ୟାଦି ଯାହା ଯାହା ବିଦେଶୀ ବା ଦେଶୀ ପର୍ଯ୍ୟଟକଙ୍କୁ ଦରକାର ସେସବୁ ଶ୍ରୀକ୍ଷେତ୍ର ପୁରୀ ଠାରୁ କୋଣାର୍କ ରାସ୍ତାରେ ଅତି କମରେ ଦଶ କିଲୋମିଟର ଦୂରରେ ନୂତନ 'ପର୍ଯ୍ୟଟନ ଗ୍ରାମ' ଖୋଲି ଦିଆ ଯାଇପାରେ ଓ ଶ୍ରୀକ୍ଷେତ୍ର ପୁରୀକୁ ମଦ୍ୟ, ଆମିଷ, ତମ୍ବାଖୁ ମୁକ୍ତ କରାଯିବ ଉଚିତ, ଜାଣେ ଏହା ସମ୍ଭବ ନୁହେଁ ଆମ ମାନସିକତା କେବେବି ବଦଳିବ ନାହିଁ କଥାରେ ଅଛି 'ଆମକୁ ଯେତେ ମାଠିବୁ ମାଠ ଆମେ ସେଇ ଦରପୋଡା କାଠ' ହୋଇ ଥିବୁ ଓ ଭାରତବର୍ଷରେ ସରକାରଙ୍କ ଦ୍ୱାରା ଅନେକ ମନ୍ଦିର, ମଠ, ଧର୍ମାନୁଷ୍ଠାନ, ପବିତ୍ର ସହର ଗୁଡିକର ସୌନ୍ଦର୍ଯ୍ୟକରଣ ହେଉଛି, ଓଡିଶା ପ୍ରଦେଶ ବି ତା'ର ସାଧ ମତେ ଆନ୍ତରିକତାର ସହ ଧର୍ମାନୁଷ୍ଠାନ ଗୁଡିକର ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ଅଗ୍ରସର ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ, ତେବେ ଐତିହକୁ ନଜର ଦେଇ ସୁରକ୍ଷିତ ଭାବେ ସବୁ କାର୍ଯ୍ୟ କରିବା ଉଚିତ ଏଠାରେ ଗୋଡ଼ ଟଣା ଟଣିର ପ୍ରଶ୍ନ ରହିବା ସମସ୍ତଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ଓ ଅନ୍ୟକୁ କହିବା ଆଉ ଉପଦେଶ ଦେବାରେ କାର୍ପଣ୍ୟତା ନାହିଁ କିନ୍ତୁ ନିଜ ଉପରକୁ ପଡିଲେ ମୁହଁ ବୁଲାଇଦେଇ ଚାଲିଯାଉ ଓ ଶ୍ରୀମନ୍ଦିର ଓଡ଼ିଶାର ଗର୍ବ, ଶ୍ରୀଜଗନ୍ନାଥ ଜଗତର ନାଥ, ଶ୍ରୀମନ୍ଦିରର ସୁରକ୍ଷା ଓ ସ୍ଥାୟୀତ୍ୱ ଆମ ସମସ୍ତଙ୍କପାଇଁ ଚିନ୍ତାର ବିଷୟ ନିଜ ଭିତରେ କଳି କିମ୍ବା ରାଜନୈତିକ ଉଦ୍ଦେଶ୍ୟ ରଖି ଭକ୍ତ ତଥା ଜନତାଙ୍କୁ ଆଉ କଷ୍ଟ ଦିଅନ୍ତୁ ନାହିଁ, କିଛି ନୂତନ କରି ଦେଖାଇବାର ଚେଷ୍ଟା କରିବା ଶୁଭଙ୍କର ଓ କାହାରି ସମ୍ମାନରେ ଆଞ୍ଚ ଆସୁଥିଲେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରୁଛି ।

ବରିଷ୍ଠ ନାଗରିକ, ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା,
କଟକ- ୭୫୩୦୦୯
ମୋ: ୯୯୩୭୧୭୪୦୯୭




## ସକାଳ ଆସିଛି ବୋଲି



**ଅଶୋକ କୁମାର ପ୍ରଧାନ**

ପୁରୁବ ଆକାଶେ ଖିଲି ଖିଲି ହସି
ଉଇଁ ଆସିଲେଣି ରବି
ଆଖି ଖୋଲିଲାଣି ପଦୁଅ କଢିଟି
ଦେଖି ସେ ସୁରୁଜ ଛବି ।

ଗଛଡାଳେ ପକ୍ଷୀ କିଚିରି ମିଚିରି
କରି ଛାଡିଲାଣି ରାବ
ଗାଁ ଗୁହାଳରୁ ହମା ହମା ରଡି
ବାଛୁରୀ ଡାକେ ତା ଭାବ ।

କାଳିଆ କଷରା ସଜେଇ ହେଲେଣି
ଯିବା ପାଇଁ କ୍ଷେତ ଚଷୀ
ସନିଆ ମଉସା ହଳ ଯୋଚିଦେଇ
ମୁଖରେ ଦେଲାଣି ହସି ।

ବାଡି ବଗିଚାରେ ହସିଲାଣି ଫୁଲ
ସକାଳ ଆସିଛି ବୋଲି
ଗାଁ ମନ୍ଦିରରେ ବଇଶୀ ଭାଇନା
କବାଟ ଦେଲାଣି ଖୋଲି ।

ଗାଁ ଝିଅ ବୋହୁ ସିନାନ ପାଇଁ କି
ଗଲେଣି ପୋଖରୀ ତୁଠ
ବୋଉ କହେ କୁନା ସକାଳ ହେଲାଣି
ଏବେ ତୁ ନିଦରୁ ଉଠ ।

ସତରେ ସକାଳ ସବୁରି ଲାଗି ତୁ
ନୂଆଁ ଆଶାଟିଏ ଦେଉ
ତୁ ଆସିଗଲେ ସୁରୁଜ ପରିକା
ସବୁ ଦୁଃଖ ଲୁଟି ନେଉ ।

ଶିକ୍ଷକ
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

## ଗଛଟିଏ ହେବି ଗଛଟିଏ



**ବିଶ୍ୱଜିତ ପୁହାଣ**

ସବୁଜ ସୁନ୍ଦର ଗଛଟ୍ଟିଏ ।
ସମାଜ ହିତରେ ଲାଗୁଥିବି ସଦା
ଝଡ଼ି ବତାସକୁ ଡ଼ରେ କିଏ ।

ଗଛଟିଏ ହେବି ଗଛଟିଏ
ଗୁଣରେ ଭରା ଗଛଟିଏ
ଉତପ୍ତ ପୃଥିବୀ ଶୀତଳ ହୁଅଇ ?
ସବୁବେଳେ ମୁଁ ସାହା ହୁଏ ।

ଗଛଟିଏ ହେବି ଗଛଟିଏ,
ସବୁଜ ସୁନ୍ଦର ଗଛଟ୍ଟିଏ ।
ଜୀବନଟା ସାରା ସେବା କରୁଥିବି,
ଗୁଣକୁ ମୋହର ସରି କିଏ ।

ଗଛଟିଏ ହେବି ଗଛଟିଏ
କୃତଜ୍ଞତା ଭରା ଗଛଟିଏ,
ଚେ଼ର ମୂଳିକାର ଔଷଧୀୟ ଗୁଣ
ପ୍ରତି ରୋଗ ନିବାରକ ସାଜି ଥାଏ ।

ଗଛଟିଏ ହେବି ଗଛଟିଏ,
ସର୍ବଗୁଣସମ୍ପନ୍ନ ଗଛଟିଏ
ଅମ୍ଳଜାନ ପରି ଶୁଦ୍ଧ ବାୟୁ ଦେବି
ଏ ଜଗତ ମୋ ପାଇଁ ବଞ୍ଚି ଥାଏ ।

ଗଛଟିଏ ହେବି ଗଛଟିଏ
ତୁମ ଅଗଣାର ଶିଶୁଟିଏ,
ହେଲେ ଏ ମଣିଷ ବୁଝେ ନାହିଁ କିଛି
ବଞ୍ଚି ଥାଉଥାଉ କାଟେ ସିଏ ।

ସ୍ନାତକୋତ୍ତର ଗ୍ରନ୍ଥାଗାର ବିଜ୍ଞାନ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର
ମୋ - ୮୦୧୮୪୩୫୩୬୪

## ଅଭିମାନ

**ପ୍ରଶାନ୍ତ ବ୍ରହ୍ମା**

ଯେତେ ଅଭିମାନ ଅଢେଇ ମିନିଟ୍କୁ
କାହିଁ ଧରି ବସ କଥା
ନଥାଏ କିଛି ମୂଲ୍ୟ ସବୁ ହୋଇଯାଏ
ଶେଷେ ନଇଁ ଯାଏ ମଥା ।

ଚାହିଁ ଦେଲେ ସବୁ ଲାଗନ୍ତି ନିଜର
ମଣିଷ କାହାକୁ କରିବ ରାଗ
ସ୍ନେହରେ ବନ୍ଧା ପରା ତୁମ ସାଙ୍ଗେ
ଆମେ କାହାକୁ କରିବା ଭାଗ ।

ଅଢେଇ ଦିନର ସାଥୀ ପରା ଆମେ
କାହିଁ ବସି ଅଛ ରଷି
ଚାହିଁ ଦିଅ ସଭିଙ୍କୁ ଭୁଲିଯାଇ ସବୁ କଥା
ପକାଇ ଦିଅ ହସି ।

ବୋହିଯିବ ସମୟ ନଥିବ ତ ତୁମେ
ଖୋଜିଲା ବେଳକୁ
ଯେତେ ଦିନ ଅଛ ବାନ୍ଧି ଦିଅ ତୁମେ
ସ୍ନେହରେ ଆମ ସମସ୍ତଙ୍କୁ ।

+ ପଳାଶପୁର, ଖୋର୍ଦ୍ଧା

## ଆଥ୍ରାଇଟିସ୍



**ଧ୍ରୁବ ଚରଣ ବେହେରା**

ଆଣ୍ଠୁ ଗଣ୍ଠି ବାତ ଦୀର୍ଘସ୍ଥାୟୀ ଅଟେ
ନ କଲେ ତା'ର ଯତନ
ଭାରି କଷ୍ଟ ହୁଏ ଶରୀର ଯୋଡକୁ
ପିଡା କରେ ହଇରାଣ ।

ଏ ରୋଗର ଲାଗି ଅଛି ଉପଚାର
ପ୍ରଥମେ ସଚେତ ହୁଅ
ପିନ୍ଧନାହିଁ କେବେ ବଡ ହିଲ୍ ଯୋତା
କୋମଳତା ବାଛି ନିଅ ।

ପ୍ଲେନ ପାଇଖାନା ଘାତକ ହୁଅଇ
ଆଥ୍ରାଇଟିସ୍ ରୋଗ ଲାଗି
ବସିବା କମୋଡ ଲଗାଅ ଘରରେ
ବଜାରୁ କିଣନ୍ତୁ ବେଗି ।

ପନିକି ପିଡାରେ ବସ ନାହିଁ ବେଶୀ
ଆଣ୍ଠୁରେ ଓଜନ ପଡେ
ସିଡି ଚଢିବାରେ ବାରଣ ରୁହନ୍ତୁ
ଏହି ଅନୁରୋଧ କରେ ।

ଜୀବନ ଶୈଳୀରେ କର ପରିବର୍ତ୍ତନ
ସୁସ୍ଥ ଖାଦ୍ୟ ଖାଉଥାଅ
ସବୁଜ ଖାଦ୍ୟ ଓ ପୌଷ୍ଟିକ ଆହାର
ଖାଇ ଯତ୍ନବାନ ହୁଅ ।

ବେଶି କଷ୍ଟ ହେଲେ ଚିକିତ୍ସା କରାଅ
ଡାକ୍ତରଙ୍କ ପାଶେ ଯାଇ
ଶରୀରର ଲାଗି କ୍ରୀଡା କସରତ୍
ସୁସ୍ଥ ଉପଚାର ଏହି ।

ବଦଳି ଯାଇଛି ଜୀବନର ଧାରା
ଖାଦ୍ୟରେ ମିଶେ ଔଷଧ
ରସାୟନ ହୁଏ ଫସଲଠୁ ଖାଦ୍ୟ
ନ ହୁଅଇ ପ୍ରତିରୋଧ ।

ବିଶ୍ୱ ପାଳେ ଆଜି ଆଥ୍ରାଇଟିସ୍ ଦିନ
ବିଶ୍ୱର ମଙ୍ଗଳ ପାଇଁ
ଆସ ଭାଇମାନେ ଏକାଠି ହୋଇବା
ସଚେତନ ବାର୍ତ୍ତା ଦେଇ ।

ନୀରୋଗ ହୋଇବ ସଂସାର ଆମର
ଜନତାଙ୍କ କଲ୍ୟାଣରେ
ଆସରେ ପାଳିବା ଆଥ୍ରାଇଟସ୍ ଡେ
ହୁ ର ଶୁଭ ଡାକରାରେ ।

ଭାରତୀୟ ସାମରିକ ସେବା
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ:୮୩୨୮୯୩୦୫୫୪



# ପୁଣି ନୋରାଙ୍କ ନୃତ୍ୟକୁ ବାରଣ

ପଡ଼ୋଶୀ ଦେଶ ବାଂଲାଦେଶର ଢାକାଠାରେ ବଲିଉଡ୍ ଅଭିନେତ୍ରୀ ନୋରା ଫତେହିଙ୍କର ନୃତ୍ୟ କାର୍ଯ୍ୟକ୍ରମ ଲାଗି ମଞ୍ଚ ପ୍ରସ୍ତୁତି ହୋଇସାରିଥିଲା। ଠିକ୍ ଏତିକି ବେଳେ ବାଂଲାଦେଶର ସାଂସ୍କୃତିକ ମନ୍ତ୍ରାଳୟ ନୋରାଙ୍କର ଏହି କାର୍ଯ୍ୟକ୍ରମକୁ ବାତିଲ କରିଦେଇଥିଲେ। ସରକାରୀ ବିଭାଗ ତରଫରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ ନୋରାଙ୍କୁ ଢାକା ଆସିବାକୁ ମଧ୍ୟ ବାରଣ କରାଯାଇଥିଲା। ବାଂଲାଦେଶ ସରକାର ଦେଶର ବୈଦେଶିକ ପୁଞ୍ଜି ଭଣ୍ଡାରରେ ଭାରସାମ୍ୟ ରକ୍ଷା କରିବା ପାଇଁ ଏପରି ପଦକ୍ଷେପ ନେଇଥିବା କୁହାଯାଉଛି।

ବାସ୍ତବରେ ଢାକାର 'ୱିମେନ୍ ଲିଡରସିପ୍ କର୍ପୋରେସନ୍' ତରଫରୁ ମହିଳା ଉଦ୍ୟୋଗୀଙ୍କୁ ପୁରସ୍କୃତ କରିବା ଲାଗି ଗତ ୧୮ ତାରିଖରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଥିଲା।ଏଥିରେ ନୋରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୃତ୍ୟ କରିଥାନ୍ତେ। କିଛି ଦିନ ତଳେ ନୋରା ଏକ ଭିଡିଓ ବାର୍ତ୍ତା ଜାରି କରି ବାଂଲାଦେଶର ପ୍ରଶଂସକମାନଙ୍କୁ ଭେଟିବା ଲାଗି ଉତ୍ସାହିତ ବୋଲି ମଧ୍ୟ କହିଥିଲେ। ତେବେ ଆର୍ଥିକ ସଂକଟ ଯୋଗୁଁ ଡଲାର ସଞ୍ଚୟ କରିବା ଲାଗି ସରକାର ସେ ଦେଶର ନୋରାପ୍ରେମୀଙ୍କୁ ନିରାଶ କରିବାକୁ ବାଧ୍ୟ ହେଲେ। ତେବେ ନୋରା ପ୍ରଥମ ଥର ଏଭଳି ସମସ୍ୟାର ସମ୍ମୁଖୀନ ହୋଇ ନାହାନ୍ତି, ଗତ ମାସ ବାଂଲାଦେଶର ଅନ୍ୟ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ମଧ୍ୟ ତାଙ୍କୁ ମନା କରାଯାଇଥିଲା।

୨୦୧୪ରେ ନୋରା ବଲିଉଡ୍‌ରେ ପାଦ ଥାପିବା ପରେ ନିଜର ସୁଠାମ ଅଙ୍ଗସୌଷ୍ଠବ ଓ ନୃତ୍ୟ ଲାଗି ଲୋକପ୍ରିୟ ହୋଇଥିଲେ। ବର୍ତ୍ତମାନ ନୋରା ଫତେହି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିସାରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ନିକଟରେ 'ଥ୍ୟାଙ୍କ ଗଡ୍' ଚଳଚ୍ଚିତ୍ରର 'ମାନିକେ' ରିମିକ୍ସ ଗୀତଦୃଶ୍ୟରେ ତାଙ୍କ ନୃତ୍ୟର ଚମକ ଦେଖିବାକୁ ମିଳିଥିଲା, ଯାହାକୁ ଏ ଭିତରେ ୯ କୋଟିରୁ ଅଧିକ ଥର ଦେଖା ଯାଇସାରିଲାଣି।

# ପୁଣି ଟିଭି ପରଦାରେ ଦିଶିବେ ରାମ-ସୀତା

ରାମାନନ୍ଦ ସାଗରଙ୍କ 'ରାମାୟଣ'ର କ୍ରେଜ୍ ଏବେ ବି ଲୋକଙ୍କ ଭିତରେ ଦେଖିବାକୁ ମିଳେ। ପରଦାର ରାମ (ଅରୁଣ ଗୋଭିଲ୍) ଓ ସୀତା (ଦୀପିକା ଚିଖଲିୟା)ଙ୍କୁ ଏବେ ଲୋକେ ସେହି ସମ୍ମାନ ଓ ସେହି ଭଲପାଇବା ଦେଇଥାନ୍ତି। ଏହି ଯୋଡ଼ି ଏତେ ପ୍ରସିଦ୍ଧ ହୋଇଥିଲେ ଯେ ଏକ ସମୟରେ ଲୋକେ ସେମାନଙ୍କ ଫଟୋକୁ ରାମ-ସୀତା ଭାବେ ଘରେ ରଖିବା ଆରମ୍ଭ କରି ଦେଇଥିଲେ।

ଯଦି ଆପଣଙ୍କୁ କୁହାଯାଏ ଆପଣଙ୍କର ସେହି ପ୍ରିୟ ରାମ-ସୀତା ଯୋଡ଼ି ପୁଣି ଥରେ ପରଦାରେ ଦିଶିବେ ତ ଆପଣଙ୍କୁ କିପରି ଅନୁଭବ ହେବ ଆଜ୍ଞା ହଁ, ସେପରି ଏକ ଖବର ଏବେ ହସ୍ତଗତ ହୋଇଛି। ଶୁଣିବାକୁ ମିଳୁଛି ଯେ ପରଦାର ସେହି ରାମ-ସୀତା ଯୋଡ଼ି ପୁଣି ଥରେ ପରଦାରେ ଏକତ୍ର ନଜର ଆସିବାକୁ ଚାହୁଁଛନ୍ତି। ଆପଣ ଠିକ୍ ଶୁଣିଛନ୍ତି। ଅରୁଣ ଗୋଭିଲ୍ ଓ ଦୀପିକା ଖୁବ୍ ଶୀଘ୍ର 'ଝଲକ ଦିଖଲା ଜା-୧୦' ମଞ୍ଚରେ ଦେଖିବାକୁ ମିଳିବେ।

ନିକଟରେ ସେୟାର ହୋଇଥିବା ପ୍ରମୋ ଭିଡିଓ ଉଭୟଙ୍କୁ ଦେଖିବାକୁ ମିଳିଛି। ସେମାନେ ଏହି ଡ୍ୟାନ୍ସ ରିୟଲିଟି ସୋ'ର ଅତିଥି ହୋଇ ଆସିଛନ୍ତି। ମଞ୍ଚ ଉପରେ ପରଦାର ରାମ ରାବଣର ବଧ କରୁଥିବାର ବି ଦେଖିବାକୁ ମିଳିବ। ଉଭୟ ରାମ ଓ ସୀତା ମିଶି 'ରାମାୟଣ'ର ଏକ ସିନ୍‌କୁ ରି-କ୍ରିଏଟ୍ କରିବାର ପ୍ରମୋ ଭିଡିଓରେ ଦେଖିବାକୁ ମିଳିଛନ୍ତି।

ଦୀପିକା କହୁଥିବାର ଶୁଣିବାକୁ ମିଳୁଛନ୍ତି, 'ମୋ ଜୀବନର ଲକ୍ଷ ସେବେ ପୂରା ହେବ, ଯେବେ ଘରେ ଘରେ ଲୋକେ ଆପଣଙ୍କ ପୂଜା କରିବେ'। ତାପରେ ଅରୁଣ ତୀର ଚଳାଉଥିବାର ନଜର ଆସିଛନ୍ତି।





# ସାଜିଦଙ୍କ ବିରୋଧରେ ଥାନାକୁ ଗଲେ ଶେର୍ଲିନ

ଥମୁନି ଲୋକପ୍ରିୟ ରିଆଲିଟି ଶୋ' ବିଗ୍‌ବସ୍‌କୁ ନେଇ ବିବାଦ। ଫିଲ୍ମ ମେକର ସାଜିଦ ଖାନ୍ ଯେବେଠୁ ବିଗ୍‌ବସ୍‌ରେ ଏଣ୍ଟ୍ରି କରିଛନ୍ତି ସେବେଠୁ ତାଙ୍କ ମୁସ୍କିଲ୍ ବଢ଼ିବାରେ ଲାଗିଛି। ବିଗ୍‌ବସ୍‌ରେ ମିଠୁ ଅଭିଯୁକ୍ତ ସାଜିଦ ଖାନ୍‌ଙ୍କୁ ଦେଖି ଅନେକ ଅଭିନେତ୍ରୀ ଆପତ୍ତି ଉଠାଇଛନ୍ତି। ସେଥିମଧ୍ୟରୁ ଜଣେ ହେଉଛନ୍ତି ଶେର୍ଲିନ୍ ଚୋପ୍ରା। ସାଜିଦଙ୍କ ବିରୋଧରେ ଶେର୍ଲିନ୍ ଅନେକ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଏବେ ତାଙ୍କ ବିରୋଧରେ ଶେର୍ଲିନ୍ ଥାନାକୁ ଯାଇଛନ୍ତି ଓ ପୁଲିସରେ ସାଜିଦଙ୍କ ବିରୋଧରେ ସେ ଅଭିଯୋଗ କରିଛନ୍ତି। ଅଭିନେତ୍ରୀ ଶେର୍ଲିନ୍ ଚୋପ୍ରାଙ୍କୁ ବୁଧବାର ମୁମ୍ବାଇ ପୁଲିସ ଷ୍ଟେସନ ବାହାରେ ଦେଖିବାକୁ ମିଳିଥିଲା। ଏହି ସମୟରେ ସେ ସାଜିଦ ଖାନ୍ ?ଙ୍କ ବିରୋଧରେ ଅଭିଯୋଗ କରିବା ସହ ଅଭିଯୋଗର ଏକ କପି ଗଣମାଧ୍ୟମକୁ ଦେଖାଇଥିଲେ। ଅନେକ ଦିନ ହେଲା ବିଗ୍ ବସ୍‌ରୁ ସାଜିଦ ଖାନ୍‌ଙ୍କୁ ବାହାର କରିବା ପାଇଁ ଅପିଲ କରାଯାଉଛି। କିନ୍ତୁ ବିଗ୍ ବସ୍ ନିର୍ମାତା ଆମ କଥା ଶୁଣୁନାହାନ୍ତି। ଆମ ଅପିଲ୍ ?କୁ ସେ ପ୍ରତ୍ୟାଖାନ୍ କରି ଚାଲିଛନ୍ତି। ଯେଉଁ ପର୍ଯ୍ୟନ୍ତ ଆମ ସମସ୍ତ ପୀଡିତ ମହିଳାଙ୍କ ଅଭିଯୁକ୍ତ ଏହି ଶୋ'ରେ ଅଛି ସେ ପର୍ଯ୍ୟନ୍ତ ବିଗ୍ ବସ୍ ପ୍ରସାରଣକୁ ରଦ୍ଦ କରିବାକୁ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଚିଠି ଲେଖି ଜଣାଇଥିବା ଶେର୍ଲିନ୍ କହିଛନ୍ତି। ମୁମ୍ବାଇ ପୁଲିସରେ ବିଭିନ୍ନ ଧାରା ଆଧାରରେ ସାଜିଦଙ୍କ ବିରୋଧରେ ଅଭିଯୋଗ କରିଛନ୍ତି ଶେର୍ଲିନ୍। ଗୋଟିଏ କିମ୍ବା ଦୁଇ ଦିନ ଭିତରେ କଲର୍ସ ଟିଭିକୁ ନୋଟିସ ମଧ୍ୟ ଜାରି କରାଯିବ ବୋଲି ଶେର୍ଲିନଙ୍କ ଓକିଲ କହିଛନ୍ତି। ଉଲ୍ଲେଖଯୋଗ୍ୟ, ମିଠୁ ଅଭିଯାନ ବେଳେ ଅନେକ ଅଭିନେତ୍ରୀ ସାଜିଦ ଖାନଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ବିଗ୍ ବସ୍ ଘରୁ ତାଙ୍କୁ ବାହାର କରିବା ପାଇଁ ଅନେକ ଦାବି କରୁଛନ୍ତି।

# ଆକାଶ ଛୁଇଁବାର୍ ଆଶା : ଧୀରେ ଧୀରେ ଆଗକୁ ବଢୁଛନ୍ତି ଅଲିଶା



ପ୍ରତ୍ୟେକଙ୍କ ଜୀବନରେ ଛୋଟବଡ଼ ସ୍ୱପ୍ନ ରହିଥାଏ। ନବାଗତା ଅଭିନେତ୍ରୀ ଅଲିଶା ପଁୱାର ମଧ୍ୟ ସେମିତି କିଛି ସ୍ୱପ୍ନରେ ମସଗୁଲ ଅଛନ୍ତି। ସିନେ ଦୁନିଆରେ ନିଜର ଏକ ନିଆରା ପରିଚୟ ସୃଷ୍ଟି କରିବା ଲକ୍ଷ୍ୟରେ ସେ ଉଦ୍ୟମ ଜାରି ରଖିଛନ୍ତି। ଛଅ ବର୍ଷର ଅଭିନୟ ଜୀବନ ଭିତରେ ୧୨ଟି ଟିଭି ଧାରାବାହିକ, ୩ଟି ସିନେମା ଓ ଗୋଟିଏ ସଂଗୀତ ଭିଡିଓରେ ନିଜକୁ ଉପସ୍ଥାପିତ କରି ସେ ଦୁଇ ଦୁଇ ଥର ଜାତୀୟ ସ୍ତରର ପୁରସ୍କାର ପାଇଁ ସୁପାରିସ ହୋଇପାରିଛନ୍ତି। କୌଣସି ଚୂଡ଼ାନ୍ତ ପୁରସ୍କାର ନ ମିଳିଲେ ମଧ୍ୟ ତାଙ୍କର ଅଧ୍ୟବସାୟ ତାଙ୍କୁ ଆଗକୁ ବାଟ କଢ଼ାଇନେବାରେ ସହାୟକ ହେଉଛି । ହିମାଚଳ ପ୍ରଦେଶର ରାଜଧାନୀ ସହର ସିମଳାରେ ୧୯୯୬ ମେ ୬ରେ ଜଣେ ଆଇନଜୀବୀ ପିତା ଓ ଶିକ୍ଷୟିତ୍ରୀ ମାତାଙ୍କ କୋଳମଣ୍ଡନ କରିଥିବା ଅଲିଶାଙ୍କର ପିଲାବେଳେ ଅଭିନୟ ପ୍ରତି ଆଦୌ ରୁଚି ନଥିଲା। ତେବେ ୨୦୦୮ରେ ପରିସ୍ଥିତିରେ ପଡ଼ି ସେ ଜଣେ ଶିଶୁ କଳାକାର ଭାବେ ଦୂରଦର୍ଶନରେ ପ୍ରସାରିତ ବାସ୍ତବଧର୍ମୀ ଧାରାବାହିକ 'ନାଚେଁ ଗାଏଁ ଧୁମ୍ ମଚାଏଁ'ରେ ଭାଗ ନେବା ପରେ ତାଙ୍କ ମନରେ ରୁପେଲି ପରଦା ଏବଂ ଗ୍ଲାମର ଦୁନିଆ ପ୍ରତି ଏକ ଦୁର୍ବଳତା ଜମାଟ ବାନ୍ଧିବାକୁ ଲାଗିଲା। ୨୦୧୨ରେ ସେ ସୁନ୍ଦରୀ ପ୍ରତିଯୋଗିତାରେ ନିଜକୁ ସାମିଲ କରି 'ସିମଳା ରାଣୀ' ମୁକୁଟ ହାସଲ କରିଥିଲେ। ସେହି ବର୍ଷ ହିନ୍ଦୀ ସିନେମା 'ଅକଡ଼ ବକ୍କଡ଼ ବମ୍ବେ ବୋ'ରେ ସେ ଜଣେ କିଶୋରୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ତେବେ ସିଧାସଳଖ ଅଭିନୟରେ ଆଉ ସେପରି କିଛି ଅଗ୍ରଗତି ନକରି ସେ କିଛି ଟିଭି ବିଜ୍ଞାପନରେ ମଡେଲିଂ କରିବାର ସୁଯୋଗ ହାତେଇଥିଲେ। ତାଙ୍କର କିନ୍ତୁ ପ୍ରକୃତ ଅଭିନୟ ଜୀବନ ଆରମ୍ଭ ହୋଇଥିଲା ୨୦୧୫ରେ ଟିଭି ଧାରାବାହିକ 'ବେଗୁସରାଇ' ମାଧ୍ୟମରେ।

ସେ ନିଭାଇଥିବା ନଜମା ଆଖତର ଖାଁ ଚରିତ୍ରଟି ଅନ୍ୟମାନଙ୍କର ବେଶ୍ ପସନ୍ଦ ହୋଇଥିଲା। ଏହାର ଫଳସ୍ୱରୂପ, ତହିଁ ପରବର୍ଷ 'ରିସ୍ତୋଁ କେ ସୌଦାଗର- ବାଜିଗର' ଓ 'ଥପ୍‌କି ପ୍ୟାର କି' ଧାରାବାହିକରେ ମନଲାଖି ଚରିତ୍ରରେ ଅଭିନୟ ପାଇଁ ସୁଯୋଗ ପାଇଥିଲେ। ତେବେ ତାଙ୍କ ଲୋକପ୍ରିୟତାକୁ ଆଉ ପାଦେ ଆଗେଇ ନେଇଥିଲା ୨୦୧୭ରୁ ୨୦୧୯ ଯାଏ ପ୍ରସାରିତ ହିନ୍ଦୀ ଧାରାବାହିକ 'ଇସ୍କ ମେଁ ମରଯାୱୁଁ'। ଏଥିରେ ତାଙ୍କର ନକାରାତ୍ମକ ଚରିତ୍ରଟି ବେଶ୍ ଆଦୃତ ହୋଇ ପାରିଥିଲା। ଏହା ପରେପରେ 'ଲାଲ୍ ଇସ୍କ', 'ମେରି ଗୁଡ଼ିୟା' ଓ 'ସାବଧାନ ଇଣ୍ଡିଆ' ଆଦି ଧାରାବାହିକ ଅଲିଶାଙ୍କୁ ଅଭିନୟ ଜଗତ୍‌ରେ ତିଷ୍ଠି ରହିବାର ପନ୍ଥା ଯୋଗାଇଥିଲେ। ଏହି ଅବସରରେ ସେ ହିନ୍ଦୀ ସିନେମା ପ୍ରତି ମନ ବଳେଇ ଗତବର୍ଷ ମୁକ୍ତିଲାଭ କରିଥିବା କ୍ଷୁଦ୍ର ଚଳଚ୍ଚିତ୍ର 'ବ୍ଲାଇଣ୍ଡ୍ ଲଭ୍'ରେ ଦେଖାଦେଇଥିଲେ। ଏଥି ସହିତ ଚଳିତବର୍ଷର ସିନେମା 'ଇସ୍କିୟତ୍'ରେ ମଧ୍ୟ ଅଲିଶାଙ୍କ ଅଭିନୟ ସଂକ୍ଷିପ୍ତ ହେଲେ ମଧ୍ୟ ଦର୍ଶକ ଖୁବ୍ ଗ୍ରହଣ କରିଛନ୍ତି। ସେହିପରି ସଂଗୀତ ଭିଡିଓ 'ଖାମୋସିୟାଁ'ରେ ମଧ୍ୟ ତାଙ୍କ ଆବିର୍ଭାବ ବେଶ୍ ପ୍ରଭାବୀ ହୋଇପାରିଛି।

# ପୁଣି ଯୋଡ଼ି ହେଲେ ଶ୍ରୀତମ୍ ଓ ଅଭିଜିତ

ଓଲିଉଡର ଲୋକପ୍ରିୟ ନିର୍ଦ୍ଦେଶକ ଶ୍ରୀତମ୍ ଦାସ ଓ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ପୁଣି ଯୋଡ଼ି ହୋଇଛନ୍ତି। ହଁ ଏବେ ଏହି ଯୋଡ଼ି ଯେଉଁ ସିନେମାରେ ପୁଣି ଏକାଠି କାମ କରୁଛନ୍ତି, ତାହା ହେଲା 'ଆଇନା କେବେ ମିଛ କହେନା'। ଏହାର ନିର୍ଦ୍ଦେଶକ ହେଲେ ଶ୍ରୀତମ୍ ଦାସ ଓ ସ୍ୱରସଂଯୋଜକ ହେଲେ ଅଭିଜିତ ମଜୁମଦାର। ଏହି ସିନେମାର ଗୀତିକାର ହେଲେ ନିର୍ମଳ ନାୟକ। ଚିନ୍ମୟ ଦାସ ପଟ୍ଟନାୟକ ଏହାର କାହାଣୀ ଓ ସଂଳାପ ଲେଖିଛନ୍ତି। ଏଥିରେ ଦୀପକ, ନବାଗତା ମୁସ୍କାନ୍, ସୁକାନ୍ତ ରଥ, ହରି, ଐଶ୍ୱର୍ଯ୍ୟା, ସରୋଜ ଦାସ ଓ ଅଶୋକ ଦାସ ପ୍ରମୁଖ ଅଭିନୟ କରୁଛନ୍ତି। ଆଶିଷ ସିହ୍ନା ଏହାର ପ୍ରଯୋଜକ।

ସୂଚନାଯୋଗ୍ୟ, ଅଭିଜିତ ମଜୁମଦାରଙ୍କ ପ୍ରଥମ ସ୍ୱରାରୋପିତ ଓଡ଼ିଆ ଛବି 'କାଶିଆ କପିଳା'ର ନାୟକ ଥିଲେ ଶ୍ରୀତମ୍ ଦାସ। ଠିକ୍ ସେହିପରି ଅଭିନେତାରୁ ନିର୍ଦ୍ଦେଶକ ସାଜି ଶ୍ରୀତମ୍ ଦାସ ଯେତେବେଳେ ପ୍ରଥମ ସିନେମା 'ତୁ ଥା ମୁଁ ଯାଉଛି ରୁଷି' ନିର୍ମାଣ କଲେ ସେଥିରେ ଅଭିଜିତ ମଜୁମଦାରଙ୍କୁ ସ୍ୱର ସଂଯୋଜନାର ଦାୟିତ୍ୱ ଦେଇଥିଲେ। ତ୍ରିବେଣୀ ମହାନ୍ତିଙ୍କ ପ୍ରଯୋଜିତ ଏହି ସିନେମାରେ ଅରିନ୍ଦମ, କୋଏଲ୍, ମିହିର ଦାସ, ଶ୍ରୀତମ୍ ଦାସ ଓ ଉଷସୀ ମିଶ୍ର ପ୍ରମୁଖ ଅଭନୟ କରିଥିଲେ। ବଡ଼ କଥା ହେଉଛି ଯେ 'ତୁ ଥା ମୁଁ ଯାଉଛି ରୁଷି' ଲାଗି ଅଭିଜିତ ମଜୁମଦାରଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା।

ଏହାପରେ ପୁଣି ଅଶୋକ କୁମାର ଦାସଙ୍କ ପ୍ରଯୋଜିତ 'ଦିୱାନା ହେଲି ତୋ'ପାଇଁ'ରେ ପୁଣି ଶ୍ରୀତମ୍ ଦାସ ଅଭିଜିତ ମଜୁମଦାରଙ୍କୁ ସଙ୍ଗୀତ ନିର୍ଦ୍ଦେଶକ ଭାବେ ନେଇଥିଲେ।

ଶ୍ରୀତମ୍ କିନ୍ତୁ 'ମହାବାହୁ'ରେ ଅଭିଜିତଙ୍କ ବଦଳରେ ପ୍ରେମ ଆନନ୍ଦଙ୍କୁ ନେଇଥିଲେ। ଏହି ସମୟରେ ନିର୍ଦ୍ଦେଶକ ଶ୍ରୀତମ୍ ଦାସ ଓ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ଯୋଡ଼ି ଭାଙ୍ଗିଯାଇଥିବା କୁହାଯାଇଥିଲା।



# ୪୫୦ବର୍ଷ ପୁରୁଣା ଦୁର୍ଗରେ ବିବାହ କରିବେ ଅଭିନେତ୍ରୀ ହଂସିକା ମୋଟୱାନୀ

ପ୍ରାୟ ଏକ ଦଶନ୍ଧି ଧରି ଇଣ୍ଡଷ୍ଟ୍ରିରେ କାମ କରୁଥିବା ଲୋକପ୍ରିୟ ଅଭିନେତ୍ରୀ ହଂସିକା ମୋଟୱାନୀଙ୍କ ବିବାହ ଖବର ଏବେ ଚର୍ଚ୍ଚାରେ। ଖବର ଅନୁଯାୟୀ, ହଂସିକା ମୋଟୱାନୀ ଚଳିତ ବର୍ଷ ଡିସେମ୍ବରରେ ବିବାହ କରିବାକୁ ଯାଉଛନ୍ତି। ହଂସିକାଙ୍କ ବିବାହ ପାଇଁ ୪୫୦ବର୍ଷ ପୁରୁଣା ଦୁର୍ଗ ବୁକ୍ କରାଯାଇଥିବା ବେଳେ ଏହା ବଲିଉଡର ପରବର୍ତ୍ତୀ ଚର୍ଚ୍ଚିତ ବିବାହ ବୋଲି କୁହାଯାଉଛି।

କୋଇ ମିଲ ଗୟା ଚଳଚ୍ଚିତ୍ରରୁ ଲୋକପ୍ରିୟ ହୋଇଥିବା ହଂସିକା ଅନେକ ଫିଲ୍ମରେ କାମ କରି ସାରିଛନ୍ତି। ତାଙ୍କ ବିବାହ ଖବର ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟିଭିର ଏକ ରିପୋର୍ଟରେ ଦିଆଯାଇଥିବା ବେଳେ ଖବର ଅନୁଯାୟୀ, ହଂସିକା ରାଜସ୍ଥାନରେ ଅବସ୍ଥିତ ପ୍ରସିଦ୍ଧ ୪୫୦ବର୍ଷ ପୁରୁଣା ଦୁର୍ଗରେ ବିବାହ କରିବେ। ତେବେ ହଂସିକା କାହାକୁ ବିବାହ କରୁଛନ୍ତି ଏବଂ କେବେ ବିବାହ କରୁଛନ୍ତି, ତାହା ରିପୋର୍ଟରେ କୁହାଯାଇନାହିଁ। ଏହା ସହ ହଂସିକା ମଧ୍ୟ ନିଜ ବିବାହକୁ ନେଇ ହେଉଥିବା ଚର୍ଚ୍ଚା ଉପରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି।

ଇଣ୍ଡିଆ ଟିଭି ଅନୁଯାୟୀ, ହଂସିକାଙ୍କ ଭାବିସ୍ୱାମୀ ବର ଜଣେ ରାଜନେତାଙ୍କ ପୁଅ ଏବଂ ଜଣେ ବ୍ୟବସାୟୀ। ବିବାହ ମୁଣ୍ଡୋଟା ଫୋର୍ଟ ଆଣ୍ଡ ପ୍ୟାଲେସରେ ହେବ ବୋଲି ଚର୍ଚ୍ଚା ହେଉଛି। ତେବେ ହଂସିକାଙ୍କ ପ୍ରତିକ୍ରିୟା ମିଳିନଥିବାରୁ ତାଙ୍କ ବିବାହକୁ ନେଇ ସ୍ପଷ୍ଟୀକରଣ ମିଳିପାରିନାହିଁ।





# ପ୍ରେମ କାହାଣୀ ଆଧାରିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ତୋ ବିନା'

ଆସୁଛି ନୂଆ ଚଳଚ୍ଚିତ୍ର 'ତୋ ବିନା'। ଏହାର ସଂଳାପ ଓ ଚିତ୍ରନାଟ୍ୟ ବିଶ୍ୱଭୂଷଣ ମିଶ୍ର ଲେଖିଥିବା ବେଳେ ନିର୍ଦ୍ଦେଶନା ଦେଉଛନ୍ତି ରାଜ୍‌ପ୍ରଦୀପ। 'ତୋ ବିନା'ର କାହାଣୀ ପରିକଳ୍ପନା କରିଛନ୍ତି ଚିନ୍ମୟୀ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ। ଏଥିରେ ଚିତ୍ରୋତ୍ତୋଳନ କରିଛନ୍ତି ରବୀନ୍ଦ୍ର ବେହେରା। କାହାଣୀର ନାୟକ ଦେବରାଜ ଏବଂ ନାୟିକା ଭୂମିକାରେ ଅଛନ୍ତି ଦିଶା। ଏମାନଙ୍କ ବ୍ୟତୀତ ଅଶ୍ରୁମୋଚନ, ଶ୍ରୀତମ୍ ଦାସ, ରବି ମିଶ୍ର, ପ୍ରିୟଙ୍କା ପଟ୍ଟନାୟକ, ଚୌଧୁରୀ ଜୟପ୍ରକାଶ ଦାସ ଓ କାଳିଆଙ୍କୁ ମଧ୍ୟ 'ତୋ ବିନା'ରେ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।ବଡ଼କଥା ହେଉଛି ମରାଠୀ ଫିଲ୍ମ 'ରଖମା', ହିନ୍ଦୀ ଫିଲ୍ମ 'ୱାନ୍ ୱେ' ଓ 'ତେରା ନାମ ଏ ଲଭ୍ ଷ୍ଟୋରି'ରେ କୋରିଓଗ୍ରାଫି କରିଥିବା ରାଜପ୍ରଦୀପ କିଛି ଗୁଜୁରାଟୀ, ବେଙ୍ଗଲୀ ଓ ତାମିଲ ମ୍ୟୁଜିକ୍ ଭିଡିଓରେ ମଧ୍ୟ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ବେଶ୍ କିଛିଦିନର ବ୍ୟବଧାନ ପରେ ସେ ପୁଣି ଓଲିଉଡକୁ ଫେରିଥିବାରୁ କଳାକାର ଓ ଟେକନିସିଆନଙ୍କ ଭିତରେ ଉତ୍ସାହ ଦେଖାଦେଇଛି। କୁହାଯାଉଛି ସେ ପୁଣି ଓଡ଼ିଆ ଚଳଚ୍ଚିତ୍ର ଜଗତରେ ରାଜ୍ କରିବେ। 'ପହିଲି ରଜ', 'ସପନର ନାୟିକା' ଓ 'ନଟ କଣ୍ଡକ୍ଟର' ପରି ସଫଳ ସିନେମାର କୋରିଓଗ୍ରାଫର ରାଜ୍‌ପ୍ରଦୀପ ଏବେ ସିନେମାର ନିର୍ଦ୍ଦେଶନା ଦେଉଛନ୍ତି।

# ଅକ୍ଟୋବର ୩୧ରୁ ପୂର୍ବତଟ ରେଳପଥର ଭିଜିଲାନ୍ସ ସଚେତନତା ସପ୍ତାହ

ଭୁବନେଶ୍ୱର ,୨୦/୧୦ (ନି.ପ୍ର): 'ଦୁର୍ନୀତି ମୁକ୍ତ ଭାରତ - ଏକ ବିକଶିତ ଭାରତ' ବିଷୟ ବସ୍ତୁକୁନେଇ ୩୧ ଅକ୍ଟୋବରରୁ ୬ ନଭେମ୍ବର ପର୍ଯ୍ୟନ୍ତ ସତର୍କତା (ଭିଜିଲାନ୍ସ) ସଚେତନତା ସପ୍ତାହ - ୨୦୨୨ ଆୟୋଜିତ କରାଯାଉଛି। ରେଳବାଇ ସମେତ ସାଧାରଣ ଲୋକଙ୍କୁ ସଚେତନ କରାଇବାପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ମଧ୍ୟରେ ବିତର୍କ ପ୍ରତିଯୋଗିତା, ପ୍ରବନ୍ଧ ଓ ସ୍ଲୋଗାନ୍ ଲେଖା ଏବଂ ଚିତ୍ରକଳା ସହିତ ଅନ୍ୟାନ କାର୍ଯ୍ୟକ୍ରମ ଗୁଡିକ ଆୟୋଜନ କରାଯିବ ଯେଉଁଥିରେ ରେଳ କର୍ମଚାରୀ, ସେମାନଙ୍କର ପିଲାମାନେ ଏବଂ ସ୍କୁଲ ଓ କଲେଜ ଗୁଡିକର ଛାତ୍ର ଛାତ୍ରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିପାରିବେ।

ପୂର୍ବତଟ ରେଳପଥ ସତର୍କତା ବିଭାଗ ମଧ୍ୟ ଦୁର୍ନୀତିର କୁପ୍ରଭାବ ଉପରେ ସଚେତନତା ସୃଷ୍ଟି କରିବା ଏବଂ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅଖଣ୍ଡତା ଏବଂ ସଚ୍ଚୋଟତା ବୃଦ୍ଧି ପାଇଁ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପହଂଚି ଏହି ଅଭିଯାନରେ ସେମାନଙ୍କୁ ସାମିଲ କରିଛି ।

ଯଦି କେହି ଆପଣଙ୍କୁ ରେଳବାଇରେ ଚାକିରି ଯୋଗାଇଦେବାକୁ ପ୍ରତିଶୃତି ଦେଇ ଲାଂଚ ମାଗନ୍ତି କିମ୍ବା ଯଦି ଆପଣଙ୍କର ଦୁର୍ନୀତି ସମ୍ବନ୍ଧରେ କୌଣସି ସୂଚନା ଅଛି କିମ୍ବା ଆପଣ ଉପରୋକ୍ତ ଶିକାର ହୋଇଛନ୍ତି, ରେଳପଥର ଭିଜିଲାନ୍ସ ହେଲ୍ପଲାଇନ ନମ୍ବରରେ ସୂଚନା ଦିଅନ୍ତୁ ବୋଲି ରେଳବାଇ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

ଯାତ୍ରୀମାନଙ୍କୁ ବିନା ଟିକେଟ୍ କିମ୍ବା ଅନିୟମିତ ଟିକେଟ୍ ସହିତ ଯାତ୍ରା ନକରିବାକୁ ସଚେତନ କରିବା ପାଇଁ ପୂର୍ବ ତଟ ରେଳପଥ ଦ୍ୱାରା ନିୟମିତ ବ୍ୟବଧାନରେ ବ୍ୟାପକ ଟିକେଟ୍ ଯାଂଚ ଅଭିଯାନ ଚାଲୁ ରହିଛି । ଯାତ୍ରୀମାନଙ୍କୁ ଅନିୟମିତ ଯାତ୍ରା ବିଷୟରେ ସଜାଗ କରାଇବା ପାଇଁ, ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ଟ୍ରେନରେ ବିନା ଟିକେଟ୍ ଯାତ୍ରା କିମ୍ବା ଅନୁପଯୁକ୍ତ ଟିକେଟ୍ ଯାତ୍ରା ଗୁଡିକୁ ଯାଂଚ କରିବା ପାଇଁ ଏବଂ ଷ୍ଟେସନ ପରିସରରେ ବିନା ଟିକେଟ ଯାତ୍ରୀ ଏବଂ ଅନଧିକୃତ ପରିଦର୍ଶକଙ୍କୁ ଏଡ଼ାଇବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି ।

ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ବହୁଳ ଭାବେ ସମ୍ପର୍କ କରାଯାଉଥିବା କ୍ଷେତ୍ର ଗୁଡିକ ଠାରେ ଯାଂଚ କରିବା ପାଇଁ ପୂର୍ବ ତଟ ରେଳପଥ ଏହାର ବିଭିନ୍ନ ବିଭାଗ ଯଥା ବାଣିଜ୍ୟ, ସତର୍କତା ଓ ରେଳବାଇ ସୁରକ୍ଷା ବଳ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କୁ ନେଇ ମିଳିତ ଅଭିଯାନ ଏହା ପରିସୀମା ମଧ୍ୟରେ ଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଗୁଡ଼ିକୁ ଏବଂ କାର୍ଯ୍ୟକ୍ଷେତ୍ର ଗୁଡିକୁ ଭଲ ଭାବରେ ଯାଂଚ କରିବେ। ସମ୍ବେଦନଶୀଳ ଅଂଚଳରେ ଯଥା ବୁକିଂ ଅଫିସ୍, ପାର୍ସଲ୍ ଅଫିସ୍, ଟିକେଟ୍ କଲେକ୍ଟର ଅଫିସ୍ ଏବଂ କ୍ୟାଟରିଂ ଷ୍ଟଲ୍, ଯାତ୍ରୀ ସଂରକ୍ଷଣ କାଉଂଟର, ଅନ ଲାଇନ ଟିକେଟ୍ ବୁକିଂ ଭଳି କାର୍ଯ୍ୟକ୍ଷେତ୍ର ଗୁଡିକରେ ବ୍ୟାପକ ଭାବେ ଯାଂଚ କରିବେ ।

ପୂର୍ବତଟ ରେଳପଥରେ ଦୁର୍ନୀତି ସମ୍ବନ୍ଧରେ ଅଭିଯୋଗ ଗ୍ରହଣ କରିବା ପାଇଁ ଭିଜିଲାନ୍ସ ହେଲ୍ପଲାଇନ ମୋବାଇଲ୍ ନମ୍ବର ୮୪୫୫୮୮୫୦୩୧ ଜାରି କରାଯାଇଛି। ରେ ଯାତ୍ରୀମାନେ ଉପରୋକ୍ତ ନମ୍ବର ଡାଏଲ୍ କରି କିମ୍ବା ଇ-ମେଲ୍ ଆଇଡିରେ ଦୁର୍ନୀତି ସମ୍ବନ୍ଧରେ ସେମାନଙ୍କର ଅଭିଯୋଗ କରିପାରିବେ ।

# ଅଗଷ୍ଟରେ ସର୍ବାଧିକ ଗ୍ରାହକ ଯୋଡ଼ିଲା ଜିଓ

ଭୁବନେଶ୍ୱର ,୨୦/୧୦ (ନି.ପ୍ର): ଦେଶର ସବୁଠୁ ପସନ୍ଦର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବେ ଉଲ୍ଲେଖନୀୟ ଯାତ୍ରାକୁ ବଜାୟ ରଖି ରିଲାଏନ୍ସ ଜିଓ ଅଗଷ୍ଟ ମାସରେ ସର୍ବାଧିକ ଗ୍ରାହକ ଯୋଡ଼ିଥିବା ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ପକ୍ଷରୁ ଜାରି କରାଯାଇଥିବା ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ରିଲାଏନ୍ସ ଜିଓ ଅଗଷ୍ଟ ମାସରେ ଦେଶରେ ୩୨.୮୧ ଲକ୍ଷ ନୂଆ ଗ୍ରାହକ ଯୋଡ଼ିଥିବା ବେଳେ ଏୟାରଟେଲ୍ ୩.୨୬ ଲକ୍ଷ ଗ୍ରାହକ ଯୋଡ଼ିଛି। ଏହି ମାସରେ ଭୋଡାଫୋନ୍ ଆଇଡିଆ ୧୯.୫୮ ଲକ୍ଷ ଏବଂ ବିଏସ୍ଏନ୍ଏଲ୍ ୫.୬୭ ଲକ୍ଷ ଗ୍ରାହକଙ୍କୁ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡ଼ିଛି।

ତେବେ ଗୁରୁତ୍ୱପୂର୍ଣ୍ଣ ଭାବେ ଅଗଷ୍ଟ ମାସରେ ବିଏସ୍ଏନ୍ଏଲ୍‌କୁ ପଛରେ ପକାଇ ରିଲାଏନ୍ସ ଜିଓ ଦେଶର ସର୍ବବୃହତ ଫିକ୍ସଡ୍‌ଲାଇନ୍ ସେବା ପ୍ରଦାନକାରୀରେ ପରିଣତ ହୋଇଛି। ଟ୍ରାଇର ଅଗଷ୍ଟ ମାସ ଗ୍ରାହକ ତଥ୍ୟ ଅନୁଯାୟୀ, ଜିଓର ଓ୍ୱାରଲାଇନ୍ ଗ୍ରାହକ ସଂଖ୍ୟା ୭୩.୫୨ ଲକ୍ଷରେ ପହଂଚିଥିବା ବେଳେ ବିଏସ୍ଏନ୍ଏଲ୍‌ର ଓ୍ୱାରଲାଇନ ଗ୍ରାହକ ସଂଖ୍ୟା ୭୧.୩୨ ଲକ୍ଷ ରହିଛି। ଏହା ସହିତ ଉଭୟ ଓ୍ୱାରଲେସ୍ ଏବଂ ଓ୍ୱାରଲାଇନ୍ କ୍ଷେତ୍ରରେ ରିଲାଏନ୍ସ ଜିଓ ଦେଶରେ ଏକ ନମ୍ବର ସ୍ଥାନ ହାସଲ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଏସଏନଏଲ୍ ଦୀର୍ଘ ୨୨ ବର୍ଷ ଧରି ଓ୍ୱାରଲାଇନ୍ ସେବା ପ୍ରଦାନ କରୁଥିବା ବେଳେ ତିନି ବର୍ଷ ପୂର୍ବେ ଜିଓ ଏହାର ଓ୍ୱରଲାଇନ୍ ସେବା ଜିଓଫାଇବର୍ ଆରମ୍ଭ କରିଥିଲା।

ଟ୍ରାଇ ପ୍ରକାଶିତ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ୨୦୨୨ ଅଗଷ୍ଟରେ ଜିଓ ଦେଶରେ ସର୍ବାଧିକ ୨.୬୨ ଲକ୍ଷ ନୂଆ ଓ୍ୱାରଲାଇନ୍ ଗ୍ରାହକ ଯୋଡ଼ିଛି। ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ, ଓଡ଼ିଶାରେ ଜିଓ ୨୦୨୨ ଅଗଷ୍ଟ ମାସରେ ସର୍ବାଧିକ ୮୩,୧୪୮ ନୂଆ ଗ୍ରାହକଙ୍କୁ ଯୋଡ଼ି ଏହାର ଏକ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ରାଜ୍ୟରେ ଜିଓର ଓ୍ୱାରଲାଇନ୍ ଗ୍ରାହକ ସଂଖ୍ୟାରେ ମଧ୍ୟ ଦ୍ରୁତ ବୃଦ୍ଧି ହୋଇଛି ଏବଂ ଅଗଷ୍ଟ ମାସରେ ଓଡ଼ିଶାରେ ଏହାର ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ୍ ଜିଓଫାଇବର୍‌ର ମୋଟ ଗ୍ରାହକ ସଂଖ୍ୟା ୧,୬୨,୫୫୬କୁ ବୃଦ୍ଧି ପାଇଛି। ସାରା ରାଜ୍ୟରେ ଏହାର ଦ୍ରୁତ ସମ୍ପ୍ରସାରଣକୁ ଜାରି ରଖି ଜିଓଫାଇବର ଏବେ ଓଡ଼ିଶାର ୩୬ରୁ ଅଧିକ ସହରରେ ଉପଲବ୍ଧ ରହିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଉଭୟ ସର୍ବାଧିକ ସଂଖ୍ୟକ ଗ୍ରାହକ ଓ ସର୍ବାଧିକ ରାଜସ୍ୱ ବଜାର ଅଂଶ ସହ ଓଡ଼ିଶାରେ ଜିଓ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ହୋଇରହିଛି। ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ରାଜ୍ୟରେ ୪୨%ରୁ ଅଧିକ ଗ୍ରାହକ ବଜାର ଅଂଶ ଓ ରାଜ୍ୟର ଟେଲିକମ୍ କ୍ଷେତ୍ରର ମୋଟ ରାଜସ୍ୱରେ ୫୨%ରୁ ଅଧିକ ବଜାର ଅଂଶ ସହ ଜିଓ ଅଗ୍ରଣୀ ରହିଛି। ସର୍ବବୃହତ ୪ଜି ନେଟ୍‌ୱର୍କ ଏବଂ ସର୍ବାଧିକ ସଂଖ୍ୟକ ନେଟ୍‌ୱର୍କ ସାଇଟ୍‌କୁ ନେଇ ଓଡ଼ିଶାରେ ଜିଓ ନିୟୁତାଧିକ ଗ୍ରାହକଙ୍କୁ ଶ୍ରେଷ୍ଠ ଡିଜିଟାଲ୍ ଅନୁଭୂତି ପ୍ରଦାନ କରୁଛି ଏବଂ ରାଜ୍ୟରେ ଖୁବ୍‌ଶୀଘ୍ର ଟ୍ରୁ-୫ଜି ସେବାର ଶୁଭାରମ୍ଭ କରିବା ଲାଗି କଂପାନି ପ୍ରସ୍ତୁତ ହେଉଛି।

# ଏନ୍ଏସ୍ଏସ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା ମନୋବୃତ୍ତି ଓ ଶୃଙ୍ଖଳା ଉଦ୍ରେକ କରୁଛି : ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର ,୨୦/୧୦ (ନି.ପ୍ର): ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଛାତ୍ରଛାତ୍ରୀମାନଙ୍କ ବୌଦ୍ଧିକ ବିକାଶ ସହ ସେମାନଙ୍କ ମଧ୍ୟରେ ସେବା ମନୋବୃତି ଓ ଶୃଙ୍ଖଳା ଉଦ୍ରେକ କରୁଛି। ବୁଧବାର ଜୟଦେବ ଭବନରେ ଅନୁଷ୍ଠିତ ଜାତୀୟ ସେବା ଯୋଜନାର ୨୦୨୦-୨୧, ୨୦୨୧-୨୨ ବର୍ଷ ନିମନ୍ତେ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇ ଏହି ମତ ପ୍ରକାଶ କରିଛନ୍ତି ।

ଜାତୀୟ ସେବା ଯୋଜନା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଆତ୍ମଶକ୍ତି, କର୍ମନିଷ୍ଠା ଏବଂ ସେବା ମନୋଭାବ, ଏକ ସୁନ୍ଦର ଦେଶ ଗଠନରେ ସହାୟକ ହେଉଛି। ଏହି ସଂସ୍ଥା ଛାତ୍ରଶକ୍ତିର ସଦ୍‌ବିନିଯୋଗର ପ୍ରତିବିମ୍ବ ମାତ୍ର । ୧୯୬୯ ମସିହା ସେପ୍ଟେମ୍ବର ୨୪ ତାରିଖରୁ ଦେଶରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିବାବେଳେ ଆଜି ଏହା ମହାଦ୍ରୁମରେ ପରିଣତ ହୋଇପାରିଛି । ଆଗାମୀ ସମୟ ଏହି ଯୋଜନାରେ ପୁରସ୍କାର ରାଶି ବର୍ଦ୍ଧିତ କରବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଥିଲେ ।

'ମୋ କଲେଜ' ଅଭିଯାନ ପରିଚାଳନା ସଂଗଠନର ଅଧ୍ୟକ୍ଷ ଆକାଶ ଦାସ ନାୟକ ତାଙ୍କ ଅଭିଭାଷଣରେ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ସାଧାରଣ ନୁହେଁ ଅସାଧାରଣ ବୋଲି ମତପ୍ରକାଶ କରିଥିଲେ । ସେମାନଙ୍କର ମାନବିକତା ଅତ୍ୟନ୍ତ ମହାନ। ଆଦର୍ଶ ନାଗରିକ ହୋଇ ସମୃଦ୍ଧ ରାଷ୍ଟ୍ରଗଠନରେ ଭାଗୀଦାର ହେବାକୁ ସେ ସ୍ୱେଚ୍ଛାସେବୀମାନଙ୍କୁ ଆହ୍ୱାନ ଦେଇଥିଲେ ।

ଅନ୍ୟତମ ସମ୍ମାନିତ ଅତିଥି ଆଂଚଳିକ ନିର୍ଦ୍ଦେଶିକା, ଏନ୍ଏସ୍ଏସ୍ ଆଂଚଳିକ ନିର୍ଦ୍ଦେଶାଳୟ,ଭୁବନେଶ୍ୱର ସୁଶ୍ରୀ ସରିତା ପଟେଲ ତାଙ୍କ ଅଭିଭାଷଣରେ ନିର୍ଦ୍ଦେଶାଳୟ ଦ୍ୱାରା ଗ୍ରହଣ କରାଯାଇଥିବା ସମାଜସେବା ଯୋଜନାର ରୂପରେଖର ବିସ୍ତୃତ ବିବରଣୀ ପ୍ରଦାନ କରି କହିଥିଲେ ଯେ ଅଧିକ ଛାତ୍ରଛାତ୍ରୀ ଏହି ଯୋଜନାରେ ଯୋଗଦେଇ ସୁସ୍ଥ ସମାଜ ଗଠନରେ ଏହା ସହାୟକ ହେବେ ବୋଲି ଆଶାପ୍ରକାଶ କରିଥିଲେ । ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ସନ୍ଥକବି ଭୀମଭୋଇଙ୍କ ପଂକ୍ତିର ଉଦାହରଣ ଦେଇ ଛାତ୍ରଛାତ୍ରୀମାନେ ସମାଜରେ ବସବାସ କରୁଥିବା ଅସହାୟ ବ୍ୟକ୍ତିମାନଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ରାଜ୍ୟ ଜାତୀୟ ସେବା ଯୋଜନାର ଅଗ୍ରଗତି ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଡ. ବ୍ରଜନାରାୟଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ସମବେତ ଛାତ୍ରଛାତ୍ରୀମାନଙ୍କ ସହ ପୂର୍ବତନ ଏନ୍ଏସ୍ଏସ୍ ପରାମର୍ଶଦାତା ଡ. ଭଗବାନ ପ୍ରକାଶ ସମାଜସେବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ସଂଯୋଜକ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ମହାବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ, ଛାତ୍ରଛାତ୍ରୀ ଏବଂ ଜାତୀୟ ସେବା ଯୋଜନା ସଂପର୍କିତ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

# ଏ ବର୍ଷ ଶେଷସୁଦ୍ଧା କାର୍ଯ୍ୟକ୍ଷମ ହେବ ତିନିଟି ନୂଆ ଡ୍ରାଇଭିଂ ତାଲିମ ଓ ଗବେଷଣା ଅନୁଷ୍ଠାନ

ଭୁବନେଶ୍ୱର ,୨୦/୧୦ (ନି.ପ୍ର): ସୁନ୍ଦରଗଡ଼, ବ୍ରହ୍ମପୁର ଏବଂ କେନ୍ଦୁଝରଠାରେ ନୂଆ ତିନିଟି ଡ୍ରାଇଭିଂ ତାଲିମ ଏବଂ ଗବେଷଣା ଅନୁଷ୍ଠାନ ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡିଛି । ରାଜ୍ୟ ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ନୂଆ ଅନୁଷ୍ଠାନ ଗୁଡିକର ପରିଚାଳନା ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ ।

ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତିର ସମୀକ୍ଷା କରି ଚଳିତ ବର୍ଷ ଶେଷସୁଦ୍ଧା ତିନିଟିଯାକ ଅନୁଷ୍ଠାନକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଶ୍ରୀ ମହାପାତ୍ର ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନୁଷ୍ଠାନଗୁଡିକର ପରିଚାଳନା ନିମନ୍ତେ ପରିବହନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ସୋସାଇଟି ଗଠନ କରାଯିବ। ଏହି ସୋସାଇଟି ଦ୍ୱାରା ସରକାରୀ ଘରୋଇ ସହଭାଗିତା (ପି.ପି.ପି.ମୋଡ୍) ନିୟାମକ ଅନୁସାରେ ଅନୁଷ୍ଠାନ ଗୁଡିକ ପରିଚାଳିତ ହେବ ବୋଲି ବୈଠକରେ ନିଷ୍ପତି ହୋଇଥିଲା । ପ୍ରତି ଅନୁଷ୍ଠାନରେ ତାଲିମ ଗାଡି, ଡୁଆଲ୍ କଣ୍ଟ୍ରୋଲ ଡ୍ରାଇଭିଂ ଡିଭାଇସ୍, ସିମୁଲେଟର, ୱାର୍କସପ୍ ଯନ୍ତ୍ରପାତି ଓ ତାଲିମ ଉପକରଣ ଆଦି ପାଇଁ ପ୍ରାୟ ୨.୬୭ କୋଟି ଟଙ୍କା ସୋସାଇଟିଙ୍କୁ ଯୋଗାଇ ଦିଆଯିବ। ଅନ୍ୟାନ୍ୟ ପରିଚାଳନା ଖର୍ଚ୍ଚ ଘରୋଇ ଭାଗିଦାର ସଂସ୍ଥା କରିବେ। ଆଧୁନିକ ଜ୍ଞାନ କୌଶଳ ସହ ଉଚ୍ଚମାନର ତାଲିମ ଦେବା ଏବଂ ତାଲିମ ପରେ ଯୁବକ ଯୁବତୀମାନଙ୍କୁ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ନିଶ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

ବୈଠକର ଆଲୋଚନାରୁ ଜଣାପଡିଥିଲା ଯେ ବର୍ତ୍ତମାନ ଯାଜପୁର ଜିଲ୍ଲାର ଛତିଆସ୍ଥିତ ଗୋଟିଏ ଅନୁଷ୍ଠାନ ପି.ପି.ପି.ମୋଡ୍ ରେ ସଫଳତାର ସହ କାର୍ଯ୍ୟକରୁଛି। ଅଶୋକ ଲେଲ୍ୟାଣ୍ଡ କଂପାନୀ ଏହା ପରିଚାଳନା କରୁଛନ୍ତି । ଏହି ନୂଆ ଅନୁଷ୍ଠାନକୁ ମିଶାଇଲେ ୪ ଟି ଉଚ୍ଚମାନର ଅନୁଷ୍ଠାନ ପି.ପି.ପି.ମୋର୍ଡରେ ପରିଚାଳିତ ହେବ। ବର୍ତମାନ ଛତିଆ ସ୍ଥିତ ଅନୁଷ୍ଠାନ ୧୫୦ ସିଟ୍ ବିଶିଷ୍ଟ ଅଛି । ନବ ନିର୍ମିତ କେନ୍ଦୁଝର ଅନୁଷ୍ଠାନ ୧୩୪ ସିଟ୍, ସୁନ୍ଦରଗଡ ୧୫୦ ସିଟ୍, ଏବଂ ବ୍ରହ୍ମପୁର ୧୪୦ ସିଟ୍ ବିଶିଷ୍ଟ ହେବ । ଏହିସବୁ ଅନୁଷ୍ଠାନରେ ଉଭୟ ଛୋଟ ଏବଂ ବଡ ଗାଡି (ଏଲ୍.ଏମ୍.ଭି. ଏବଂ ଏଚ୍.ଏମ୍.ଭି.) ଡ୍ରାଇଭିଂ ତାଲିମ ଦିଆଯିବ । ବଡ ଗାଡି ପାଇଁ ତାଲିମ ଅବଧି ୩୦ ଦିନ ଏବଂ ଛୋଟ ଗାଡି ପାଇଁ ତାଲିମ ଅବଧି ୨୧ ଦିନ ହେବ। ଏ କ୍ଷେତ୍ରରେ ବିଶେଷ ଅଭିଜ୍ଞତା ଓ ଦକ୍ଷତା ଥିବା ଅଶୋକ ଲେ ଲ୍ୟାଣ୍ଡ ସଂସ୍ଥା ସହଭାଗୀ ଭାବେ ଅନୁଷ୍ଠାନ ଗୁଡିକର ଦୈନନ୍ଦିନ ପରିଚାଳନା କରିବେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସୁଥିବା ଯୁବକ ଯୁବତୀମାନଙ୍କୁ ଏସବୁ ଅନୁଷ୍ଠାନରେ ମାଗଣା ଆବାସିକ ତାଲିମ ଦିଆଯିବ। ତାଲିମ କାଳରେ ସେମାନଙ୍କର ରହିବା, ଖାଇବା ଖର୍ଚ୍ଚ ସରକାରଙ୍କ ତରଫରୁ ବହନ କରାଯିବ ।

କର୍ମ ନିପୁଣତା ଓ ସଚ୍ଚୋଟତା ଦୃଷ୍ଟିରୁ ଓଡ଼ିଶା ତାଲିମ ପ୍ରାପ୍ତ ଓଡ଼ିଆ ଡ୍ରାଇଭରମାନଙ୍କର ଦେଶର ବିଭିନ୍ନ ରାଜ୍ୟରେ ବିଶେଷ ଚାହିଦା ରହିଛି ବୋଲି ବୈଠକରେ ଉପସ୍ଥିତ ପରିବହନ କମିଶନର ଶ୍ରୀ ଅରୁଣ ବୋଥ୍ରା କହିଥିଲେ । ତାଲିମ ପ୍ରାପ୍ତ ଯୁବକ ଯୁବତୀମାନଙ୍କ ନିଯୁକ୍ତି ନିମନ୍ତେ ଉପଯୁକ୍ତ ପରାମର୍ଶ ଏବଂ ସହାୟତା ଦେବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ ।

ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ଚୋପ୍ରା, ବାଣିଜ୍ୟ ଓ ପରିବହନ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପରିବହନ କମିଶନର ଅରୁଣ କୁମାର ବୋଥ୍ରା, ଭୁବନେଶ୍ୱରସ୍ଥିତ ସରକାରୀ ଡ୍ରାଇଭିଂ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତିଙ୍କ ସମେତ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଅଶୋକ ଲେ ଲ୍ୟାଣ୍ଡର ବରିଷ୍ଠ ପଦାଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବ୍ରଏଲର କୁକୁଡ଼ା ଚାଷ ନେଇ ଭାରତ ସରକାରଙ୍କ ଚିଠା ମାର୍ଗଦର୍ଶିକା

ଭୁବନେଶ୍ୱର ,୨୦/୧୦ (ନି.ପ୍ର): ଇଂଟିଗ୍ରେଟର କମ୍ପାନୀ ଓ ବ୍ରଏଲର କୁକୁଡ଼ା ଚାଷୀଙ୍କ ମଧ୍ୟରେ ଚୁକ୍ତିଭିତିରେ କରାଯାଉଥିବା କୁକୁଡ଼ା ଚାଷରେ ଚାଷୀମାନଙ୍କ ସ୍ୱାର୍ଥର ସୁରକ୍ଷା କରି ରାଜ୍ୟରେ ବ୍ରଏଲର କୁକୁଡ଼ା ଚାଷର ବିକାଶ ନିମନ୍ତେ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଅକ୍ଟୋବର ୧ ତାରିଖରେ କୃଷି ଭବନଠାରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ଇଂଟିଗ୍ରେଟର କମ୍ପାନୀ ଏବଂ ବିଭିନ୍ନ ଜିଲ୍ଲାରୁ ଆସିଥିବା ଚୁକ୍ତିଭିତିକ କୁକୁଡ଼ା ଚାଷୀମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ବିଶଦ ଭାବରେ ଆଲୋଚନା ହୋଇଥିଲା । ବୈଠକରେ ଚୁକ୍ତିଭିତିକ କୁକୁଡ଼ା ଚାଷ ସଂପର୍କରେ ଭାରତ ସରକାରଙ୍କ ପକ୍ଷରୁ ପ୍ରକାଶିତ ଚିଠା ବାଣିଜ୍ୟିକ ମାର୍ଗଦର୍ଶିକା ପ୍ରକାଶ ପାଇଥିବା ସୂଚନା ଦିଆଯାଇଥିଲା । ବୈଠକରେ ଚିଠା ମାର୍ଗଦର୍ଶିକା ସଂପର୍କରେ ଆପତି ଓ ପରାମର୍ଶ ଦେବା ପାଇଁ କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ବ୍ରଏଲର କୁକୁଡ଼ା ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ପରାମର୍ଶ କ୍ରମେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କ ତରଫରୁ ଭାରତ ସରକାରଙ୍କ ଚିଠା ମାର୍ଗଦର୍ଶିକା ନିମନ୍ତେ ଆବଶ୍ୟକ ପ୍ରସ୍ତାବ ଦିଆଯାଇଛି । ନିର୍ଦ୍ଦେଶାଳୟ ପକ୍ଷରୁ ଦିଆଯାଇଥିବା ପରାମର୍ଶଗୁଡ଼ିକୁ ଚୂଡ଼ାନ୍ତ ବାଣିଜ୍ୟିକ ମାର୍ଗଦର୍ଶିକାରେ ସନ୍ନିବେଶିତ କରାଗଲେ କୁକୁଡ଼ା ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ସହିତ କୁକୁଡ଼ା ଚାଷରେ ଉତ୍ତମ ପ୍ରଥା ଅନୁଶୀଳନ କରି ରାଜ୍ୟରେ ବ୍ରଏଲର କୁକୁଡ଼ା ଚାଷର ଦ୍ରୁତ ବିକାଶ ସାଧିତ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଏହା ଦ୍ୱାରା ଅସାଧୁ ବ୍ୟବସାୟକୁ ରୋକାଯିବା ସହିତ ଗ୍ରାମାଞ୍ଚଳର କ୍ଷୁଦ୍ରଚାଷୀମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ପ୍ରଦାନ କରାଯାଇପାରିବ ।

# ଉଠା ଜଳସେଚନ ନିଗମର ଅଧ୍ୟକ୍ଷ ଭାବେ ଅମରେଶ ପତ୍ରୀଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର ,୨୦/୧୦ (ନି.ପ୍ର): ଓଡିଶା ଉଠା ଜଳସେଚନ ନିଗମର ଅଧ୍ୟକ୍ଷ ଭାବେ ଅମରେଶ ପତ୍ରୀ ବୁଧବାର ଦିନ ଭୁବନେଶ୍ୱରସ୍ଥିତ ଓଏଲଆଇସି ମୁଖ୍ୟ କାର୍ଯ୍ୟାଳୟରେ ପହଂଚି ଦାୟିତ୍ୱ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ୫ ବର୍ଷରେ ରାଜ୍ୟରେ ୧ ଲକ୍ଷ ଗଭୀର ସେଚ କୂପ ସ୍ଥାପନ ମାଧ୍ୟମରେ୫ଲକ୍ଷ ହେକ୍ଟର ଜମିକୁ ଅତିରିକ୍ତ ଜଳସେଚନ ସୁବିଧା କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ପତ୍ରୀ କହିଛନ୍ତି । କାର୍ଯ୍ୟରେ ଯୋଗ ଦାନ ଅବସରରେ ଓଏଲଆଇସି କାର୍ଯ୍ୟାଳୟରରେ ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ଅର୍ଚ୍ଚନା ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଇଂ. ବାଲେଶ୍ୱର ନାଥ ସାହୁଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶ୍ରୀ ପତ୍ରୀଙ୍କୁ ସ୍ୱାଗତ କରିଥିଲେ ।

ଏହି ଅବସରରେ ଶ୍ରୀ ପତ୍ରୀ କହିଛନ୍ତି ଯେ ଓଏଲଆଇସି ଚଳିତ ବର୍ଷ ଏହାର ସ୍ଥାପନର୫୦ବର୍ଷରେ ପଦାର୍ପଣ କରିଛି । ସହଜରେ ଜଳସେଚନ ସୁବିଧା ଉପଲବ୍ଧ ହୋଇପାରୁନଥିବା ଜମିକୁ ଉଠା ଜଳସେଚନ, ଗଭୀର ସେଚ କୂପ ସ୍ଥାପନ, ନଦୀ ପାର୍ଶ୍ୱ ଉଠା ଜଳସେଚନ, ଗୋଷ୍ଠୀ ଉଠା ଜଳସେଚନ ଆଦି ବିଭିନ୍ନ ବ୍ୟବସ୍ଥା ଜରିଆରେ ଅତିରିକ୍ତ ଜଳସେଚନ ସୁବିଧା କରି ଓଏଲ୍ଆଇସି କୃଷକମାନଙ୍କର ଆସ୍ଥା ଭାଜନ ହୋଇପାରିଛି । ସେହିପରି ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶାଳୟ ଏବଂ ୱାଲ୍ମୀ ଜରିଆରେ କୃଷକମାନଙ୍କର ଦକ୍ଷତା ବୃଦ୍ଧି କରାଯାଉଛି । ନିକଟରେ ଓଏଲ୍ଆଇସି ଏହାର ପ୍ରଶଂନୀୟ କାର୍ଯ୍ୟ ପାଇଁ ଜାତୀୟ ସ୍ତରରେ ୧୫ ତମ ୱାଟର ଡାଇଜେଷ୍ଟ ୱାଟର ଆୱାର୍ଡରେ ପୁରସ୍କୃତ ହୋଇଛି ।

# ସମ୍ଭାବ୍ୟ ବାତ୍ୟା ସିତ୍ରାଙ୍ଗ ମୁକାବିଲା ପାଇଁ ଶକ୍ତିମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର ,୨୦/୧୦ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ସିତ୍ରାଙ୍ଗ କ୍ଷୟକ୍ଷତିର ମୁକାବିଲା ପାଇଁ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବୁଧବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ନେଇ ବିଭାଗ ଦ୍ୱାରା କରାଯାଉଥିବା ସମସ୍ତ ପ୍ରକାର ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ବିଶେଷ ଭାବେ ଆବଶ୍ୟକ ଯନ୍ତ୍ରପାତି ଓ ସାଜସରଂଜାମ ଠୁଳ କରିବା ଏବଂ ମାନବଶକ୍ତି ପରିଚାଳନା କରିବା ଅତ୍ୟନ୍ତ ଜରୁରୀ ଥିବାରୁ ମନ୍ତ୍ରୀ ଶ୍ରୀ ଦେବ ଏହି କାର୍ଯ୍ୟକୁ ଆଗୁଆ ଭାବେ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦେଇଥିଲେ। ସତର୍କତାମୂଳକ କାର୍ଯ୍ୟ ଭାବେ ଗଛଡ଼ାଳ କଟା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ସ୍ଥାନ ଚିହ୍ନଟ କରି ସେଠାରେ ଆଗୁଆ ଭାବେ କର୍ମଚାରୀ ମୁତୟନ କରିବାକୁ ସେ କହିଥିଲେ । ଶକ୍ତି ବିଭାଗ ଦ୍ୱାରା ପୂର୍ବରୁ ବାତ୍ୟା ମୁକାବିଲା ନିମନ୍ତେ ପ୍ରସ୍ତୁତ ମାର୍ଗଦର୍ଶିକାକୁ ଅନୁସରଣ କରିବା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ମନ୍ତ୍ରୀ ତିନୋଟି ବିଦ୍ୟୁତ ବିତରଣ କମ୍ପାନୀ ମୁଖ୍ୟଙ୍କ ସହ ବ୍ୟକ୍ତିଗତ ଭାବେ ଏ ସଂକ୍ରାନ୍ତରେ ବାର୍ତାଳାପ କରି ବାତ୍ୟା ମୁକାବିଲା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶକ୍ତି ବିଭାଗ ତରଫରୁ କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ମାର୍ଗଦର୍ଶିକା ଅନୁପାଳନ କରିବାକୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିବା ବୈଠକରେ ପ୍ରକାଶ କରାଯାଇଥିଲା । ବାତ୍ୟାରେ ବିଶେଷ କିଛି ହେବାର ଆଶଙ୍କା ନଥିଲେ ହେଁ ଯଦି କୌଣସି ପ୍ରକାର କ୍ଷୟକ୍ଷତି ହୁଏ ତେବେ ବିଭାଗ ତରଫରୁ ତାକୁ ତତ୍‌କ୍ଷଣାତ୍ ମରାମତି କରାଯାଇ ସ୍ୱାଭାବିକ କରାଯିବ ବୋଲି କୁହାଯାଇଛି। ଏହି ବୈଠକରେ ଶକ୍ତି ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ, ଓପିଟିସିଏଲ୍ ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଂଜୟ ମିଶ୍ର, ଗ୍ରୀଡ୍‌କୋ ପ୍ରତିନିଧି ଗଗନ ସ୍ୱାଇଁ, ନିର୍ଦ୍ଦେଶକ (ପ୍ରକଳ୍ପ) ଉପେନ୍ଦ୍ର କୁମାର ପତି ଓ ଟିପିସିଓଡିଏଲ୍ ର ମୁଖ୍ୟ ନିର୍ବାହୀ ଅଧିକାରୀ ଏମ୍. ସେନ୍‌ବାଗମ୍ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ କରୋନା ସଂକ୍ରମଣ ଶହେ ତଳେ: ୧୦ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର ,୨୦/୧୦ (ନି.ପ୍ର): ଆଜି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ଶହେ ତଳେ ରହିଛି। ଗତକାଲି ୭୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୫୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୨୪ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୧୦ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୧୫ଟି ଜିଲ୍ଲାରୁ ୫୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି କଟକ ଜିଲ୍ଲାରୁ ସର୍ବାଧିକ ୧୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

# ବନ୍ୟା କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ଆର୍ଥିକ ସହାୟତା ପ୍ରଦାନ

ଭୁବନେଶ୍ୱର ,୨୦/୧୦ (ନି.ପ୍ର): ଚଳିତ ବର୍ଷ ବନ୍ୟା ଓ ଲଗାଣ ବର୍ଷାରେ ବିଭିନ୍ନ ଜିଲ୍ଲାର କ୍ଷତିଗ୍ରସ୍ତ ହୋଇଥିବା ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ଆର୍ଥିକ ସହାୟତା ରାଶି ବଂଟନ ନିମନ୍ତେ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ପ୍ରଦାନ କରାଯାଇଛି । ବନ୍ୟା ଓ ଲଗାଣ ବର୍ଷା ଯୋଗୁଁ ମାଛ ଜାଆଁଳ ଫାର୍ମର କ୍ଷତି ବାବଦକୁ ମୋଟ ୩୯ ଲକ୍ଷ ୬୫ ହଜାର ୬୯ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ବନ୍ୟାରେ ମତ୍ସ୍ୟ ପୋଖରୀରେ କ୍ଷତି ବାବଦକୁ ୩ ଲକ୍ଷ ୪୬ ହଜାର ୨୬୦ ଟଙ୍କା ମଂଜୁର କରାଯାଇଥିବାବେଳେ ବନ୍ୟାରେ କ୍ଷତିଗ୍ରସ୍ତ ମାଛଧରା ଡଙ୍ଗା ଓ ଜାଲ ବାବଦକୁ ୩୫ ଲକ୍ଷ ୮୬ ହଜାର ଟଙ୍କା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ । ବିଭିନ୍ନ ଜିଲ୍ଲାର କ୍ଷତିଗ୍ରସ୍ତ ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ଏହି ସହାୟତା ରାଶି ପ୍ରଦାନ କରାଯାଉଥିବାବେଳେ ଗତକାଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଠଗଡ଼ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଠଗଡ଼ ଓ ତିଗିରିଆ ବ୍ଲକ୍ ର କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀମାନଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟର ୧୪ଟି ଜିଲ୍ଲାରେ ବନ୍ୟା ଓ ଭୀଷଣ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ୬୭ଟି ମତ୍ସ୍ୟ ପୋଖରୀ, ୨୧୬୮ଟି କ୍ଷତିଗ୍ରସ୍ତ ମାଛ ଜାଆଁଳ ଫାର୍ମ ଏବଂ ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ୬୬ଟି ମାଛଧରା ଡଙ୍ଗା, ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ୨୨୮ଟି ମାଛଧରା ଡଙ୍ଗା, ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ୫୪୫ଟି ମାଛଧରା ଜାଲ ଏବଂ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ୨୮୬ଟି ମାଛଧରା ଜାଲ ବାବଦକୁ ଉପରୋକ୍ତ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି।

## ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ଗଠନ

ନୀଳଗିରି,୨୦/୧୦(ନି.ପ୍ର): ଶ୍ୟାମସୁନ୍ଦରପୁର ପଂଚାୟତ ପକ୍ଷରୁ ଆୟୋଜିତ ଗ୍ରାମ୍ୟ ଜଙ୍ଗଲ ଅଧିକାର ବିଷୟରେ ୩ନଂ. ୱାର୍ଡର କେନ୍ଦୁନାଳ ଠାରେ ଏକ ବୈଠକ ଆୟୋଜିତ ହୋଇଥିଲା । ୱାର୍ଡ ସଭ୍ୟା ଅମିତା ସିଂ ସଭାପତିତ୍ୱ କରିଥିବା ବେଳେ ଏକ କମିଟି ଗଠନ କରାଯାଇଅଛି । ଏହି ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟିରେ ଜଙ୍ଗଲ ଜମିରେ ପଟ୍ଟା, ଜଙ୍ଗଲର ସୁରକ୍ଷା ଓ ପଂଚାୟତର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉକ୍ତ କମିଟିର ଗୁରୁ ଦାୟିତ୍ୱ ବୋଲି ଆଲୋଚନା ହୋଇଥିଲା । ଏହି ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟିରେ ୧୫ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା । ଉକ୍ତ ବୈଠକରେ ବାଲେଶ୍ୱର ଡ.ଡବ୍ଲୁ.ଓ. ବିଶ୍ୱଦର୍ଶୀ ସାହୁ, ନୀଳଗିରି ଏ.ଡି.ଡବ୍ଲୁ. ରଂଜନ କୁମାର ଦାଶ, ଡବ୍ଲୁ.ଓ. ହେମାଙ୍ଗିନୀ ଅଗଷ୍ଡି, ରେଞ୍ଜନ ଅନନ୍ତ କୁମାର ଜେନା, ସରପଂଚ ପୁରସ୍ତମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଅବକାରୀ ବିଭାଗର ଚଢ଼ାଉ, ୯୫ଲିଟର ଦେଶୀ ମଦ ଜବତ, ୪ ଗିରଫ

ନୀଳଗିରି,୨୦/୧୦(ନି.ପ୍ର): ଅବକାରୀ ବିଭାଗ ଆଜି ବରହମପୁର ଥାନା ଅଧିନସ୍ଥ ଖଡ଼ିଚୁଆ ଓ ସ୍ୱୟମ୍ବରଡୁବା ଗ୍ରାମରେ ଚଢ଼ାଉ କରି ୯୫ଲିଟର ଦେଶୀ ମଦ ଜବତ୍ କରିଥିବା ବେଳେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି । କିସୁନ ମୁର୍ମୁ (୪୪), ସିଂଘ ମାରାଣ୍ଡି (୪୦), ଅନିନ୍ତା ମାରାଣ୍ଡି, (୩୯), ଆର୍ସି ସରେନ (୪୫) କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଏହି ଚଢ଼ାଉରେନୀଳଗିରି ଅବକାରୀ ଓ.ଆଇ.ସି. ବିଶ୍ୱନାଥ ପରିଡ଼ା, ପିଙ୍କି ମାରାଣ୍ଡି, ଦେବାଶିଷ ମଲିକ, ଜୟମାଧବ ଦାସପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ ।

## କୁପାରୀରେ ଡ୍ରାଇଭର ସଂଘ ସଦସ୍ୟଙ୍କ ଦଣ୍ଡବତ ଯାତ୍ରା

ଖଇରା,୨୦/୧୦(ନି.ପ୍ର): ଓଡିଶାରେ କାର୍ଯ୍ୟରତ ଡ୍ରାଇଭରଙ୍କ ଦାବୀ ପୁରଣ ପାଇଁ ସଂଘ ପ୍ରତିଷ୍ଠାତା ମାନେ ସମଲେଶ୍ୱରୀ ମନ୍ଦିରରୁ ନବୀନ ନିବାସ ପର୍ଯ୍ୟନ୍ତ ଦଣ୍ଡବତ ଯାତ୍ରା ଜାରି ରଖିଛନ୍ତି । ଉକ୍ତ ପ୍ରତିଷ୍ଠାତା ଙ୍କ ଲକ୍ଷ ପୁରଣ ପାଇଁ ଏବଂ ସମସ୍ତ ଡ୍ରାଇଭରଙ୍କ ମଙ୍ଗଳକାମନା କରି ଓଡିଶା ଡ୍ରାଇଭର ସଂଘ ଖଇରା ଶାଖା ର ସଦସ୍ୟ ମାନେ କୁପାରୀ ହନୁମାନ ମନ୍ଦିର ନିକଟରୁ ଦଣ୍ଡବତ ଯାତ୍ରା ଆରମ୍ଭ କରି ମା ଅମ୍ବିକା ପର୍ଯ୍ୟନ୍ତ ଦଣ୍ଡବତ ଯାତ୍ରା କରିଥିଲେ । ଏଡିମିନି ମାନସ ରଞ୍ଜନ ବିଶ୍ୱାଳ ଉପଦେଷ୍ଟା ସୁରେନ୍ଦ୍ର ଦାସ ଏହାର ନେତୃତ୍ୱ ନେଇଥିଲେ ।

## ବିନା ଅନୁମତି ଖୋଲିଥିବା ବାଣ ଦୋକାନ ଉପରେ ଚଢାଉ

ଭୁବନେଶ୍ୱର, ୨୦/୧୦(ନି.ପ୍ର): ବେଆଇନ ଭାବେ ବିନା ଅନୁମତିରେ ବାଣ ବିକ୍ରି ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଏକ ନମ୍ବର ହାଟରେ ଚଢାଉ କରିଛି । ଚଢାଉ ବେଳେ ଲକ୍ଷାଧିକ ଟଙ୍କାର ବାଣ ଜବତ କରାଯାଇଛି । ଏହି ମାମଲାରେ ଜଣେ ବ୍ୟବସାୟୀଙ୍କୁ ଅଟକ ରଖି କ୍ୟାପିଟାଲ ଥାନା ପୋଲିସ ପଚରାଉଚରା କରୁଥିବା ଜଣାପଡିଛି ।

# ଧାମନଗର ଉପନିର୍ବାଚନ : ଡ଼ାକ ଭୋଟ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ




ଭଦ୍ରକ, ୨୦/୧୦(ନି.ପ୍ର): ଧାମନଗର ଉପନିର୍ବାଚନ ମତଦାନ ପାଇଁ ବୁଥ୍‌କୁ ଯିବା ପାଇଁ ଅସମର୍ଥ ଥିବା ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଡ଼ାକ ଭୋଟ ବ୍ୟବସ୍ଥାରେ ମତଦାନ ସଂଗ୍ରହ ପାଇଁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଗତକାଲି ତା ୧୯-୧୦-୨୨ରିଖ ସନ୍ଧ୍ୟାରେ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ନିରଞ୍ଜନ କୁମାର, ଡ଼ାକ ଭୋଟ ଦାୟିତ୍ୱରେ ଥିବା ଉପଜିଲ୍ଲାପାଳ ମନୋଜ ପାତ୍ର, ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଉପଜିଲ୍ଲାପାଳ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ, ସହକାରୀ ଜିଲ୍ଲାପାଳ, ନିର୍ବାଚନ କସ୍ତୁରୀବାଳା ଜେନା ପ୍ରମୁଖ ଯୋଗ ଦେଇଥିଲେ । ଡ଼ାକ ଭୋଟ ବ୍ୟବସ୍ଥାରେ ମତଦାନ କରିବା ପାଇଁ ୧୨ ଡ଼ି. ଫର୍ମରେ ଆଗୁଆ ସ୍ୱୀକୃତି ଦେଇଥିବା ଭୋଟରମାନଙ୍କ ଘରକୁ ଯାଇ ପୋଲିଂ ଦଳ ମତଦାନ ସଂଗ୍ରହ କରିବା ପ୍ରକ୍ରିୟା ସମ୍ବନ୍ଧରେ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଅତିରିକ୍ତ ଉପଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇବା ସହିତ ପ୍ରତ୍ୟକ୍ଷ ଭାବେ ମତଦାନ ପ୍ରକ୍ରିୟା ପ୍ରଦର୍ଶନ କରାଯାଇଥିଲା । ସୂଚନାଯୋଗ୍ୟ କି ପ୍ରତି ପୋଲିଂ ଦଳରେ ଜଣେ ପ୍ରିଜାଇଡ଼ିଂ ଅଧିକାରୀ, ଜଣେ ପୋଲିଂ ଅଧିକାରୀ, ଜଣେ ମାଇକ୍ରୋ ଅବଜରଭର ଓ ଜଣେ ପୋଲିସ୍, ରହିବାର ବ୍ୟବସ୍ଥା ଅଛି, ସମସ୍ତ କାର୍ଯ୍ୟକ୍ରମର ଭିଡ଼ିଓଗ୍ରାଫି କରାଯିବ । ପୂର୍ବ ପ୍ରସ୍ତୁତିରେ ରୁଟ୍ ଚାର୍ଟ ଅନୁଯାୟୀ ବି.ଏଲ୍.ଓ. ମତଦାତାଙ୍କ ଘର ଦେଖାଇବେ । ସକାଳ ୮ଟାରୁ ଅପରାହ୍ନ ୪ଟା ମଧ୍ୟରେ ଏହି ଭୋଟ ଗ୍ରହଣ କରାଯିବ । ରାଜନୈତିକଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ତାଙ୍କ ଏଜେଣ୍ଟ ପଠାଇବା ପାଇଁ ଏହି ମତଦାନ ନେଇ ଦିନ, ସମୟ , ରୁଟଚାର୍ଟ ଆଦି ସମ୍ବନ୍ଧରେ ସେମାନଙ୍କୁ ଅବଗତ କରାଯିବ । ଅକ୍ଟୋବର ୨୨ ଓ ୨୩ ଦୁଇ ଦିନରେ ଏହି ଡ଼ାକ ଭୋଟ ବ୍ୟବସ୍ଥାରେ ମତଦାନ ସଂଗ୍ରହ କରାଯିବ । ଜଣେ ମତଦାତା ପ୍ରଥମ ଥର ଉପଲବ୍‌ଧ ନହେଲେ ଦ୍ୱିତୀୟ ଦିନରେ ଆଉ ଥରେ ସୁଯୋଗ ଦିଆଯିବ । ଏହି ଡ଼ାକ ଭୋଟ ବ୍ୟବସ୍ଥାରେ ମତଦାତା ଇଭିଏମ୍ ନୁହେଁ ବାଲାଟ୍ ପେପରରେ ମୋହର ନୁହେଁ କଲମ ଦ୍ୱାରା ନିଜ ପସନ୍ଦର ପ୍ରାର୍ଥୀଙ୍କ ଚିହ୍ନରେ ଚିହ୍ନ ଦେଇ ମତଦାନ କରିବେ । ଏଥିପାଇଁ ମତଦାତାଙ୍କ ଘର ଭିତରେ ଭୋଟିଂ କମ୍ପାଟ୍‌ମେଣ୍ଟ ପ୍ରସ୍ତୁତ କରାଯିବ । ଏହି ମତଦାନ ସଂଗ୍ରହ ପାଇଁ ୨୨ ତାରିଖ ସକାଳ ୭ଟାରେ ପୋଲିଂ ଦଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଭୋଟ ବାକ୍ସ ଓ ଅନ୍ୟାନ୍ୟ ଉପକରଣ ନେଇ ବାହାରିବେ । ପ୍ରତିଦିନ ଭୋଟ ସଂଗ୍ରହ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଫେରିବେ ଓ ଟ୍ରେଜେରୀରେ ଭୋଟ ସବୁ ଗଚ୍ଛିତ ରହିବ । ଧାମନଗର ଉପନିର୍ବାଚନ ପାଇଁ ୫୦୫ ଜଣ ଭୋଟର ଏହି ବ୍ୟବସ୍ଥାରେ ଡ଼ାକଭୋଟ ଦେବା ପାଇଁ ଆଗୁଆ ସ୍ୱୀକୃତି ପ୍ରଦାନ କରିଛନ୍ତି ।

# ପୁଅ ଭୁଲିଗଲା ମାନବିକତା : ବୃଦ୍ଧ ବାପାକୁ ପାଇଖାନା ନିର୍ମାଣ ମନା

ନୀଳଗିରି,୨୦/୧୦(ନି.ପ୍ର): ବାପା ମାଆ ପୁଅଟିଏ ଜନ୍ମ ଦେଇଥାନ୍ତି ବୃଦ୍ଧ କାଳରେ କୁଆଡ଼େ ବାପା ମାଆଙ୍କର ସେବାଯତ୍ନ କରିବ । ହେଲେ ସେହି ପୁଅ ଯେ ଦିନେ ବୃଦ୍ଧା ବାପାମାଆଙ୍କୁ ପିଟାମରା କରିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲୋଜ କରୁଥିବା ନେଇ ଅଭିଯୋଗ ହୋଇଛି । ଏପରିକି ବୃଦ୍ଧା ଅବସ୍ଥାରେ ଝାଡ଼ା ପରିସ୍ରା ପାଇଁ ଅନ୍ୟତ୍ର ଯାଇ ପାରୁ ନ ଥିବା ବେଳେ ନିଜ ଜାଗାରେ ପାଇଖାନା ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରୁଥିବା ବେଳେ ତାଙ୍କର ଏକମାତ୍ର ପୁତ୍ର ବୁଢ଼ା ବାପା ମାଆ ଖୋଳୁଥିବା ପାଇଖାନା ଟାଙ୍କିକୁବାରମ୍ବାର ପୋତି ଦେଉଛି । ଯଦି ଏଠାରେ ପାଇଖାନା କରୁ ତେବେ ଭଲ କଥା ହେବନାହିଁ କହି ଧମକଦେବା ଘଟଣାରେ ବୃଦ୍ଧବାପା ମାଆ ନିରୁପାୟ ହୋଇ ଶେଷରେ ନୀଳଗିରି ଉପଜିଲ୍ଲାପାଳଙ୍କ ଠାରେ ଘଟଣା ବାବଦରେ ଲିଖିତ ଭାବେ ଜଣାଇଛନ୍ତି । ପ୍ରାପ୍ତ ସୂଚନାଅନୁସାରେ ନୀଳଗିରି ଏନ.ଏ.ସି.ର ୧୩ନଂ. ୱାର୍ଡ ଗୋପିନାଥପୁର ଗ୍ରାମର ଉପେନ୍ଦ୍ର ପ୍ରଧାନ (୮୬) ତାଙ୍କ ସ୍ତ୍ରୀ ସୁବାସିନୀପ୍ରଧାନ ବୃଦ୍ଧାବସ୍ଥାରେ ଦୁଇ ଜଣ ପାଉଥିବା ଭତା ଟଙ୍କା ଓ ମିଳୁଥିବା ରେସନ ସାମଗ୍ରୀ ହିଁ ସାହା ଭରସା । ବହୁ କଷ୍ଟରେ ବୁଢ଼ାବୁଢ଼ୀଜୀବନ ଅତିବାହିତ କରୁଥିବା ବେଳେ ଏକ ମାତ୍ର ପୁଅ ଗୌରାଙ୍ଗ ଚନ୍ଦ୍ର ପ୍ରଧାନ ବୁଢ଼ା ବାପାମାଆଙ୍କୁହଇରାଣ ହରକତ କରୁଥିବା ବେଳେ କୌଣସି କଥା ବୁଝୁନାହିଁ । ବୃଦ୍ଧାବାପା ନିଜ ଅର୍ଜିତ ଜାଗାରେ ଏକପାଇଖାନା ନିର୍ମାଣ କରୁଥିବା ବେଳେ ବାରମ୍ବାର ପୁଅ ଗୌରାଙ୍ଗ ପିଟାମରା କରିବା ସହ ଗାଳିଗୁଲୋଜ କରି ପାଇଖାନା ନିର୍ମାଣକୁ ବନ୍ଦ କରିଦେଇଅଛି । ଶେଷରେ ପୁଅର ଅତ୍ୟାଚାର ସହି ନ ପାରି ବୁଢ଼ାବୁଢ଼ି ୨ଜଣ ନୀଳଗିରି ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତ । ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ ବୁଢ଼ାବୁଢ଼ୀଙ୍କୁ କେତେଦୂର ସାହାଯ୍ୟ କରି ନିଜର ମଣିଷ ପଣିଆ ଜାହିର କରିବେ ଦେଖିବାକୁ ବାକି ରହିଲା ।

## ପରିବର୍ତ୍ତିତ +୩ ପରୀକ୍ଷା ପ୍ରଶ୍ନପତ୍ର ଓ ମୂଲ୍ୟାଙ୍କନକୁ ନେଇ ବଢୁଛି ଛାତ୍ର ଅଶାନ୍ତି

ବାଲେଶ୍ୱର,୨୦/୧୦(ନି.ପ୍ର): ଯୁକ୍ତତିନି ସେମିଷ୍ଟାର ପରୀକ୍ଷାରେ ପ୍ରଶ୍ନ ଢାଞ୍ଚା ଓ ପରୀକ୍ଷା ଖାତା ମୂଲ୍ୟାଙ୍କନ ପଦ୍ଧତିକୁ ନେଇ ଏବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ଛାତ୍ର ଅଶାନ୍ତି ଲକ୍ଷ୍ୟ କରାଯାଇଛି । ସିଲବସ ଅନୁସାରେ ପରୀକ୍ଷାରେ ୧ନମ୍ବରିଆ ଓ ୨ ନମ୍ବରିଆ ପ୍ରଶ୍ନପତ୍ର ଆସିବା କଥା । ମାତ୍ର ଯୁକ୍ତତିନି ତୃତୀୟ ବର୍ଷ କଳା ଏବଂ ବିଜ୍ଞାନ ସେମିଷ୍ଟାର ପରୀକ୍ଷାରେ ଦୀର୍ଘ ଉତ୍ତର ଭିତ୍ତିକ ପ୍ରଶ୍ନ ପଡ଼ିବା ଦେଖି ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ସେତେବେଳେ ତୀବ୍ର ଅସନ୍ତୋଷ ପ୍ରକାଶ ସହ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏମିତିକି ଏନେଇ ଗ୍ରେସ ମାର୍କ ପ୍ରଦାନ କରାଯିବ ବୋଲି କଲେଜ କର୍ତ୍ତୃପକ୍ଷ ସେତେବେଳେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ମାତ୍ର ମୂଲ୍ୟାଙ୍କନ ବେଳେ ସେଥିପ୍ରତି ଦୃଷ୍ଟି ଦିଆଯାଇ ନଥିବା ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି । ଫଳରେ ବହୁ ଛାତ୍ରଛାତ୍ରୀ ଫେଲ ମଧ୍ୟ ହୋଇଛନ୍ତି । ଏହାକୁ ନେଇ ଦୁଇ ଜିଲାର ବିଭିନ୍ନ କଲେଜ ଛାତ୍ରଛାତ୍ରୀମାନେ ବିକ୍ଷୋଭ ମଧ୍ୟ କରୁଛନ୍ତି । ଏହି ପରିପ୍ରେକ୍ଷୀରେ କୁନ୍ତଳା କୁମାରୀ ସାବତ ମହିଳା ଡିଗ୍ରୀ କଲେଜ ଛାତ୍ରୀମାନେ ଗତକାଲି ତୀବ୍ର ଆନ୍ଦୋଳନକୁ ଓହ୍ଲାଇଥିଲେ । କଲେଜର ମୁଖ୍ୟ ଫାଟକ ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣା ଦେବା ଫଳରେ ସେଠାରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଇଥିଲା ।

# ଶିଶୁ ମହୋତ୍ସବ ସୁରଭି ୨୦୨୨ ଅନୁଷ୍ଠିତ



ବସ୍ତା,୨୦/୧୦(ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ଗଡ଼ପଦା ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ଶିଶୁ ମହୋତ୍ସବ ସୁରଭି -୨୦୨୨ ଆଜି ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ସମିତି ସଭାପତି ଅକ୍ଷୟ କୁମାର ମହାପାତ୍ର ଉଦଘାଟନୀ ଉତ୍ସବ ରେ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଏବିଇଓ ବାସନ୍ତୀ ପୃଷ୍ଟି ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିବା ସହ ସୁରଭି ମାଧମରେ ପିଲାମାନଙ୍କର ପ୍ରତିଭା ର ବିକାଶ ଘଟିଥାଏ ବୋଲି କହିଥିଲେ । ସାଧନ କେନ୍ଦ୍ର ସଂଯୋଜକ ଅନିଲ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ବାରାପାଳ ରାଧାକୃଷ୍ଣ ୟୁପି ସ୍କୁଲରେ ଆୟୋଜିତ ଏହି ଉତ୍ସବରେ କ୍ଲଷ୍ଟର ଅନ୍ତର୍ଗତ ୧୪ ଟି ବିଦ୍ୟାଳୟ ର ଛାତ୍ରୀ ଛାତ୍ର ବିଭିନ୍ନ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ । ପୁରସ୍କାର ବିତରଣ ଉତ୍ସବ ରେ ମୁଖ୍ୟ ବକ୍ତା ପ୍ରାକ୍ତନ ଏବିଇଓ ଧନଞ୍ଜୟ ବେହେରା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜୟକୃଷ୍ଣ ଗିରି, ପ୍ରାକ୍ତନ ବ୍ୟାଙ୍କ ମ୍ୟାନେଜର ଯୋଗେଶ୍ୱର ମହାପାତ୍ର, ପ୍ରେସକ୍ଲବ ସଭାପତି ବାଞ୍ଛାନିଧି ଦେ, ପ୍ରାକ୍ତନ ସରପଞ୍ଚ ମାୟାଧର ମଣି, ପ୍ରଧାନଶିକ୍ଷକ ଗିରିଜା ଶଙ୍କର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଚିତ୍ରରେଖା ନାୟକ, ଏସଏମସି ପ୍ରେସିଡେଣ୍ଟ ଭାଗିରଥି ନାୟକ ପ୍ରମୁଖ ମଞ୍ଚାସିନ ଥିଲେ । ପ୍ରଧାନ ଶିକ୍ଷକ ପଞ୍ଚୁପାଣ୍ଡବ ଧଳ ମଞ୍ଚ ସଂଯୋଜନା କରିଥିଲେ । ଶିକ୍ଷକ ଭବାନୀ ଶଙ୍କର ଭୋଇ, ଚନ୍ଦ୍ରମୋହନ ସାହୁ, ରାମହରି ବେହେରା, କାଳିଚରଣ ଯେନା, ଜଗନ୍ନାଥ ବେହେରା, ତପସ୍ୱୀ ମହାପାତ୍ର, ଦମୟନ୍ତୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ର କଣ୍ଠଶିଳ୍ପୀ ଦୀପ୍ତରାଗ ଦେ ସ୍ୱାଗତ ସଂଗୀତ ଗାନ ଓ ଛାତ୍ରୀ ଭୂମିକା ଦାସ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ ।

# ବେକାରିଙ୍କୁ ରୋଜଗାର, ଗରିବଙ୍କୁ ପୋଷାକ ଓ ଉପାନ୍ତ ପାଇଁ ବାଇକ ଆମ୍ବୁଲାନ୍ସ ସେବା ଯୋଗାଇଦେବ ରୋଟାରୀ କ୍ଲବ




ଉଦଳା,୨୦/୧୦(ନି.ପ୍ର): କେହି ଜଣେ ହେଲେ ବ୍ୟକ୍ତି ଭୋକିଲା ରହିବେ ନାହିଁ, କି କେହି ନିଜକୁ ଗରିବ ବୋଲି ପରିଚୟ ଦେବେ ନାହିଁ, ସମସ୍ତେ ସ୍ୱାଭିମାନର ସହ ବେଶ ହସ ଖୁସିରେ ଦିନ ବିତାଇବେ, ଏହିଭଳି ଏକ ସହରରେ ପରିଣତ ହେବାକୁ ଯାଉଛି 'ଉଦଳା' । ଏହାର ବ୍ଲୁ ପ୍ରିଣ୍ଟ ସରିଜାଇଛି । କେବଳ ବାସ୍ତବ ଚିତ୍ର ଦେଖିବାକୁ ବାକି ରହିଛି ବୋଲି ଉଦଳା ରୋଟାରୀ କ୍ଲବର ସଭାପତି ହରେନ କୁମାର ପଟ୍ଟନାୟକ ଜଣାଇଛନ୍ତି । ବେକାରିଙ୍କୁ ରୋଜଗାରକ୍ଷମ କରିବା ପାଇଁ କ୍ଲବ ତରଫରୁ ଆରମ୍ଭ କରାଯାଇଛି 'ଛତୁ ଚାଷ' । ଏଥିପାଇଁ ପ୍ରଶିକ୍ଷଣ ଠାରୁ ଆରମ୍ଭ କରି ଛତୁ ମଞ୍ଜି ପର୍ଯ୍ୟନ୍ତ ସବୁ କିଛି କ୍ଲବ ତରଫରୁ ଯୋଗାଇ ଦିଆଯିବ । ଏହି ଚାଷ କରି ବେଶ ଦୁଇ ପଇସା ରୋଜଗାର କରିବାର କ୍ଷେତ୍ର ପ୍ରସ୍ତୁତ କରାଯାଇଛି ବୋଲି କ୍ଲବ ତରଫରୁ କୁହାଯାଇଛି । ସେହିପରି ଅନେକ ଲୋକ ଅଛନ୍ତି ଯେଉଁ ମାନେ ପୁରୁଣା ଲୁଗା ଫୋପାଡ଼ି ଦେଉଛନ୍ତି । ଆଉକିଛି ବେଳଶକ ଅଛନ୍ତି ପିନ୍ଧିବାକୁ ଲୁଗାଟିଏ ପାଉ ନାହାଁନ୍ତି । ଏଥିପାଇଁ କ୍ଲବ ତରଫରୁ ଆରମ୍ଭ କରାଯାଇଛି ଅଭିନବ ପ୍ରୟାସ । ଫୋପାଡ଼ି ଦିଆଯାଉଥିବା ଲୁଗାକୁ ସଂଗ୍ରହ କରି, ତାକୁ ବିଶୋଧନ କରାଯିବ ଓ ମରାମତି ଦରକାର ଥିଲେ ମରାମତି ମଧ କରାଯିବ । ଏହି ସବୁ ଲୁଗାକୁ ପିନ୍ଧିବାକୁ ପାଉନଥିବା ଲୋକଙ୍କୁ ମାଗଣା ବଣ୍ଟନ କରାଯିବ । ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ଇନରହ୍ୱିଲ କ୍ଲବକୁ ଦିଆଯାଇଥିବାର ଜଣାଯାଇଛି । ଯେଉଁମାନେ ଏଠାକୁ ଲୁଗାଠାରୁ ଆରମ୍ଭ କରି ଶିତବସ୍ତ୍ର ପର୍ଯ୍ୟନ୍ତ ଦାନ ଦେବାକୁ ଚାହାଁନ୍ତି ସେମାନେ ଇନରହ୍ୱିଲର ସଭାପତି ଜୟନ୍ତି ପଟ୍ଟନାୟକଙ୍କ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି । ସେହିପରି ମୟୂରଭଞ୍ଜର ଏପରି ଉପାନ୍ତ ଅଞ୍ଚଳ ଅଛି ଯେଉଁଠାରେ ସରକାର ଯୋଗାଇ ଦେଇଥିବା ୧୦୮ ଆମ୍ବୁଲାନ୍ସ ଗାଡ଼ି ପହଞ୍ଚିପାରୁ ନାହିଁ । ସେହିସବୁ ଅଞ୍ଚଳ ପାଇଁ କ୍ଲବ ଯୋଗାଇଦେବ "ବାଇକ ଆମ୍ବୁଲାନ୍ସ ସେବା" ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଲ୍ୟାବରେ ତିଆରି ହେଲା....

ଉହାନ ଲ୍ୟାବରୁ କରୋନା ଭାଇରାସ ଲିକ୍ ହୋଇଥିବା ଖବର ସମସ୍ତଙ୍କ ପାଖରେ ପହଞ୍ଚିଥିଲା । ଏହି ଭାଇରସ ଯୋଗୁ ସାରା ବିଶ୍ୱ ଦୋହଲି ଯାଇଥିଲା । ଏବେ ବୋଷ୍ଟନ ବିଶ୍ୱବିଦ୍ୟାଳୟ ଲ୍ୟାବରେ ତିଆରି ହୋଇଥିବା କୃତ୍ରିମ କରୋନା ଭାଇରାସ ଯଦି ଲିକ୍ ହୁଏ, ତା'ହେଲେ ସାରା ବିଶ୍ୱରେ ପୁଣି ହାହାକାର ପରିସ୍ଥିତି ସୃଷ୍ଟି ହେବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି । ବିଶ୍ୱବ୍ୟାପୀ ଏଭଳି ଆତଙ୍କ ପ୍ରକାଶ ପାଇବା ପରେ ଆମେରିକା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଦନ୍ତ ଆରମ୍ଭ କରିଛି । ସେହିପରି ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ହେଲ୍ଥ (ଏନଆଇଏଚ୍ ?) ମଧ ଛାନିଭିନ କରୁଛି । ମିଳିଥିବା ସୂଚନା ଅନୁସାରେ,ଏହି କୃତ୍ରିମ କରୋନା ଭାଇରସ୍ ପ୍ରସ୍ତୁତି ସମୟରେ ଚାଇନାର ଉହାନ ଲ୍ୟାବରୁ ଲିକ୍ ହୋଇଥିବା କୋଭିଡ୍-୧୯ର ଓମିକ୍ରନ ଭାରିଆଣ୍ଟ ସହ ମେଳ କରାଯାଇଥିଲା । ପରୀକ୍ଷାରୁ ଜଣାପଡ଼ିଛି ଯେ କୃତ୍ରିମ ଭାଇରସ୍ ଉକ୍ତ ଭାରିଆଣ୍ଟ ଠାରୁ ଆହୁରି ଘାତକ । ସେହିପରି କିଛି ମୂଷାଙ୍କ ଦେହରେ ମଧ ଏହି ଆ ?ଟିଫିଆଲ ଭାଇରସର ପରୀକ୍ଷଣ କରାଯାଇଥିଲା । ପରୀକ୍ଷାରେ ସାମିଲ ଥିବା ୮୦% ମୂଷା ଭାଇରସ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି । ତେବେ ଏହା କୋଭିଡ୍-୧୯ର ଅସଲି ଷ୍ଟେନ୍ ଭଳି ବ୍ୟାପୁଛି ନା ନାହିଁ, ତା' ଉପରେ ବୈଜ୍ଞାନିକମାନେ ଏଯାଏ ପରୀକ୍ଷଣ କରି ନାହାନ୍ତି । ଏନଆଇଏଚ୍ କହିଛି ଯେ କୃତ୍ରିମ ଭାଇରସ ରିସର୍ଚ୍ଚ ପାଇଁ ଆମେରିକା ସରକାରଙ୍କ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଇଥିଲା । ହେଲେ ଏହାର ସମୀକ୍ଷା ସରକାର କରିନାହାନ୍ତି । ବୋଷ୍ଟନ ୟୁନିଭର୍ସିଟି ପକ୍ଷରୁ କୁହାଯାଇଛି, ବୈଜ୍ଞାନିକଙ୍କୁ ନେଇ ଗଠିତ ଇନଷ୍ଟିଚ୍ୟୁସନାଲ ବାଓସେଫ୍ଟୀ କମିଟି ଏହି ରିସର୍ଚ୍ଚର ସମୀକ୍ଷା କରିବା ସହ ମଞ୍ଜୁରୀ ଦେଇଛି ।

## ୨୨ରେ ରୋଜଗାର ମେଳା ଶୁଭାରମ୍ଭ ....

(ସିଜିଏ); ଷ୍ଟାଫ୍ ଆଣ୍ଡ ୱେଲଫେୟାର ଇନ୍ସପେକ୍ଟର (ଏସ ଆଣ୍ଡ ଡବ୍ଲୁଆଇ), କନିଷ୍ଠ କିରାଣୀ,ବରିଷ୍ଠ କିରାଣୀ, ମୁଖ୍ୟ ଆଇନ ସହାୟକ ପଦବୀରେ ଜଣେ ଲେଖା; ଜୁନିଅର ହିନ୍ଦୀ ଅନୁବାଦକ, ଜୁନିଅର ଷ୍ଟେନୋଗ୍ରାଫର, କ୍ରୀଡ଼ା ଏବଂ ପାରା ମେଡିକାଲ ଷ୍ଟାଫ୍ ପଦବୀରେ ପ୍ରତ୍ୟକ ଛ ଟି ଲେଖା; ୨୪ ଜୁନିୟର ଇଞ୍ଜିନିୟର; ୪୧ ଟେକ୍ନିସିଆନ୍ ଏବଂ ୯୪ ଟି ଲେଭେଲ - ୧ ପଦବୀ ଗୁଡିକ ଅନ୍ତର୍ଭୁକ୍ତ । କଟକ ସହର ସ୍ଥିତ ନନ୍ଦିସହି ଅନ୍ତର୍ଗତ କଟକ ମ୍ୟୁନିସିପାଲିଟି କର୍ପୋରେସନ୍ କାର୍ଯ୍ୟାଳୟ ନିକଟରେ ଥିବା ସହିଦ ଭବନ ଠାରେ ଅନୁଷ୍ଠିତ ହେବାକୁ ଥିବା ରୋଜଗାର ମେଳା କାର୍ଯ୍ୟକ୍ରମରେ ନିଯୁକ୍ତି ପାଇବାକୁଥିବା ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବ ଯେଉଁଠାରେ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀ ଠାରୁ ଏବଂ ରେଳ ମନ୍ତ୍ରୀ ଗୁଜୁରାଟରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦାନ କରିବେ । ଭାରତ ସରକାରଙ୍କ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳ ଶକ୍ତି ରାଜ୍ୟ ମନ୍ତ୍ରୀ ବିଶେଶ୍ୱର ଟୁଡୁ କଟକ ଠାରେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବେ । ଏହା ବ୍ୟତୀତ, ଅନ୍ୟାନ୍ୟ କେନ୍ଦ୍ର ସରକାରୀ ପ୍ରତିଷ୍ଠାନ ମଧ ଏହି କାର୍ଯ୍ୟରେ ଯୋଗଦେବେ ଯେଉଁଥିରେ ନିଯୁକ୍ତି ଅଭିଯାନରେ ବିଭିନ୍ନ ପଦବୀ ପାଇଁ ମନୋନୀତ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବ ।

## ଓଡିଶା ଛୁଇଁବନି ସମ୍ଭାବିତ....

କରି ଉତର ଆଡ଼କୁ ମୋଡ଼ ବଦଳାଇବ ଏବଂ ଏକ ଘୂର୍ଣ୍ଣିବାତ୍ୟାରେ ପରିଣତ ହେବ । ଏହା ପରେ ଉତର-ଉତର ପୂର୍ବ ଦିଗ ଆଡ଼କୁ ଗତି କରିବ । ଏବେଠୁ ଏହାର ତୀବ୍ରତା ଜଣାପଡ଼ିନି । ଡିପ୍ରେସନରେ ପରିଣତ ହେଲେ ଏହାର ରୂପରେଖ ଅଧିକ ସ୍ପଷ୍ଟ ହେବ । ଏହା ପ୍ରଭାବରେ ଓଡ଼ିଶାର ଉପକୂଳବର୍ତୀ ଜିଲ୍ଲାରେ ୨୪ ଓ ୨୫ରେ ବର୍ଷା ହେବ । ବାତ୍ୟା ପ୍ରଭାବରେ ୨୧ ପାଖରୁ ଦକ୍ଷିଣ ଓ କେନ୍ଦ୍ରୀୟ ବଙ୍ଗୋପସାଗର ଅଶାନ୍ତ ରହିବ । ତେଣୁ ଏହି ସମୟରେ ମତ୍ସ୍ୟଜୀବୀ ସମୁଦ୍ରକୁ ଯିବା ଉଚିତ ନୁହେଁ । ଯେଉଁମାନେ ଯାଇଛନ୍ତି କୂଳକୁ ଫେରି ଆସିବା ଉଚିତ । ଓଡ଼ିଶା ଉପକୂଳ ନିକଟରେ ୨୩ ବେଳକୁ ସମୁଦ୍ର ଅଶାନ୍ତ ରହିବ । ପବନର ବେଗ ବଢ଼ି ଧୀରେ ଧୀରେ ୪୦-୫୦ କିମି ବେଗରେ ପବନ ବହିବ ବୋଲି କହିଛନ୍ତି ଆଇଏମଡି ଡିଜି ।

## ୧୪.୭୦ କୋଟି ଟଙ୍କାର....

ପ୍ରକ୍ରିୟାକରଣ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବେ । ସେହିପରି ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲ୍ଲାର ଡେବ୍ରିଗଡ଼ ଅଭୟାରଣ୍ୟ ସନ୍ନିକଟ ବାରବଖରା ଜଳପ୍ରପାତ ଓ ଗୁମ୍ଫା ନିକଟରେ ଇକୋ ପର୍ଯ୍ୟଟନ ସ୍ଥଳୀର ବିକାଶ, ବରଗଡ଼ ସହରରେ ଏକ ପାଂଚଶହ ଆସନବିଶିଷ୍ଟ ପ୍ରେକ୍ଷାଳୟ, ପଦ୍ମପୁରଠାରେ ବଡ଼ବନ୍ଧର ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ, ବରଗଡ଼ ସହରର ବିକାଶ ବିଦ୍ୟାଳୟଠାରୁ ହଳଦୀପାଲି ଛକ ପର୍ଯ୍ୟନ୍ତ ସିମେଂଟ କଂକ୍ରିଟ ଡ୍ରେନ୍, ବଲାଙ୍ଗିର ସହରରେ ଏକ ପାଂଚଶହ ଆସନବିଶିଷ୍ଟ ପ୍ରେକ୍ଷାଳୟ, ବୌଦ୍ଧ ଜିଲ୍ଲା ବୀରନରସିଂହପୁରଠାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଇକୋ ପାର୍କ, କଳାହାଣ୍ଡି ଜିଲ୍ଲାର ବିଶ୍ୱନାଥପୁରଠାରେ କଲ୍ୟାଣ ମଣ୍ଡପ, ସମ୍ବଲପୁର ଜିଲ୍ଲାର କୁଚିଣ୍ଡାଠାରେ ମୁକୁଣ୍ଡି ଷ୍ଟାଡୟିମ୍ ର ଉନ୍ନତିକରଣ ଓ ସୁବର୍ଣ୍ଣପୁର ଜିଲ୍ଲାର ସୋନପୁରଠାରେ ହସ୍ତତନ୍ତ ମଲ୍ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିବେ ।

# କିଶୋରୀ ବାଳିକାମାନଙ୍କ ଜୀବନ ବୃତ୍ତି ପରାମର୍ଶ ତଥା ପ୍ରୋତ୍ସାହନ କର୍ମଶାଳା

ଖୋର୍ଦ୍ଧା,୨୦/୧୦(ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସମଗ୍ର ଶିକ୍ଷାର ମିଳିତ ଆନୁକୂଲ୍ୟରେ ଜୟୀ ରାଜଗୁରୁ ଟାଉନହଲ, ଖୋରଧାଠାରେ "କିଶୋରୀ ବାଳିକାମାନଙ୍କ ଜୀବନ ବୃତ୍ତି ପରାମର୍ଶ ତଥା ପ୍ରୋତ୍ସାହନ କର୍ମଶାଳା'' ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ , ଖୋରଧା କେ. ସୁଦର୍ଶନ ଚକ୍ରବର୍ତ୍ତୀ ଭା.ପ୍ର.ସେ.ଙ୍କ ଉପସ୍ଥିତିରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମସଭାରେ ମଧୁସ୍ମିତା ସାହୁ,(ଭା.ପ୍ର.ସେ) ଯୁଗ୍ମ ସମ୍ପାଦକ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ, ଓଡ଼ିଶା ସରକାର, ଶ୍ରୀମତୀ ଅନୁପମା ଜେଏମ୍‌ସ ,ଆଇ.ପି.ଏସ୍ ଆରକ୍ଷୀ ଅଧିକ୍ଷକ, ଓଡ଼ିଶା ଶ୍ରୀମତୀ ରୁପ୍ ମପି .ଆଇ.ଏଫ୍.ଏସ୍ ଉପଖଣ୍ଡ ବନ ଅଧିକାରୀ, ଖୋର୍ଦ୍ଧା ଡ଼. ସଂଘମିତ୍ରା ପତି, ନିର୍ଦ୍ଦେଶିକା ଆର.ଏସ୍.ଆର.ସି. ଭୁବନେଶ୍ୱର, ଡ଼. ମଞ୍ଜୁସା ଦୀକ୍ଷିତ, ଆସୋସିଏଟ୍ ପ୍ରଫେସର୍ ନାଇଜର୍, ଜଟଣୀ , ଶ୍ରୀମତୀ ଆବାହ ମିଶ୍ର ରାଜ୍ୟ ମୁଖ୍ୟ ୟୁ.ଏନ୍.ଡ଼ି.ପି. ଅଲମ୍ପିୟାନ୍ ଶ୍ରୀମତୀ ଅନୁରାଧା ବିଶ୍ୱାଳ ପ୍ରମୁଖ ଅତିଥିବୃନ୍ଦ କାର୍ଯ୍ୟକ୍ରମରେ ଯୋଗଦାନ କରି ବାଳିକାମାନଙ୍କର ଜୀବନ ବୃତ୍ତି ଓ ପ୍ରୋତ୍ସାହନ ଉପରେ ଗଠନ ମୂଳକ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ମଧ୍ୟରେ ଅତିଥିବୃନ୍ଦ ଛାତ୍ରଛାତ୍ରୀଙ୍କ ମନରେ ଉଙ୍କି ଉଠିଥିବା ବିଭିନ୍ନ ଜୀବନର ବୃତ୍ତି ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକର ସମାଧାନ ଆଲୋଚନା ମାଧ୍ୟମରେ ଦୂରୀଭୂତ କରିଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ବାଣୀଶ୍ରୀ ପଟ୍ଟନାୟକ. ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୋର୍ଦ୍ଧା ମିଳିତ ଭାବେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଓ ନିକଟସ୍ଥ ଉଚ୍ଚ ବିଦ୍ୟାଳୟର ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଖୋର୍ଦ୍ଧା ସଂଧ୍ୟାରାଣୀ ରାଉତ ଓ ସି.ଆର.ସି.ସି ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ କ୍ରୀଡ଼ା ଶିକ୍ଷକମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ସଭା ଶେଷରେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂହ ଧନ୍ୟବାଦ ଦେଇଥିଲେ ।

# ସ୍ୱର୍ଗତ ବିଧାୟକ ବିଷ୍ଣୁସେଠୀଙ୍କର ମୃତ୍ୟୁକୁ ଏକମାସ ବିତିବା ଅବସରରେ ସ୍ୱାଭିମାନ ପାଇଁ ସଂକଳ୍ପ ସଭା




ଭଦ୍ରକ,୨୦/୧୦(ନି.ପ୍ର): ଭଦ୍ରକଧାମନଗର, ସ୍ୱର୍ଗତ ବିଧାୟକ ବିଷ୍ଣୁସେଠୀଙ୍କର ମୃତ୍ୟୁକୁ ଏକମାସ ବିତିବା ଅବସରରେ ଧାମନଗର ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତ ସହିତ ଧାମନଗର ବିଜ୍ଞାପିତ ଅଞ୍ଚଳରେ ଭାଜପା ଆୟୋଜନ କରିଛି ସ୍ୱାଭିମାନ ପାଇଁ ସଂକଳ୍ପ ସଭା । ଏହି ଅବସରରେ ଆଜି ସନ୍ଧ୍ୟାରେ ଧାମନଗର ବିଜ୍ଞାପିତ ଅଞ୍ଚଳ ଅଧିନ ବିଜୁ ପଟ୍ଟନାୟକ ଛକ ଠାରେ ଆୟୋଜନ କରାଯାଇଥିବା 'ସ୍ୱାଭିମାନ ପାଇଁ ସଂକଳ୍ପ' ସଭାରେ ମୁଖ୍ୟ ଅତିଥି ଭାବେ ବିରୋଧି ଦଳ ନେତା ଜୟନାରାୟଣ ମିଶ୍ର, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲୀ, ବରିଷ୍ଠ ନେତା ଗୌତମ ରାଏ, ଜିଲ୍ଲା ସଭାପତି ହେମନ୍ତ ପାଢ଼ୀ, ପୂର୍ବତନ ଜିଲ୍ଲା ପରିଷଦ ମନୋଜ କୁମାର ମଲ୍ଲିକ, ବରିଷ୍ଠ ନେତା ଜଗନ୍ନାଥ ଦାଶ, ମଣ୍ଡଳ ସଭାପତି କୈଳାଶ ମହାପାତ୍ର, ବରିଷ୍ଠ ନେତା ତଥା ସହରାଞ୍ଚଳ ପ୍ରଭାରୀ ଜଗନ୍ନାଥ ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ପୂର୍ବତନ ଜିଲ୍ଲା ପରିଷଦ ଶରତ ମହାନ୍ତି ସଭାପତିତ୍ୱ କରିଥିଲେ । ସେହିପରି ଦଇପୁର,ଛଡାକୁଟି, ନଦୀଗାଁ ଆଦି ବିଭିନ୍ନ ପଞ୍ଚାୟତ ରେ ଏହି ସଂକଳ୍ପ ସଭା ଅନୁଷ୍ଠିତ ହୋଇଥିଲା ।ବୁଧବାର ଅପରାହ୍ନ ଦଇପୁର ପଞ୍ଚାୟତ ଅଧିନ ଗୁଣ୍ଡିଚା ମନ୍ଦିର ଠାରେ ଆୟୋଜନ କରାଯାଇଥିବା ଉକ୍ତ ସଭାରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ମୟୁରଭଞ୍ଜ ଜିଲ୍ଲା ସଭାପତି କାନ୍ଦରା ସୋରେନ, ରାଜ୍ୟ ପରିଷଦ ସଭ୍ୟ ବଦ୍ରୀ ଧଳ, ପୂର୍ବତନ ଜିଲ୍ଲାପରିଷଦ ରଞ୍ଜିତା ସ୍ୱାଇଁ, ଜିଲ୍ଲା ଉପସଭାପତି ଜଗବନ୍ଧୁ ଦାସ ଓ ବରିଷ୍ଠ ନେତା ରାଜୀବଲୋଚନ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବିଷ୍ଣୁ ସେଠୀଙ୍କର କାର୍ଯ୍ୟଶୈଳୀ ଓ ମହାନତା ଉପରେ ଆଲୋକପାତ କରିବା ସହ ଆଗାମୀ ଉପନିର୍ବାଚନ ପାଇଁ ନିଜ ସପକ୍ଷରେ ବହୁମତ ସାବ୍ୟସ୍ତ କରିବାକୁ ଅନୁରୋଧ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନଭେମ୍ବର ୧୨ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର, ୨୦/୧୦(ନି.ପ୍ର): ଆସନ୍ତା ନଭେମ୍ବର ୧୨ ତାରିଖ ଶନିବାର ଦିନ ଖୋର୍ଦ୍ଧା ଜିଲ୍ଲାରେ କାର୍ଯ୍ୟରତ ଥିବା ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରର ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ବଣପୁର, ଜଟଣୀ, ଚିଲିକା ଓ ଗ୍ରାମ୍ୟ ନ୍ୟାୟାଳୟ ଟାଙ୍ଗୀ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନସେବା ପ୍ରାଧୀକରଣଙ୍କ ସଚିବ ସୌଦାମିନୀ ସିଂ ପ୍ରକାଶ କରିଛନ୍ତି। ଉକ୍ତ ଲୋକ ଅଦାଲତରେ ରଫାଯୋଗ୍ୟ ଫୌଜଦାରୀ ମାମଲା, ଚେକ ବାଉନ୍ସ ମାମଲା, ବ୍ୟାଙ୍କରଣ ଅନାଦେୟ ମାମଲା, ଗାଡିମୋଟର ଦୁର୍ଘଟଣା ଜନିତ ମାମଲା, ଶ୍ରମବିବାଦ ମାମଲା, ଜଳ, ବିଦ୍ୟୁତ ଅନାଦେୟ ମାମଲା, ବୈବାହିକ ମାମଲା, ଜମି ଅଧିଗ୍ରହଣ, ଖାଉଟି ଚାକିରି ଏବଂ ଅବସର ସମ୍ବନ୍ଧୀୟ ମାମଲା, ରାଜସ୍ୱ, ଦେୱାନୀ ଓ ଅନ୍ୟାନ୍ୟ ଜନ ଉପଯୋଗୀ ମାମଲାମାନ ବିଭାଗୀୟ ଅଦାଲତରେ ଆଗତ କରାଯିବ ବୋଲି ଜଣାପଡିଛି। ଜନସାଧାରଣ ଯଦି ଉକ୍ତ ମାମଲାର ଅପୋଷ ସମାଧାନ ମାଧ୍ୟମରେ ଲୋକ ଅଦାଲତରେ ସମାଧାନ କରିବାକୁ ଚାହୁଁଛନ୍ତି, ସେମାନେ ଅଦାଲତର ଆଗୁଆ ଦ୍ୱାରସ୍ଥ ହୋଇ ଏହାର ଫଇସଲା କରିପାରିବେ ବୋଲି ସଚିବ ପ୍ରକାଶ କରିଛନ୍ତି। ଯଦି କୌଣସି କୋର୍ଟ କଚେରୀରେ ଆପଣଙ୍କର ମାମଲା ବିଚାରଧୀନ ଅଛି, ଅଥବା ଆପଣଙ୍କର କାହା ସହିତ ବିବାଦ ରହିଛି, ନତୁବା ଆପଣଙ୍କର କୌଣସି ଅଦାଲତରେ ମାମଲା ବିଚାରଧିନ ନଥାଇ ଆପଣ ନିଜନିଜର ବିବାଦର ପ୍ରାକ ମୋକଦ୍ଦମା ସମ୍ବନ୍ଧରେ ମାମଲାର ଦାୟର ଓ ଏହାର ଫଇସଲା କରିବା ପାଇଁ ଚହୁଁଛନ୍ତି, ତା'ହେଲେ ନିକଟସ୍ଥ ଆଇନ ସେବା କାର୍ଯ୍ୟଳୟକୁ ଯାଇ ନିର୍ଦ୍ଧାରିତ ଆବେଦନ ଫର୍ମରେ ଆବେଦନ କରିବା ହେବେ ବୋଲି ଜନସାଧାରଣଙ୍କୁ ସୂଚନା ଦିଆଯାଇଅଛି। ଉକ୍ତ ଲୋକ ଅଦାଲତରେ ମାମଲାର ଫଇସଲା ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନହିଁ ଓ ଲୋକ ଅଦାଲତର ରାୟ ଚୁଡ଼ାନ୍ତ ବୈଧ ଓ ଫଳପ୍ରଦ ଯୋଗ୍ୟ ଅଟେ।

## ଖଡୁପାହିରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର,୨୦/୧୦(ନି.ପ୍ର): ସମାଜସେବୀ ଇଂ. ବିଶ୍ୱନାଥ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ରେମୁଣା ବ୍ଲକ ଅନ୍ତର୍ଗତ ତୁଣ୍ଡୁରା ପଞ୍ଚାୟତର ଖଡୁପାହି ଉପ୍ରା ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିବେକାନନ୍ଦ ଦାସ, କୋଲକାତାରୁ ଡାକ୍ତର କଙ୍କରନାଥ ରାୟ, ବାଲେଶ୍ୱରରୁ ଡାକ୍ତର ମମତା ସାହୁ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଲୋକଙ୍କୁ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ଗୁଡୁପାହି ସମେତ ଉପକୂଳବର୍ତ୍ତୀ ୫/୭ଖଣ୍ଡ ଗାଁ'ରୁ ଶହଶହ ଲୋକେ ଏହି ଶିବିରରେ ଡାକ୍ତର ଦେଖାଇ ଔଷଧ ନେଇଥିଲେ। ତୁଣ୍ଡୁରା ସରପଞ୍ଚ ଗଙ୍ଗାରାଣୀ ସାହୁ, ସ୍ଥାନୀୟ ୱାର୍ଡ଼ ମେମ୍ବରରାଜକୁମାର ଗିରି, କାର୍ତ୍ତିକ ଚନ୍ଦ୍ର ଦାସ, କମଳାକାନ୍ତ ଓଝା, ସୁକମଳ ଗିରି, ନରେନ୍ଦ୍ର ହାଜରାଙ୍କ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ କୁମାର ଦାସଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ଶିବିର ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କର୍ଣ୍ଣେଲ ସରୋଜ କୁମାର ସାମନ୍ତରାୟଏହି ଶିବିରକୁ ଉଦଘାଟନ କରିଥିବା ବେଳେ କ୍ରୀଡ଼ାବିତ ଦିଲୀପ କୁମାର ଦାସ, ରସାଲପୁର ସରପଞ୍ଚ ହରିପଦ ବେହେରାଅରୂପ କୁମାର ନାୟକ, ମନୋଜ କୁମାର ମହାନ୍ତି, ମାନସ ଦାସ ଜୟକୃଷ୍ଣ ପରିଡ଼ା ପ୍ରମୁଖ ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଦିଲ୍ଲୀ ଯିବେ ଓଡିଶାର କଂଗ୍ରେସ ନେତା

ଭୁବନେଶ୍ୱର, ୨୦/୧୦ (ନି.ପ୍ର): ଦିଲ୍ଲୀ ଯିବେ ଓଡିଶାର କଂଗ୍ରେସ ନେତୃବୃନ୍ଦ। ଆସନ୍ତା ୨୬ ତାରିଖ ସକାଳେ ଦିଲ୍ଲୀ ୨୪ ଆକବର ରୋଡ଼ ସ୍ଥିତ ଅଖିଳ ଭାରତ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟ ଠାରେ ନବନିର୍ବାଚିତ ଅଖିଳ ଭାରତ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଦଳୀୟ ନିର୍ବାଚନରେ ଜିତିଥିବାର ପ୍ରମାଣପତ୍ର ମୁଖ୍ୟ ନିର୍ବାଚନ କର୍ତ୍ତୃପକ୍ଷ ମଧୁସୂଦନ ମିସ୍ତ୍ରୀ ପ୍ରଦାନ କରିବେ। ଏହି ଉପଲକ୍ଷେ ନୂଆ ଦିଲ୍ଲୀ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟ ଠାରେ ଏକ ସଭାର ଆୟୋଜନ କରାଯାଇଛି। ଏହି ସଭାକୁ ସିଡବ୍ଲୁସି ମେମ୍ବର, ପ୍ରଦେଶ କଂଗ୍ରେସ ସଭାପତି, ସିଏଲପି ନେତା, ବିଧାନ ପରିଷଦର କଂଗ୍ରେସ ନେତା, ଏଆଇସିସି କର୍ମକର୍ତ୍ତା, ଅଖିଳ ଭାରତ ଜାତୀୟ କଂଗ୍ରେସ ର ସମସ୍ତ ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ, ସାଂସଦ, ପୂର୍ବତନ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ, କଂଗ୍ରେସ ଶାସିତ ରାଜ୍ୟର ମନ୍ତ୍ରୀବୃନ୍ଦ, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଓ ପୂର୍ବତନ କଂଗ୍ରେସ ବିରୋଧି ଦଳ ନେତା, ପ୍ରଦେଶ କଂଗ୍ରେସର କାର୍ଯ୍ୟକାରୀ ସଭାପତି ବୃନ୍ଦଙ୍କୁ ଏହି ସଭାକୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରାଯାଇଛି ବୋଲି ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

# ଆରଟିଓ ଅଫିସ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ୬ ଦଲାଲ ଗିରଫ

ବାଲେଶ୍ୱର,୨୦/୧୦(ନି.ପ୍ର): ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟସ୍ଥତା କରି ସାଧାରଣ ଲୋକଙ୍କଠାରୁ ଅର୍ଥ ଶୋଷଣ କରୁଥିବା ୬ ଦଲାଲଙ୍କୁ ପୁଲିସ ଗୁରୁବାର ଗିରଫ କରିଛି। ଡାକ୍ତରଖାନା ପରିସରରୁ ଟାଉନ ଥାନା ପୁଲିସ ଗିରଫ କରିଥିବା ଅଭିଯୁକ୍ତମାନେ ହେଲେ ସିଂଲା ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଅଞ୍ଚଳର ପଞ୍ଚାନନ ସାମଲଙ୍କ ପୁତ୍ର ହରି ଓରଫ ହରେନ୍ଦ୍ର ସାମଲ (୪୦), ସହଦେବଖୁଣ୍ଟା ଥାନା ଅନ୍ତର୍ଗତ କେଶପୁର ଅଞ୍ଚଳର ଶିବ ପାଣିଗ୍ରାହୀଙ୍କ ପୁତ୍ର ରବୀନ୍ଦ୍ର ପାଣିଗ୍ରାହୀ (୪୫) ଓ ଟାଉନଥାନା ଅନ୍ତର୍ଗତ ତନ୍ତିସାହି ଅଞ୍ଚଳର ସ୍ୱର୍ଗତ ଗିରିଧାରୀ ଦାସଙ୍କ ପୁତ୍ର ରଶ୍ମିରଞ୍ଜନ ଦାସ (୩୬)। ଅଭିଯୁକ୍ତମାନେ ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ତାଙ୍କ ପରିବାରଙ୍କୁ ସାହାଯ୍ୟ କରିବା ଆଳରେ ଅର୍ଥ ଆଦାୟ କରୁଥିଲେ। ସେହିଭଳି ଆରଟିଓ କାର୍ଯ୍ୟାଳୟ ପରିସରରୁ ଶିକ୍ଷାଞ୍ଚଳ ଥାନା ପୁଲିସ ଗିରଫ କରିଥିବା ବ୍ୟକ୍ତିମାନେ ହେଲେ ଜଳେଶ୍ୱର ଥାନା ଅନ୍ତର୍ଗତ ବିରିସପୁର ଅଞ୍ଚଳର ସ୍ୱର୍ଗତ ସନ୍ତୋଷ କୁମାର ଘୋଷାଲଙ୍କ ପୁତ୍ର ଅମରନାଥ ଘୋଷାଲ (୫୮), ସୋର ଜଗନ୍ନାଥପୁର ଅଞ୍ଚଳର ମହେନ୍ଦ୍ର ପ୍ରସାଦ ସ୍ୱାଇଁଙ୍କ ପୁତ୍ର ଦୀପ୍ତିକାନ୍ତ ସ୍ୱାଇଁ (୪୫) ଓ ବସ୍ତା ଛଚିନା ଅଞ୍ଚଳର ମୁରଲୀଧର ସାହୁଙ୍କ ପୁତ୍ର ଗଗନ ଚନ୍ଦ୍ର ସାହୁ (୩୯)। ପଞ୍ଜୀକରଣ, ରେଜିଷ୍ଟ୍ରେସନ ନବୀକରଣ, ଡ୍ରାଇଭିଂ ଲାଇସେନ୍ସ, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଆଦି କାର୍ଯ୍ୟ କରାଇଦେବା ପାଇଁ ଅଭିଯୁକ୍ତମାନେ ଲୋକଙ୍କଠାରୁ ଅର୍ଥ ଆଦାୟ କରିଚାଲିଥିଲେ। ପୁଲିସ ଉଭୟ ଆରଟିଓ ଅଫିସ ଓ ଡାକ୍ତରଖାନାରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୬ ମୋବାଇଲ ଫୋନ, ଡାକ୍ତରଖାନାର ଓପିଡି ଟିକଟ, ଆଧାର କାର୍ଡ଼, ଡାଇଗ୍ନୋଷ୍ଟିକ ସେଣ୍ଟର ରସିଦ, ଡ୍ରାଇଭିଂ ଲାଇସେନ୍ସ, ୧୬ ହଜାର ଟଙ୍କା ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରାଯାଇଛି। ଏନେଇ ଦୁଇ ଥାନା ପକ୍ଷରୁ ଦୁଇଗୋଟି ମାମଲା ରୁଜୁ ସହ ଅଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# 'ମଲିକ ଡାଇଗ୍ନୋଷ୍ଟିକ ସେଣ୍ଟର' ଉଦ୍‌ଘାଟିତ



ବାଲେଶ୍ୱର,୨୦/୧୦(ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ଉନ୍ନତ ଚିକିତ୍ସା ସେବା ପାଇଁ ସଠିକ ନିଦାନ (ଡାଇଗ୍ନୋଷ୍ଟିକ)ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଆପୋଲୋ ଡାଇଗ୍ନୋଷ୍ଟିକର ଅନୁବନ୍ଧିତ ଶାଖା 'ମଲିକ ଡାଇଗ୍ନୋଷ୍ଟିକ ସେଣ୍ଟର' ବାଲେଶ୍ୱର ସହରରେ ଗୁରୁବାର ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ସିନେମାଛକ ସିଦ୍ଧି ବିନାୟକ ମନ୍ଦିର ନିକଟସ୍ଥ ଏହି ଡାଇଗ୍ନୋଷ୍ଟିକ କେନ୍ଦ୍ରକୁ ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ରେବତୀ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା ମିଳିତ ଭାବେ ଉଦଘାଟନ କରିଥିଲେ। ବିଭିନ୍ନ ରୋଗର ସଠିକ ନିଦାନ ପାଇଁ ଏହି ଡାଇଗ୍ନୋଷ୍ଟିକ ସେଣ୍ଟର ବାଲେଶ୍ୱରବାସୀଙ୍କ ନିମନ୍ତେ ବେଶ ଉପାଦେୟ ସାବ୍ୟସ୍ତ ହେବ ବୋଲି ଅତିଥି ଦ୍ୱୟ ଆଶା ପ୍ରକାଶ କରିଥିଲେ। ତେବେ ସମାଜର ସବୁବର୍ଗର ଲୋକଙ୍କ ସୁବିଧା ପାଇଁ ମୂଲ୍ୟ ଧାର୍ଯ୍ୟରେ କିଛିଟା ରିଆତି ପ୍ରଦାନ ନିମନ୍ତେ ସେମାନେ କେନ୍ଦ୍ରର କର୍ତ୍ତୃପକ୍ଷକୁ ପରାମର୍ଶ ଦେଇଥିଲେ। 'ସମାଜ' ଉତ୍ତର ଓଡ଼ିଶା ମୁଖ୍ୟ ମଧୁସୂଦନ ଦାସ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ସମାଜ ବାଲେଶ୍ୱର ଡେସ୍କ ଇନଚାର୍ଜ ଶଶିରଂଜନ ମଲିକ, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, କାଉନସିଲର ଶେଖ ଆୟୁବ, ସମାଜସେବୀ ବିକ୍ରମ ପଣ୍ଡା, ସରୋଜ କୁମାର ଲେଙ୍କା, ମନୋଜ ରାଉତ, ଡିପିଏମ ଅନୀଲ କୁମାର ମହାନ୍ତି ପ୍ରମୁଖ ଡାଇଗ୍ନୋଷ୍ଟିକ ସେଣ୍ଟର ଉଦଘାଟନୀ ଉତ୍ସବରେ ଯୋଗ ଦେଇ ଏହା ସଠିକ ନିଦାନ କ୍ଷେତ୍ରରେ ଜିଲାବାସୀଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି ଆଶା ପ୍ରକଟ କରିଥିଲେ। ଏହି ନିଦାନ କେନ୍ଦ୍ରର ପରିଚାଳନା ନିର୍ଦ୍ଦେଶକ ଡାକ୍ତର ମଲିକ ଏହେରାଜ ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିବା ସହିତ ଡାଇଗ୍ନୋଷ୍ଟିକ ପାଇଁ ଉପଲବ୍ଧ ସ୍ୱଳ୍ପ ମୂଲ୍ୟର ପ୍ୟାକେଜ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ଡ୍ରାମା ଅନୁଷ୍ଠିତ



ବାରିପଦା,୨୦/୧୦(ନି.ପ୍ର): ମୟୂରଭଂଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜିଲ୍ଲା ସ୍ତରୀୟ ବିଜ୍ଞାନ ଡ୍ରାମା ବାରିପଦା ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟେର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜ୍ଞାନ ପରିଦଶର୍କ ଜ୍ଞାନ ରଂଜନ ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମେର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ ମୁଖ୍ୟ ଅତିଥି ଭାବେ ଯୋଗେଦଇ ଛାତ୍ର ଛାତ୍ରୀମାନଙ୍କୁ ବୈଜ୍ଞାନିକ ଚିନ୍ତାଧାରାର ପରିପ୍ରକାଶ ନିମିତ ବିଜ୍ଞାନ ଡ୍ରାମା ଏକ ଶିକ୍ଷଣୀୟ କାର୍ଯ୍ୟକ୍ରମ ବୋଲି କହିଥିଲେ । କଂଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଂଜୟ କୁମାର କଲିଆ ସ୍ୱାଗତ ଭାଷଣ ଦେଇଥିଲେ । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚିତାକଷର୍କ ଅଭିନୟ କରିଥିବା ବେଳ, ବିଚାରକ ଭାବେ ନାଟ୍ୟକାର ଆଶିଷ କୁମାର ବସା ଓ ଅଧ୍ୟାପକ ରାଜେଶ କୁମାର ଦାଶ ଯୋଗ ଦେଇଥିଲେ । ଶ୍ରେଷ୍ଠ ବିବେଚିତ ବେତନଟୀ ବ୍ଲକର ରଘୁନାଥ ହାଇସ୍କୁଲର ପ୍ରଦର୍ଶିତ ଯାଦୁଗର ଡ୍ରାମା ଜୋନାଲ ସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତଯୋଗିତାରେ ଅଂଶଗ୍ରହଣ ପାଇଁ ମେନାନୀତ ହୋଇଛି । ପୁରସ୍କାର ବିତରଣ ଉତ୍ସବେର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ କୃତୀ ଦଳକୁ ପୁରସ୍କୃତ କରିଥିଲେ । ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ବସନ୍ତ କୁମାର ଦତ, ତପନ କୁମାର ବାରିକ, ମେନାଜ କୁମାର ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହେଯାଗ କରିଥିବା ବେଳ, ପୂର୍ବତନ ବିଜ୍ଞାନ ପରିଦଶର୍କ ଜଗନ୍ନାଥ ସାହୁ ଧନ୍ୟବାଦ ଅପର୍ଣ କରିଥିଲେ ।

## ରାଜଧାନୀରେ ୪ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୨୦/୧୦(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଗୁରୁବାର ମୋଟ ୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୬ ହଜାର ୯୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୪ ହଜାର ୪୩୨ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୪୪୬ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି।

# ପ୍ରସ୍ତାବିତ ଜେଏସଡବ୍ଲ୍ୟୁ ସହଯୋଗୀ କମ୍ପାନୀ ପାଇଁ ସୁରକ୍ଷା କର୍ମୀ ଚୟନ ପ୍ରକ୍ରିୟା ଆରମ୍ଭ



ପାରାଦ୍ୱୀପ,୨୦/୧୦(ନି.ପ୍ର): ଜଗତସିଂହପୁର ଜିଲ୍ଲାର ପାରାଦୀପ ଓ କେଉଁଝର ଠାରେ ଥିବା ଜେ ଏସ ଡ ବ୍ଲୁ ସହଯୋଗୀ କମ୍ପାନୀ ପାଇଁ ସୁରକ୍ଷା କର୍ମୀ ଚୟନ ପ୍ରକ୍ରିୟା ଆଜି କମ୍ପାନୀର ପ୍ରସ୍ତାବିତ ଅଞ୍ଚଳ ମାହାଳ ଠାରେ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ତାଲିମ ଆରମ୍ଭରେ ସମୁଦାୟ ୧୨୦ ଜଣ ସୁରକ୍ଷା କର୍ମୀ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ବେଳେ ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ ଅଞ୍ଚଳର ୪୦ ଜଣ ଉତ୍ସାହୀ ଯୁବକ ଏଥିରେ ସାମିଲ ହୋଇଛନ୍ତି। ବିଜ୍ଞପ୍ତି ଅନୁସାରେ ଜେ ଏସ ଡବ୍ଲ୍ୟୁ ପ୍ରସ୍ତାବିତ ଢ଼ିଙ୍କିଆ ନୂଆଗାଁ ଏବଂ ଗଡ଼କୁଜଙ୍ଗ ପଞ୍ଚାୟତରେ ଏହି ସୁରକ୍ଷା କର୍ମୀ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏହି ସୁରକ୍ଷା କର୍ମୀ ଚୟନ ପାଇଁ ବୟସ ୧୮ ରୁ ୩୫ ବର୍ଷ ହୋଇଥିବା ବେଳେ ଉଚ୍ଚତା ପାଞ୍ଚ ଫୁଟ୍ ଛଅ ଇଞ୍ଚ୍ ରହିଛି। ଯୋଗ୍ୟ ପ୍ରାର୍ଥୀ ମାନଙ୍କର ପରବର୍ତ୍ତୀ ସମୟରେ ପୋଲିସ ଭେରିଫିକେସନ ଓ ମେଡିକାଲ ପ୍ରମାଣ ପତ୍ର ଦାଖଲ କରିବେ। ଏହି ବର୍ଗର ନିଯୁକ୍ତି ଛଅ ମାସ ପାଇଁ ଚୁକ୍ତି ବଦ୍ଧ ରହିବ। ପରବର୍ତ୍ତୀ ସମୟରେ ଭଲ ଦକ୍ଷତା ଓ କୌଶଳ ହାସଲ କରିଥିବା ଯୋଗ୍ୟ ପ୍ରାର୍ଥୀ ମାନଙ୍କର ସମୟ ସୀମା ବୃଦ୍ଧି କରାଯିବ। ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ସର୍ବନିମ୍ନ ଦରମା ଦେବା ପାଇଁ କମ୍ପାନୀ ସ୍ୱୀକୃତି ବଦ୍ଧ ରହିଛି। ତେବେ ରାସନ୍ କାର୍ଡ ଧାରୀ ପରିବାର ମଧ୍ୟରୁ ଜଣଙ୍କୁ ଏହି ସୁଯୋଗ ମିଳିବ। ଏକ ମାସ ଧରି ଏହି ତାଲିମ କାର୍ଯ୍ୟକ୍ରମ କରାଯିବ। ଏହି ତାଲିମ ସମୟ ରେ ସକାଳୁ ପିଟି, ପ୍ୟାରେଡ,ଡ୍ରିଲ ଓ ପରେ ଥିଓରୀ ପାଠ୍ୟକ୍ରମର ତାଲିମ ପ୍ରଦାନ କରାଯାଉଛି। ଏହି ତାଲିମ ସମୟରେ ସେମାନଙ୍କୁ ମାଗଣାରେ ଖାଦ୍ୟ, ପୋଷାକ,ଯୋତା ସହିତ ସମସ୍ତ ସାମଗ୍ରୀ ପ୍ରଦାନ କରାଯାଇଛି। ଏହା ପରେ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଯୋଗ୍ୟ ପ୍ରାର୍ଥୀ ଚୟନ ଓ ତାଲିମ ପ୍ରଦାନ କରାଯିବ।

# କେନ୍ଦ୍ରାପଡାର ନୂଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦/୧୦(ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁବାର କେନ୍ଦ୍ରାପଡା ଜିଲ୍ଲାର ନୂଆ ମୁଖ୍ୟ ଚିକିତ୍ସାଳୟ କମ୍ପ୍ଲେକ୍ସର ଉଦ୍‌ଘାଟନ କରିଛନ୍ତି। ଏହି ନୂତନ ଚିକିତ୍ସାଳୟ କମ୍ପ୍ଲେକ୍ସରେ ୨୦୦ଟି ଶଯ୍ୟା ଥିବାବେଳେ ଅତ୍ୟାଧୁନିକ ଓପିଡି ୟୁନିଟ, କାଜୁଆଲଟି ଓ ଟ୍ରମାକେୟାର, ୫ ଶଯ୍ୟା ବିଶିଷ୍ଟ ଟ୍ରମା ଆଇସିୟୁ, ରେଡିଓଲୋଜି, ଏମଆରଆଇ ସିଟି ସ୍କାନ ସୁବିଧା, ଉନ୍ନତ ଧରଣର ଓଟି କମ୍ପ୍ଲେକ୍ସ, ୧୫ ଶଯ୍ୟା ବିଶିଷ୍ଟ ଏସଏନସିୟୁ ସହିତ କଙ୍ଗାରୁ ମାତୃସେବା ସୁବିଧା, ୩୪ ଶଯ୍ୟା ବିଶିଷ୍ଟ ଆଇସିୟୁ ବ୍ୟବସ୍ଥା କରାଯାଇଛି। ଭର୍ଚୁଆଲ ଜରିଆରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହି ଆଧୁନିକ ହସ୍‌ପିଟାଲ କେନ୍ଦ୍ରାପଡା ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୂପାନ୍ତର ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଜିଲ୍ଲାର ରୋଗୀମନଙ୍କୁ ଆଉ ଚିକିତ୍ସା ପାଇଁ ଆଉ କଟକ ବା ଭୁବନେଶ୍ୱର ଯିବା ଆବଶ୍ୟକ ନାହିଁ। ନିଜ ଜିଲ୍ଲାରେ ହିଁ ସେମାନେ ଉତମ ସ୍ୱାସ୍ଥ୍ୟସେବା ପାଇପାରିବେ। ଡାକ୍ତର ଓ ପାରାମେଡିକ୍ସ ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତେଣୁ, ଆପଣମାନେ ନିଷ୍ଠାର ସହ ରୋଗୀର ସେବା କରନ୍ତୁ। ରୋଗୀର ମୁହଁରେ ହସ ଓ ମନରେ ବିଶ୍ୱାସ ହିଁ ଆପଣମାନଙ୍କ ପାଇଁ ଏବଂ ଆମ ସମସ୍ତଙ୍କ ପାଇଁ ବଡ ପୁରସ୍କାର ହେବ ଓ ଆମ ପାଇଁ ସନ୍ତୋଷ ଆଣିପାରିବ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶିକ୍ଷ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଲେ ଯେ କେନ୍ଦ୍ରାପଡା ହେଉଛି ବିଜୁ ବାବୁଙ୍କ କର୍ମ ଭୂମି । କେନ୍ଦ୍ରାପଡାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଛି। ଆଜି କେନ୍ଦ୍ରାପଡା ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ମାଇଲ ଖୁଂଟ ସ୍ଥାପିତ ହୋଇଛି ବୋଲି ସେ କହିଥିଲେ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ କହିଲେ ଯେ ଆଜି କେନ୍ଦ୍ରାପଡାବାସୀଙ୍କ ପାଇଁ ଏକ ଗର୍ବ ଓ ଗୌରବର ଦିନ। ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ୧୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ଦେଇଛନ୍ତି। ଜିଲ୍ଲାର ସମସ୍ତ ହେଲ୍‌ଥ ସେଂଟରର ଭିତିଭୂମିର ଉନ୍ନତି ପାଇଁ ଅର୍ଥ ଯୋଗାଇ ଦେଇଛନ୍ତି। । କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ତାଙ୍କ ବକ୍ତବ୍ୟରେ କେନ୍ଦ୍ରାପଡାରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ଉଚ୍ଚପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଅଣ ସଂକ୍ରାମକ ରୋଗର ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ



ବାଲେଶ୍ୱର,୨୦/୧୦(ନି.ପ୍ର): ବାଲେଶ୍ୱର ଜିଲ୍ଲାର ୨୪ ନଂ ୱାର୍ଡ ବାରବାଟୀ ବୁଢ଼ା କାର୍ତ୍ତିକ ମଣ୍ଡପରେ କାଉନସିଲର ଶ୍ରୀମତୀ ମୀନା ମହାନ୍ତିଙ୍କ ସଭାପତିତ୍ୱରେ ଅଣ ସଂକ୍ରାମକ ରୋଗର ତ୍ରୈମାସିକ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ମହା ଆଡମ୍ବରେ ପରିଚାଳିତ ହୋଇଥିଲା। ଏହି ଶିବିରକୁ ବାଲେଶ୍ୱର ଜିଲ୍ଲାର ସଦର ବିଧାୟକ ସ୍ୱରୂପ କୁମାର ଦାସ ଉଦଘାଟନ କରିଥିଲେ। ଏପରିକି ଶିବିରରେ କାଉନସିଲର କୈଳାସ ସେଠୀ , ମନୋଜ ରାଉତ୍, ସମାଜ ସେବୀ ସୁବୋଧ ମହାନ୍ତି , ସୁବର୍ଣ୍ଣା ଦେ ଓ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି କର୍ମ କର୍ତ୍ତା ଏବଂ ଗାଁର ବୟଜ୍ୟେଷ୍ଠ ଗୁରୁଜନ ଓ ଗ୍ରାମ ବାସୀ ଯୋଗ ଦେଇ ଥିଲେ । ଏପରି ବିଧାୟକ ସ୍ୱରୂପ କୁମାର ଦାସ ଅଭିଭାଷଣରେ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଶଂସା କରି କହିଥିଲେ ଯେ ମୁଖ୍ୟ ମନ୍ତ୍ରୀ ଲୋକଙ୍କ ସ୍ୱାସ୍ଥ୍ୟ କୁ ନେଇ ଯତ୍ନ ବାନ୍ ଅଛନ୍ତି ତେଣୁ ସେ ଏହାକୁ ପରିଚାଳିତ କରୁଛନ୍ତି । ଏପରିକି ମୀନା ମହାନ୍ତି କହିଥିଲେ ୨୪ ନଂ ୱାର୍ଡ ଗାଁ ରେ ଲୋକେ ଏହା ଛଡା ବିଭିନ୍ନ ଗାଁ ର ଲୋକେ ନିଜ ସ୍ୱାସ୍ଥ୍ୟ ପ୍ରତି କିପରି ଯତ୍ନ ବାନ ହେବେ ସେଥିପାଇଁ ଏହି ଶିବିର ର ଆୟଜନ କରାଯଇଛି । ଏପରିକି ସମାଜ ସେବୀ ସୁବୋଧ ମହାନ୍ତି କହିଥିଲେ ଯେ ଲୋକ ମାନେ ସତପ୍ରବୃତ ଭାବରେ ବହୁ ସଂଖ୍ୟାରେ ସ୍ୱାସ୍ଥ୍ୟ ଶିବିରରେ ଯୋଗ ଦାନ କରିଥିବାରୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ । ଏହି ଶିବିର ବହୁ ନାରୀ ନେତ୍ରୀ ଙ୍କ ଦ୍ୱାରା ପରିଚଳିତ ହୋଇଥିଲା ।

# ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା : ଦେବୀଙ୍କୁ ତିନି ସ୍ୱର୍ଣ୍ଣ ଗୋଟିଏ ରୌପ୍ୟ



ବାରିପଦା,୨୦/୧୦(ନି.ପ୍ର): ଚଳିତ ମାସ ମହାରାଷ୍ଟ୍ର ର ନାଗପୁର ଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ମୟୁରଭଞ୍ଜ ଜିଲାରୁ ଦେବୀ ସିଂ ଓଡିଶା ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରି ସଫଳତା ଲାଭ କରିଛନ୍ତି । ଦେବୀ ସିଂ ୬୬ କେଜି ବର୍ଗରେ ତିନି ଗୋଟି ସ୍ୱର୍ଣ୍ଣ ପଦକ ସହ ଗୋଟିଏ ରୌପ୍ୟ ପଦକ ପାଇଛନ୍ତି । ଦେବୀ ଙ୍କୁ ସ୍କ୍ୱାଟ ଏବଂ ବେଞ୍ଚପ୍ରେସ ରେ ସ୍ୱର୍ଣ୍ଣ, ଡେଡଲିଫ୍ଟରେ ରୌପ୍ୟ ପଦକ ମିଳିଥିବା ବେଳେ ସର୍ବମୋଟରେ ମଧ୍ୟ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ଏଥି ସହିତ ବେଞ୍ଚପ୍ରେସରେ ଜାତୀୟ ରେକର୍ଡ ସ୍ଥାପନ ସ୍ଥାପନ କରିଛନ୍ତି । ସୂଚନା ଯୋଗ୍ୟକି ଦେବୀ ସିଂ ପୂର୍ବରୁ ମଧ୍ୟ ବହୁବାର ରାଜ୍ୟ ଏବଂ ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ସଫଳତା ହାସଲ କରିବା ସହ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ଏଥି ସହିତ ଷ୍ଟ୍ରଙ୍ଗ ଅମେନ ଅଫ ଓଡିଶା ଏବଂ ଷ୍ଟ୍ରଙ୍ଗ ଅମେନ ଅଫ ଇଣ୍ଡିଆ ଆଖ୍ୟା ମଧ୍ୟ ଅର୍ଜନ କରିଛନ୍ତି । ଦେବୀ ସିଂ ଙ୍କ ଏହି ସଫଳତା ଲାଗି ମୟୁରଭଞ୍ଜ ଶକ୍ତି ଉତ୍ତୋଳନ ସଂଘର ସଂପାଦକ ନବ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ରବିନ୍ଦ୍ର କୁମାର ମହାନ୍ତି, ସତ୍ୟବ୍ରତ ବେହେରା, ରାଜେନ୍ଦ୍ର କୁମାର ପରିଡା, ସୁମିତ ସାହୁ ପ୍ରମୁଖ ଶୁଭେଛା ଜଣାଇବା ସହ ତାଙ୍କୁ ମୟୁରଭଞ୍ଜ ଜିମ୍ନାସିୟମ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଅଛି ।

# ଦିବ୍ୟାଙ୍ଗ କନକଲତା ଓ ଗିରିଶଙ୍କୁ ଘରେ ମିଳିଲା ଭତ୍ତା



ଖଇରା,୨୦/୧୦(ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଗନଧୂଳି ପଞ୍ଚାୟତ ଅଧୀନ ଗଣ୍ଡୁଆ ଗ୍ରାମର ଦିବ୍ୟାଙ୍ଗ ମହିଳା କନକଲତା ନାୟକ(୩୮) ଓ ରାଇଗଡିଆ ଗ୍ରାମର ଦିବ୍ୟାଙ୍ଗ ନାବାଳକ ଗିରିଶ ରାମ(୧୨) ବହୁଦିନରୁ ଭତ୍ତା ପାଇଁ ନେତା ପ୍ରଶାସନ ନିକଟରେ ଗୁହାରି କରି ଆସୁଥିଲେ। ବୁଧବାର ଖଇରା ବ୍ଲକ ସାମାଜିକ ସୁରକ୍ଷା ଅଧୀକାରିଣୀ ସାଲିମା ରାଉତ ସ୍ଥାନୀୟ ସରପଞ୍ଚ ମଦନ ସାନ୍ତରା ଓ ନିର୍ବାହୀ ଅଧିକାରୀ ବିରେନ୍ଦ୍ର କୁମାର ଜେନାଙ୍କ ସହ ଉକ୍ତ ୨ଗ୍ରାମକୁ ଯାଇ ୨ଦିବ୍ୟାଙ୍ଗଙ୍କୁ ତାଙ୍କ ଘରେ ଭେଟି ଭତ୍ତା ପ୍ରଦାନ କରିଛନ୍ତି। ଭତ୍ତା ପାଇବା ପରେ ତାଙ୍କ ମୁହଁରେ ଖୁସିର ଝଲକ ଦେଖିବାକୁ ମିଳିଥିଲା।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No-(06782) 263704,267078, Fax-(06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo